




ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୨ ଅଗଷ୍ଟ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 22 AUGUST 2021
Vol.No. 32 ■ No. 214 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ତାଲିବାନ ବିରୋଧରେ ତେଜୁଛି ବିଦ୍ରୋହ

## ପଂଜଶିରରେ ଏକଜୁଟ ହେଲେ ଆଫଗାନ ସେନାଙ୍କ ସମେତ ପୂର୍ବତନ ଉପରାଷ୍ଟ୍ରପତି ଓ ପ୍ରତିରକ୍ଷା ମନ୍ତ୍ରୀ



ନୂଆଦିଲ୍ଲୀ,୨୧/୦୮: କାବୁଲ ଉପରେ ଦଖଲ ଜମାଇବା ପରେ ସାରା ଆଫଗାନିସ୍ତାନ ଦଖଲ କରିଥିବା ଦାବି କରିଛି ତାଲିବାନ । ଆଫଗାନିସ୍ତାର ସବୁ କ୍ଷେତ୍ରରେ କବ୍ଜା କରିଥିବା ତାଲିବାନ ଦାବି କରୁଥିବାବେଳେ, ସେପଟେ କିନ୍ତୁ ତା ବିରୋଧରେ ଦାନାବାନ୍ଧିଲାଣି ପ୍ରତିରୋଧ ଶକ୍ତି । କାବୁଲ ଠାରୁ ମାତ୍ର ୧୦୦ କିଲୋମିଟର ଦୂରରେ ଥିବା ପଂଜଶିରରେ ଆରମ୍ଭ ହେଲାଣି ତାଲିବାନକୁ ଟକ୍କର ଦେବାର ପ୍ରକ୍ରିୟା । କାବୁଲ ଠାରୁ ମାତ୍ର ଶହେ କିଲୋମିଟର ଦୁର ଉତରରେ ଥିବା ଏହି କ୍ଷେତ୍ରରେ ପଶିପାରିନି ତାଲିବାନ । କାରଣ ଏହାକୁ ଜଗିଛି ତାଲିବାନର କଟ୍ଟୋର ବିରୋଧୀ ନେତା ଅହମ୍ମଦ ମାସୁଦ । ଆଉ ତାଙ୍କ ସହ ଯୋଗ ଦେଇଛନ୍ତି ଆଫଗାନିସ୍ତାନର ପୂର୍ବତନ ଉପ-ରାଷ୍ଟ୍ରପତି ଅମରୁଲ୍ଲାହ ସଲେହ । ମାସୁଦ ଓ ଅମରୁଲ୍ଲାହଙ୍କ ନେତୃତ୍ୱରେ ଏକଜୁଟ ହୋଇ ଅନେକ ଆଫଗାନ ନେତା ତାଲିବାନ ବିରୋଧରେ ଯୁଦ୍ଧର ଆହ୍ୱାନ ଦେଲେଣି । ସେପଟେ ତାଲିବାନ ସେନା ଠାରୁ ପରାସ୍ତ ହୋଇଥିବା ଏବଂ ଭିନ୍ନ ଭିନ୍ନ ସ୍ଥାନରେ ଲୁଚି ରହିଥିବା ହଜାର ହଜାର ସଂଖ୍ୟାରେ ତାଲିବାନ ସେନା ପଂଜଶିରରେ ଏକଜୁଟ୍ ହୋଇଛନ୍ତି । କାବୁଲ ଉପରେ ତାଲିବାନ ଦଖଲ କରିବା ଆଗରୁ ଦେଶଛାଡି ଫେରାର ହୋଇଥିଲେ ପୂର୍ବତନ ରାଷ୍ଟ୍ରପତି ଅସରଫ ଘନି । ଆଉ ଏପଟେ ଉପ-ରାଷ୍ଟ୍ରପତି ଅମରୁଲ୍ଲାହ ପଂଜଶିରରେ ପହଁଚି ତାଲିବାନ ବିରୋଧରେ ପ୍ରତିରୋଧର ସ୍ୱର ଉଠାଇଛନ୍ତି । ସେ କହିଛନ୍ତି ତାଲିବାନ ପାଖରେ କେବେବି ମୁଣ୍ଡ ନୁଆଁଇବେ ନାହିଁ । ୧୯୯୬ ମସିହା ଠାରୁ ଭିନ୍ନ ରହିଛି ୨୦୨୧ର ଆଫଗାନିସ୍ତାନ । ଏବେ ଆଫଗାନ ବାସୀ ଚୁପଚାପ ତାଲିବାନର ଅତ୍ୟାଚାର ସହିବେ ନାହିଁ । ଫଳରେ ତାଲିବାନୀକୁ ନେଇ ଭିନ୍ନ ଭିନ୍ନ ସ୍ଥାନରେ ମୁଣ୍ଡ ଟେକିଲାଣି ବିଦ୍ରୋହ । ଏପରିକି ବିଦ୍ରୋହୀ ସେନା ମିଳିତ ହୋଇ ତାଲିବାନ ଠାରୁ ▶▶ପୃଷ୍ଠା ୭

## ତାଲିବାନକୁ ବାଇଡେନଙ୍କ କଡା ଚେତାବନୀ

## ଆମେରିକା ନାଗରିକଙ୍କ ଉପରେ ଆକ୍ରମଣ ମହଙ୍ଗା ପଡିବ



ନୂଆଦିଲ୍ଲୀ,୨୧/୦୮: କିଛି ଦିନର ବିରତି ପରେ ପୁଣି ମୁହଁ ଖୋଲିଲେ ଆମେରିକା ରାଷ୍ଟ୍ରପତି ଜୋ-ବାଇଡେନ୍ । ଆଫଗାନିସ୍ତାନରେ ଥିବା ଆମେରିକା ପ୍ରବାସୀ କିମ୍ବା ତାଙ୍କର ସୈନିକଙ୍କ ଉପରେ ତାଲିବାନ ଯଦି ଆକ୍ରମଣ କରେ ତେବେ ତାକୁ କଡା ଜବାବ ଦିଆଯିବ ବୋଲି ଶୁକ୍ରବାର ଏକ ଗଣମାଧ୍ୟମ ସମ୍ମିଳନୀରେ ତାଗିଦ୍ କରିଛନ୍ତି ବାଇଡେନ୍ ।ଆତଙ୍କବାଦ ବିରୋଧରେ ଥିବା ମସସ୍ତ ରାଷ୍ଟ୍ର ସହିତ ମିଶି ଆମେରିକା ସବୁବେଳେ କାର୍ଯ୍ୟ କରିଆସିଛି । ତେଣୁ ତାଙ୍କ ନାଗରିକଙ୍କ ଉପରେ ତାଲିବାନର ଆତଙ୍କବାଦକୁ ବି ସହ୍ୟ କରାଯିବନି ବୋଲି ସେ କହିଛନ୍ତି । ଏହାସହ ସେଠାରେ ଥିବା ଆମେରିକା ପ୍ରବାସୀଙ୍କୁ ସୁରକ୍ଷିତ ନିଜ ଦେଶକୁ ଫେରାଇ ଆଣିବାକୁ କହିବା ସହ ଆଫଗାନିସ୍ତାନରେ ସେମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିଛନ୍ତି ବାଇଡେନ୍ । କହିରଖୁଁ କି, ଗତ ଦିନରେ ଆମେରିକା ସବୁଠୁ ବଡ ଏୟାରକ୍ରାଫ୍ଟ ପଠାଇ ଆଫଗାନିସ୍ତାନରୁ ଲୋକଙ୍କୁ ସ୍ଥାନାନ୍ତର କରିଥିଲା । ଅନ୍ୟପଟେ ତାଲିବାନ ସପକ୍ଷରେ ମତ ବଦଳାଇଛନ୍ତି ▶▶ପୃଷ୍ଠା ୭

## ଗରିବ ଲୋକଙ୍କୁ ମାଗଣାରେ ଇକମୋ ଚିକିତ୍ସା ଦେବ ଏମସ୍

ଭୁବନେଶ୍ୱର,୨୧/୦୮ (ନି.ପ୍ର): ଗରିବ ଲୋକଙ୍କୁ ମାଗଣାରେ ଇକମୋ ଚିକିତ୍ସା ଯୋଗାଇବ ଭୁବନେଶ୍ୱର ସ୍ଥିତ ଏମସ୍ । ରାସନ କାର୍ଡଧାରୀ ଓ ଗରିବ ଲୋକଙ୍କୁ ମାଗଣାରେ ଏହି ଚିକିତ୍ସା ସୁବିଧା ମିଳିବ ବୋଲି ଭୁବନେଶ୍ୱର ଏମସ୍ ଅଧିକ୍ଷକ ଡାକ୍ତର ସଚ୍ଚିଦାନନ୍ଦ ମହାନ୍ତି ସୂଚନା ଦେଇଛନ୍ତି। ଗତ ଜୁଲାଇ ୧୫ରୁ ଏମସ୍ ରେ କାର୍ଯ୍ୟକ୍ଷମ ହୋଇଛି ଇକମୋ ମେସିନ। ଅପରପକ୍ଷରେ କଟକ ଏସସିବିରେ ଇକ୍ମୋ ର ୨ଟି ୟୁନିଟ୍ କରାଯାଇଛି । ପ୍ରଥମ ୟୁନିଟ୍ ରେ ୬ଟି ଓ ଦ୍ୱିତୀୟ ୟୁନିଟ୍ ରେ ୩ଟି ମେସିନ ରହିବ। ଦ୍ୱିତୀୟ ୟୁନିଟ୍ ରେ ୩ଟି ମେସିନ କୋଭିଡ୍ ରୋଗୀଙ୍କୁ ସେବା ଦେବ। ତେବେ କୋଭିଡ୍ ପରବର୍ତ୍ତୀ ଜଟିଳତା ପାଇଁ ଅନ୍ୟ ୬ଟି ମେସିନ ରହିବ।

## ପିଲାଙ୍କୁ ଜାଇଡସ୍ ଟିକା ଦେବା ନେଇ ଗାଇଡଲାଇନ୍ ଆସିନି : ଡିଏମଇଟି

ଭୁବନେଶ୍ୱର,୨୧/୦୮ (ନି.ପ୍ର): ଛୋଟ ପିଲାଙ୍କୁ ଜାଇଡସ୍ କାଡ଼ିଲା ଟିକା ଦେବା ନେଇ କୌଣସି ଜାତୀୟ ଗାଇଡଲାଇନ ଆସିନାହିଁ। ଗାଇଡଲାଇନ ଆସିବା ପରେ ଟିକା ଦେବା ପାଇଁ ବ୍ୟବସ୍ଥା କରାଯିବ। ବୁଷ୍ଟର ଡୋଜ ଦେବା ନେଇ କୌଣସି ଗାଇଡଲାଇନ ଆସିନାହିଁ। ଇସ୍ରାଏଲ ସମେତ କିଛି ଦେଶରେ ବୁଷ୍ଟର ଡୋଜ ଦିଆଯାଉଛି। ବର୍ତମାନ ଗାଇଡଲାଇନ ଆସିନାହିଁ। ଆଗକୁ ଯଦି ▶▶ପୃଷ୍ଠା ୭

## ମୁଖ୍ୟମନ୍ତ୍ରୀଙ୍କ ସହ ବିଶିଷ୍ଟ ଶିଳ୍ପପତି ଲକ୍ଷ୍ମୀ ମିତ୍ତଲଙ୍କ ସାକ୍ଷାତ



ଭୁବନେଶ୍ୱର,୨୧/୦୮(ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଦେଶର ବିଶିଷ୍ଟ ଶିଳ୍ପପତି ତଥା ଆର୍ସେଲର ମିତଲ କମ୍ପାନୀର କାର୍ଯ୍ୟନିର୍ବାହୀ ଅଧକ୍ଷ ଲକ୍ଷ୍ମୀ ନାରାୟଣ ମିତଲ । ପାଖାପାଖି ଏକ ଘଂଟା ଧରି ନବୀନ ନିବାସରେ ଭିତରେ ରହିଥିଲେ ଲକ୍ଷ୍ମୀ ମିତଲ । ଓଡ଼ିଶା ଗସ୍ତରେ ଥିବା ମିତଲ ଆଜି କେନ୍ଦ୍ରାପଡ଼ା ଗସ୍ତ କରି ସେ ଆର୍ସେଲର-ନିପ୍ପନ ଷ୍ଟିଲ ଇଣ୍ଡିଆ କମ୍ପାନୀ ପରିଦର୍ଶନ କରିବା ସହ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ । ୫୦ ହଜାର କୋଟି ଟଙ୍କା ବ୍ୟୟରେ ସେଠାରେ ଏହି ପ୍ରକଳ୍ପ ପାଇଁ ଯୋଜନା ରହିଛି । ଚଳିତମାସ ମାର୍ଚ୍ଚ ମାସରେ ରାଜ୍ୟ ସରକାରଙ୍କ ସହ ନିପ୍ପନ ଷ୍ଟିଲ ସହ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା । ଏହା ପରେ ପାରାଦିପ ବନ୍ଦର ପ୍ରଶାସନିକ ଭବନରେ ପହଂଚି ବନ୍ଦର କର୍ତ୍ତୁପକ୍ଷଙ୍କ ସହ ଆଲୋଚନା କରିଛନ୍ତି ।

## ଅଟକ ପରେ ସମସ୍ତ ଭାରତୀୟଙ୍କୁ ଛାଡ଼ିଲା ତାଲିବାନ

ନୂଆଦିଲ୍ଲୀ,୨୧/୦୮: ଅଟକ ପରେ ଭାରତୀୟଙ୍କୁ ମୁକ୍ତ କଲା ତାଲିବାନ । ସମସ୍ତ ଭାରତୀୟ ସୁରକ୍ଷିତ ଭାବେ ମୁକ୍ତ ହୋଇଛନ୍ତି । କାବୁଲ ଏୟାରପୋର୍ଟର ଏକ କମ୍ପାଉଂଡରେ ଭାରତୀୟମାନଙ୍କୁ ରଖାଯାଇଥିଲା । ସେମାନଙ୍କ ପାର୍ସପୋର୍ଟ ଓ କାଗଜପତ୍ର ଯାଂଚ କରିଥିଲେ ତାଲିବାନୀ । ଏହା ପରେ ସମସ୍ତଙ୍କୁ ମୁକ୍ତ କରାଯାଇଥିବା ଜଣାପଡ଼ିଛି । ସମସ୍ତ ଭାରତୀୟ ସୁରକ୍ଷିତ ଥିବା ଆଫଗାନିସ୍ତାନ ସାମ୍ବାଦିକଙ୍କ ପକ୍ଷରୁ କୁହାଯାଇଛି । କାବୁଲ ଏୟାରପୋର୍ଟ ବାହାରେ ଆଜି ବଡ଼ ହଲଚଲ ଦେଖିବାକୁ ମିଳିଛି । ଏୟାରପୋର୍ଟ ନିକଟରୁ ୧୫୦ରୁ ଅଧିକ ଲୋକଙ୍କୁ ତାଲିବାନୀ କିଡ୍ନାପ କରିଥିବା ସୂଚନା ମିଳିଥିଲା । ଏମାନଙ୍କ ମଧ୍ୟରେ ଏକାଧିକ ଭାରତୀୟ ଥିବା କୁହାଯାଇଥିଲା । ସ୍ୱଦେଶ ଫେରିବା ପାଇଁ ବିମାନ ବନ୍ଦର ନିକଟରେ ଅପେକ୍ଷା କରିଥିବା ବେଳେ ସେମାନଙ୍କୁ ଅପହରଣ କରାଯାଇଥିବା ଖବର ପହଂଚିଥିଲା । ହେଲେ ଅପହରଣକୁ ଖଣ୍ଡନ କରିଥିଲା ତାଲିବାନ । ତାଲିବାନ ମୁଖପାତ୍ର ଅହମଦୁଲ୍ଲା ଏପରି ଖବରକୁ ଅସ୍ୱୀକାର କରିଥିଲେ ।

## ଜନ ଆଶୀର୍ବାଦ କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କ ସହ ଯୋଡି ହେଉଛନ୍ତି କେନ୍ଦ୍ରମନ୍ତ୍ରୀ



ଭୁବନେଶ୍ୱର,୨୧/୦୮(ନି.ପ୍ର): କେନ୍ଦ୍ର ମନ୍ତ୍ରୀ ହେବା ପରେ ଜନ ଆର୍ଶୀବାଦ ଯାତ୍ରାରେ ବାହାରିଥିବା ଅଶ୍ୱିନୀ ବୈଷ୍ଣବ ଦକ୍ଷିଣ ଓ ପଶ୍ଚିମ ଓଡିଶା ଲୋକଙ୍କର ହୃଦୟ ଜିଣିବାକୁ ଜାରି ରଖିଛନ୍ତି ଭରପୂର ଉଦ୍ୟମ । ବିଭିନ୍ନ ଜିଲ୍ଲାରେ ଶୋଭାଯାତ୍ରା କରିବା ସହ ସାଧାରଣ ଲୋକଙ୍କ ସହ ମିଶୁଛନ୍ତି । ବିଭିନ୍ନ ସରକାରୀ କାର୍ଯ୍ୟର ସମୀକ୍ଷା ବି କରୁଛନ୍ତି । ଏହି ସମୟରେ ଅଶ୍ୱିନୀଙ୍କୁ ଦଳୀୟ ନେତା, କର୍ମୀ ଓ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି । କୋରାପୁଟ ଜିଲ୍ଲା ଗସ୍ତ ବେଳେ ଜୟପୁର ମୁଖ୍ୟ ଡାକଘରକୁ ଅଚାନକ ପରିଦର୍ଶନ କରିଥିଲେ ଅଶ୍ୱିନୀ । ଲୋକଙ୍କୁ କିପରି ସେବା ଯୋଗାଯାଉଛି ଓ କିପରି କାମ କରୁଛନ୍ତି ପଚାରି ବୁଝିଥିଲେ । ଏଥିସହ ମାଲକାନଗିରିରେ ଥିବା ବିଭିନ୍ନ ପୋଷ୍ଟ ଅଫିସ ଦୁର୍ନିତୀ ମାମଲାରେ ବରିଷ୍ଠ ଅଧିକାରୀଙ୍କୁ ତାଗିଦ କରିଥିଲେ । ଆଉ ୩୦ ଦିନ ଭିତରେ ତଦନ୍ତ ସାରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ମୋଦି କ୍ୟାବିନେଟରେ ଗୁରୁତ୍ୱପୂର୍ଣ୍ଣ ରେଳ ବିଭାଗର ମନ୍ତ୍ରୀ ହେବା ପରେ ଅଶ୍ୱିନୀ ବୈଷ୍ଣବଙ୍କଠାରୁ ବେଶ କିଛି ଆଶା ରଖିଛନ୍ତି ଓଡିଶାର ଜନସାଧାରଣ । ଲୋକଙ୍କ ଭାବନାକୁ ମଧ ବୁଝିଛନ୍ତି ଅଶ୍ୱିନୀ । ସେଥିପାଇଁ ପଡି ରହିଥିବା ରେଳ ବିଭାଗର କାର୍ଯ୍ୟକୁ ତ୍ୱାରାନ୍ୱିତ କରିବାକୁ ସମୀକ୍ଷା କରୁଛନ୍ତି । ଅଧିକାରୀଙ୍କ ତାଗିଦ କରିବା ସହ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପ୍ରତିଶ୍ରୁତି ଦେଉଛନ୍ତି । ପ୍ରଥମ ଦିନରେ ରେଳରେ ଯାତ୍ରା କରିବା ସହ ଦ୍ୱିତୀୟ ଦିନରେ ଲକ୍ଷ୍ମୀପୁର ସ୍ଥିତ ତୟାପୁଟ ଠାରେ ଆଦିବାସୀ ବାଦ୍ୟର ତାଳେ ତାଳେ ନାଚିଥିଲେ ରେଳମନ୍ତ୍ରୀ ।

## ଉଚ୍ଚଶିକ୍ଷା ଓ ଗଣଶିକ୍ଷା ବିଭାଗର ଅଧିକାରୀଙ୍କ ସହ କେନ୍ଦ୍ରମନ୍ତ୍ରୀଙ୍କ ବୈଠକ



ଭୁବନେଶ୍ୱର,୨୧/୦୮ (ନି.ପ୍ର): ରାଜ୍ୟରେ ଶିକ୍ଷା ବ୍ୟବସ୍ଥା, ଶିକ୍ଷା କ୍ଷେତ୍ରରେ ଭାରତ ସରକାରଙ୍କ ବିଭିନ୍ନ ଯୋଜନା ଅଧୀନରେ ନିଆଯାଇଥିବା ପଦକ୍ଷେପ ଏବଂ ନୂଆ ଜାତୀୟ ନୀତି-୨୦୨୦ର କାର୍ଯ୍ୟକାରିତା ନେଇ ଶନିବାର ଭୁବନେଶ୍ୱର ଠାରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅଧିକାରୀ ମାନଙ୍କ ସହ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୈଠକ କରିଛନ୍ତି। ବୈଠକ ଫଳପ୍ରଦ ହୋଇଥିବା ନେଇ ଗଣମାଧ୍ୟମକୁ ଶ୍ରୀ ପ୍ରଧାନ ସୂଚନା ଦେଇଥିବା ବେଳେ ଆଗାମୀ ୨ ବର୍ଷ ମଧ୍ୟରେ ରାଜ୍ୟର ୫୦ ହଜାର ବିଦ୍ୟାଳୟରେ ରାଜ୍ୟର ୫୦ ହଜାର ସରକାରୀ ବିଦ୍ୟାଳୟରେ ପାଣି, ବିଜୁଳି, ଶୌଚାଳୟ, ଇଂଟରନେଟ୍ ସୁବିଧା ଉପରେ ▶▶ପୃଷ୍ଠା ୭




# ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବିଗ୍ଭରପତିଙ୍କ ଧାମନଗର ଗସ୍ତ

## ନିର୍ମାଣାଧିନ କୋର୍ଟ ବିଲ୍ଡ଼ିଂ କାର୍ଯ୍ୟ ତଦାରଖ: ଶୀଘ୍ର ସାରିବାକୁ ନିର୍ଦ୍ଦେଶ

ଧାମନଗର ,୨୧/୮ (ନି.ପ୍ର): ଓଡ଼ିଶା ଉଚ୍ଚନ୍ୟାୟାଳୟର ମାନ୍ୟବର ବିଗ୍ଭରପତି ତଥା ହାଇକୋର୍ଟ ବିଲ୍ଡ଼ିଂ କମିଟି ର ଅଧକ୍ଷ ଶତୃଘ୍ନ ପୂଜାହାରୀ ଧାମନଗର ଠାରେ ପୋଲିସ ହାଉସିଂ ବୋର୍ଡ଼ ଦ୍ୱାରା ନିର୍ମିତ ନୂତନ କୋର୍ଟ ବିଲ୍ଡ଼ିଂର କାର୍ଯ୍ୟ ତଦାରଖ ପାଇଁ ଆଜି ପୂର୍ବାହ୍ନ ରେ ଧାମନଗର ଠାରେ ପହଂଚିଥିଲେ। ଜଷ୍ଟିସ ପୂଜାହାରୀ ଧାମନଗର ଏନ୍ଏସି ଅନ୍ତର୍ଗତ ଜୟନଗର ସ୍ଥିତ ନିର୍ମାଣାଧିନ ଧାମନଗର କୋର୍ଟଗୃହ ବୁଲି ଦେଖିଥିଲେ। କୋର୍ଟ ଗୃହର ନିର୍ମାଣ କାର୍ଯ୍ୟର ଅଗ୍ରଗତି, ଗୁଣବତ୍ତା ବୁଲି ଦେଖିବା ସହିତ ନିର୍ମାଣ ଦାୟିତ୍ୱରେ ଥିବା ପୋଲିସ ହାଉସିଂ କର୍ପୋରେସନର ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଉନ୍ନତମାନର କାର୍ଯ୍ୟ କରିବା ସହିତ ତୁରନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାପାଇଁ ସେ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାନ୍ୟବର ବିଗ୍ଭରପତି ଶ୍ରୀଯୁକ୍ତ ପୂଜାହାରୀଙ୍କ ପରିଦର୍ଶନ ସମୟରେ ଓଡ଼ିଶା ହାଇକୋର୍ଟ ଭିଜିଲାନ୍ସ ରେଜିଷ୍ଟ୍ରାର ବିଶ୍ୱଜିତ୍ ମହାନ୍ତି, ମଧ୍ୟସ୍ଥତା କେନ୍ଦ୍ର ଅତିରିକ୍ତ ସଂଯୋଜକ ସୁକୁମାର ମହାପାତ୍ର, ଭଦ୍ରକ ଜିଲ୍ଲାଜଜ୍ ଶିଶିର କୁମାର ରଥ, ଧାମନଗର କୋର୍ଟ ବିଗ୍ଭରପତି ବିଷ୍ଣୁପ୍ରିୟା ସାମନ୍ତରାୟ, ଭଦ୍ରକ ସିଭିଲ କୋର୍ଟ ରେଜିଷ୍ଟ୍ରାର ଅବକାଶ ଚୌଧୁରୀ, କୋର୍ଟ ମ୍ୟାନେଜର ମାନସ ରଥ, ଧାମନଗର ଏସ୍ଡ଼ିପିଓ ବିଜୟ କୃଷ୍ଣ ମହାପାତ୍ର ଆଇଆଇସି ପ୍ରଦୀପ ମହନ୍ତ, ଏସଆଇ ମୋତିଲାଲ ମାରାଣ୍ଡିଙ୍କ ସମେତ ପୋଲିସ ହାଉସିଂ କର୍ପୋରେସନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ପରେ ଧାମନଗର ଜଳସମ୍ପଦ ବିଭାଗ ଡ଼ାକବଙ୍ଗଳା ଠାରେ ପୋଲିସ ହାଉସିଂ କର୍ପୋରେସନର ବିଭାଗୀୟ ଯନ୍ତ୍ରୀ ମାନଙ୍କ ସହ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିବାବେଳେ ଧାମନଗର ଓକିଲ ସଂଘ ପ୍ରତିନିଧିଙ୍କ ସହ ସୌଜନ୍ୟ ମୂଳକ ସାକ୍ଷାତ ଆଲୋଚନା କରିଥିଲେ। ଏହି ଆଲୋଚନା ସମୟରେ ଓଡ଼ିଶା ହାଇକୋର୍ଟର ଆଇନ୍‌ଜୀବୀ ମହମ୍ମଦ ଗୋଲାମ ମଦାନୀ, ଧାମନଗର ଓକିଲ ସଂଘର ସଭାପତି ଅଭିରାମ ମହାନ୍ତି, ସାଧାରଣ ସଂପାଦକ ଅମରେନ୍ଦ୍ର ମହାନ୍ତି, ଉପସଭାପତି ପ୍ରଜ୍ଞାପରମିତା ଦାଶ, ସହସମ୍ପାଦକ ବିଜୟ କୁମାର ରାମ, କୋଷାଧକ୍ଷ ମନୋଜ ଗୁପ୍ତା, ବରିଷ୍ଠ ଆଇନ୍‌ଜୀବୀ ବିଷ୍ଣୁ ମୋହନ ପତି, ଅଜିତ୍ ଦାସ, ସ୍ନେହାଶିଷ ପଣ୍ଡା, ରଣଜିତ୍ ମହାନ୍ତି, ଅଶୋକ ଦାସ, ମିନତୀ ମଲ୍ଲିକ, ଗୌତମବୁଦ୍ଧ ଜେନା, ସନ୍ତୋଷ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ତାଙ୍କ ବିଧାୟକ ସମୟରେ ବହୁ ପ୍ରଚେଷ୍ଟାରେ ମାନ୍ୟବର ମନ୍ତ୍ରୀ ପ୍ରତାପ ଜେନା ଆଇନ ମନ୍ତ୍ରୀ ଥିବା ସମୟରେ ଏହି କୋର୍ଟ ବିଲ୍ଡିଂ ନିର୍ମାଣ ପାଇଁ ଶୁଭଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା।



# ବାଲୁଖଣ୍ଡ ଆରଆଇଙ୍କ ମନମାନି, ରିପୋର୍ଟ ନଦେବାରୁ ଛାତ୍ରଛାତ୍ରୀ ହନ୍ତସନ୍ତ

ପୁରୀ,୨୧/୮ (ନି.ପ୍ର): ରାଜ୍ୟ ସରକାର ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ସାର୍ଟିଫିକେଟ ପ୍ରଦାନ କରିବା ପାଇଁ ଅନ୍‌ଲାଇନ ସିଷ୍ଟମ କାର୍ଯ୍ୟକାରୀ କରାଉଛନ୍ତି। ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ଆରଆଇ ଅଫିସ ଓ ତହସିଲ ନଯାଇ କିପରି ଜନସେବା କେନ୍ଦ୍ରରେ ସେମାନଙ୍କ ସାର୍ଟିଫିକେଟ ସୁବିଧାରେ ପାଇପାରିବେ ସେଥିପାଇଁ ରାଜସ୍ୱ ବିଭାଗ ଅନେକ ଯୋଜନା କାର୍ଯ୍ୟକାରୀ କରୁଛି। ସବୁଠାରୁ ଦୁଃଖର ବିଷୟ ବାଲୁଖଣ୍ଡ (୧୦୯)ର ରାଜସ୍ୱ ନିରୀକ୍ଷକଙ୍କ ଅବହେଳା ଯୋଗୁଁ ଅନେକ ଅଭିଭାବକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏପରିକି ଅଭିଭାବକମାନେ ଆରଆଇଙ୍କ ଘରକୁ ଓ ଅଫିସକୁ ବାରମ୍ବାର ଦଉଡ଼ିଥିଲେ ମଧ ବିଭିନ୍ନ କାଗଜପତ୍ର ଆଣିବା ପାଇଁ କହି ଦିନ ଗଡ଼ାଉଛନ୍ତି। ଏପରିକି ଜାତିଗତ ସାର୍ଟିଫିକେଟ, ଇନକମ୍ ସାର୍ଟିପିକେଟ ଓ ବାସଗୃହ ସାର୍ଟିଫିକେଟ ପାଇଁ ମାସ ମାସ ସମୟ ଲାଗିଯାଉଛି। ସଂପୃକ୍ତ ଆରଆଇ ପୁରୀ ସଦର ତହସିଲ ଅର୍ନ୍ତଗତ ବାସିନ୍ଦା ହୋଇଥିବାବେଳେ ଆରଆଇ ଥିବା ଅଂଚଳରେ ତାଙ୍କର ବାସଭବନ ରହିଛି। କିସମ ପରିବର୍ତ୍ତନ ପାଇଁ, ଜାଗାର ଏନ୍ଓସି ନୂଆ ପଟାର ପାଉତି କାଟିବା ପାଇଁ ହିତାଧିକାରୀଙ୍କ ଠାରୁ ହାତଗୁଞ୍ଜା ନେଉଥିବା ସେହି ଅଂଚଳରେ ଆଲୋଚନା ହେଉଛି। ଅଭିଭାବକମାନେ ଆରଆଇଙ୍କୁ ଫୋନକଲେ କିମ୍ବା ହ୍ୱାଟ୍ସଅପ୍‌ରେ ଜଣାଇଲେ ମଧ କିଛି ଶୁଣୁନଥିବା ଅଭିଯୋଗ ହେଉଛି। ଉକ୍ତ ଆରଆଇ ଅଫିସଟି ସଦରବ୍ଲକ ପଛପଟରେ ରହିଥିବାରୁ ଓ କୌଣସି ସାଇନବୋର୍ଡ଼ ରାସ୍ତା ପାଖରେ ଲଗାଯାଇ ନଥିବାରୁ ଲୋକମାନେ ଅପିସ ଖୋଜି ପାଇପାରୁ ନାହାନ୍ତି। କାର୍ଯ୍ୟାଳୟଟି ଦିନ ୧୧ଟା ପରେ ବେଳେବେଳେ କୋଲୁଥିବା ବେଳେ ବାରଣ୍ଡାରେ ୪ଟି କୁକୁର ଶୋଇ ରହୁଛନ୍ତି। ଚାକିରି ପାଇଁ ଦରଖାସ୍ତ, ସ୍କୁଲ ଓ କଲେଜରେ ନାମଲେଖା ଓ ଅନ୍ୟକାମରେ ସାର୍ଟିପିକେଟ ପାଇବାରେ ଆରଆଇଙ୍କ ଯୋଗୁଁ ବିଳମ୍ବ ହେବାରୁ ଛାତ୍ରଛାତ୍ରୀମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆରଆଇଙ୍କ ବ୍ୟବହାରରେ ଅଂଚଳବାସୀ ଅତିଷ୍ଠ ହୋଇ ତୁରନ୍ତ ତାଙ୍କୁ ଜିଲ୍ଲା ବାହାରକୁ ବଦଳି କରିବା ପାଇଁ ଦାବି ହେଉଛି।

# ଘରପୋଡିକୁ ବର୍ଷେ ପରେ ମଧ ମିଳୁନି ଆର୍ଥିକ ସହାୟତା

କେନ୍ଦ୍ରାପଡ଼ା,୨୧/୮ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ତାଳଚୁଆ ମେରାଇନ ଥାନା ଅଧିନ ରାଜେନ୍ଦ୍ର ନାରାୟଣ ପୁର ଗ୍ରାମର ରବିନ୍ଦ୍ରନାଥ ସାହୁଙ୍କ ଘର ଆକସ୍ମିକ ଅଗ୍ନୀକାଣ୍ଡରେ ସଂପୂର୍ଣ୍ଣ ପୋଡି ଯାଇଥିଲା। ୨୦୨୦ ମସିହା ମାର୍ଚ୍ଚ ମାସରେ ଘଟିଥିବା ଏହି ଅଗ୍ନିକାଣ୍ଡରେ ଘର ସହିତ ସମସ୍ତ ଆସବାବପତ୍ର ଜଳି ଯାଇଥିବା ବେଳେ ଏନେଇ ଅଗ୍ନିଶମ ବିଭାଗ ପକ୍ଷରୁ ନିଆଁକୁ ଆୟତ କରାଯାଇ ଥିଲା। ତେବେ କୌଣସି ଆର୍ଥିକ ସହାୟତା ମିଳିନଥିବା ରବିନ୍ଦ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ଭେଟି ଅଭିଯୋଗ କରି ସହାୟତା ପ୍ରାର୍ଥନା କରିଛନ୍ତି।

# କାବ୍ୟ ଅନୁରକ୍ତିର ବହୁଭାଷୀ କାବ୍ୟ ସନ୍ଧ୍ୟା

ନୂଆପଡା,୨୧/୮ (ନି.ପ୍ର): କାବ୍ୟ ଅନୁରକ୍ତି ତରଫରୁ ଓ୍ୱେବିନାର ମାସିକ କବିତା ଆସର ବହୁ ଭାଷୀ କାବ୍ୟ ସନ୍ଧ୍ୟା 'କାବ୍ୟାନୁଭୂରେ ସ୍ୱାଧୀନତା' ଆୟୋଜିତ ହୋଇ ଯାଇଛି। ବିଶିଷ୍ଟ ଓଡିଆ ଭାଷା ସାହିତ୍ୟର କବି ଦେବଦାସ ଛୋଟରାୟ ଆନୁଷ୍ଠାନିକ ଭାବେ କବିତା ଆସରକୁ ଉଦଘାଟନ କରିଥିଲେ। କଣ୍ଠ ଶିଳ୍ପୀ ରାସ ବିହାରୀ ଘିଭେଲାଙ୍କ ଦେଶାତ୍ମବୋଧକ ଗୀତ ପରେ ଆସର ଆରମ୍ଭ ହୋଇ ଥିଲା। ଦେଶର ୪ଟି ରାଜ୍ୟର ୨୦ଜଣ କବି କବୟତ୍ରୀ ଯୋଗଦାନ କରି ସ୍ୱରଚିତ କବିତା ପାଠ କରିଥିଲେ। କବିତା ଆସର ଆରମ୍ଭରେ କାବ୍ୟ ଅନୁରକ୍ତିର ପ୍ରତିଷ୍ଠାତା କବି ଯଶୋଧାରା ଦାସ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କବି ସେନାପତି ପ୍ରଦ୍ୟୁମ୍ନ କେଶରୀ କବିତା ଆସରରେ ସଭାପତିତ୍ୱ କରିଥିଲେ।ପଶ୍ଚିମ ବଙ୍ଗର କବୀ ଡ. ମନ୍ଦାର ମୁଖାର୍ଜୀ, ଆସାମର କବି ଅପୂର୍ବ ରଞ୍ଜନ ଦତା, କବୀ ଅନ୍ତରା ଦତା, କୁଇ ଭାଷାର କବି ଅନୁଜ ମୋହନ ପ୍ରଧାନ, ଛତିଶଗଡି ଭାଷାର କବି ହରିବଂଶ ସିଂ ଠାକୁର, ଓଡିଆ ଭାଷାର କବି ରକ୍ଷକ ନାୟକ, କବୀ ନର୍ମଦା ନିଲୋତ୍ପଳା, କବି ବିଦେଶୀ ନାୟକ, ଡ.ଗୀତାଶ୍ରୀ ପ୍ରିୟମ୍ବଦା, କୋଶଲୀ ଭାଷାର କବୀ ମାନିନୀ ମେହେର ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

# ହୃଦ୍‌ରୋଗୀଙ୍କ ଚିକିତ୍ସାର ବ୍ୟବସ୍ଥା ଲାଗି ମେଡିକାଲ କ୍ରିୟାନୁଷ୍ଠାନ କମିଟିର ଦାବି

ଜଳେଶ୍ୱର,୨୧/୮ (ନି.ପ୍ର): ବାଲେଶ୍ୱର ଜିଲାରେ ହୃଦ୍‌ରୋଗୀମାନଙ୍କ ଚିକିତ୍ସାଲାଗି ଫକୀରମୋହନ ଚିକିତ୍ସାକେନ୍ଦ୍ର ବାଲେଶ୍ୱରଠାରେ ବ୍ୟବସ୍ଥା ନ ଥିବାରୁ ରୋଗୀମାନେ ହନ୍ତସନ୍ତ ହେଉଛନ୍ତି। ସ୍ୱାସ୍ଥ୍ୟସେବାର ୬ଦଫା ଦାବିରେ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟୀର ଜଳେଶ୍ୱର ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଜଳେଶ୍ୱରର ତହସିଲଦାର ଓ ପୌରଅଧିକାରୀଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜଳେଶ୍ୱରରେ ବିଭିନ୍ନ ଡାକ୍ତରଖାନା ଓ ପ୍ରାଥମିକ ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର ଓ ବିଶେଷଜ୍ଞ ନାହାନ୍ତି। ଫକୀରମୋହନ ମେଡିକାଲଶ କଲେଜରେ ମଧ୍ୟ ବହୁ ପଦବୀରେ ଡାକ୍ତର ନଥିବା ଏପରିକି ହୃଦ୍‌ରୋଗ ବିଭାଗର ପ୍ରଫେସର ନ ଥିବାରୁ ନିଯୁକ୍ତି ଲାଗି କମିଟି ପକ୍ଷରୁ ଦାବି ହୋଇଛି। ଉତ୍ତର ଓଡିଶାର ଶେଷ ସୀମାରୁ ବିଭିନ୍ନ ବିଭାଗର ରୋଗୀମାନେ ବାଲେଶ୍ୱର ଠାରେ ଡାକ୍ତର ଅଭାବରୁ ଚିକିତ୍ସାରୁ ବଂଚିତ ହୋଇ କଟକ କିମ୍ବା ଭୁବନେଶ୍ୱର ଯାଉଛନ୍ତି। ଏକ ସମୀକ୍ଷା ଅନୁ ଯାୟୀ ୨୦୨୦ ଏପ୍ରିଲରୁ ୨୦୨୧ ମାର୍ଚ୍ଚ ମଧ୍ୟରେ ବାଲେଶ୍ୱର ଠାରେ ୪୭୪୫ ଜଣ ରୋଗୀ ଚିକିତ୍ସା ହେବାକୁ ଆସିଥିବା ବେଳେ ସେଥିରୁ ୬୪୪୫ଜଣଙ୍କୁ ବାଲେଶ୍ୱରରୁ କଟକ କିମ୍ବା ଭୁବନେଶ୍ୱର ପଠାଯାଇଛି। ବାଲେଶ୍ୱର ଠାରେ ଜଣେ ହୃଦ୍‌ରୋଗ ବିଶେଷଜ୍ଞ ନିଯୁକ୍ତି, ଆବଶ୍ୟକ ଯନ୍ତ୍ରାଂଶ ଓ ବୈଷୟିକ ସହଯୋଗି ବ୍ୟବସ୍ଥା, ଡାକ୍ତରମାନଙ୍କ ଉପସ୍ଥାନେକୁ ନିର୍ଣ୍ଣିତ କରିବା, ମୃତରୋଗୀଙ୍କ ସମ୍ପର୍କରେ ମାସିକ ସମୀକ୍ଷା ହେବା, ଇକୋ, କାଡିଓଲୋଜି ଓ ଏକ୍ସ ମେସିନ୍ ବାଲେଶ୍ୱରରେ ପ୍ରତିଷ୍ଠା କରିବା ଏବଂ ଜିକେଭଟ୍ଟର ହସ୍‌ପିଟାଲରେ ବିଶେଷଜ୍ଞ ତଥା ପ୍ରାଥମିକ ଚିକିତ୍ସା କେନ୍ଦ୍ର ଗୁଡିକରେ ଡାକ୍ତର ପଦବି ପୂରଣ ଲାଗି ଦାବି କରାଯାଇଛି। କ୍ରିୟାନୁଷ୍ଠାନ କମିଟିର ସଂଯୋଜକ ଦିଲ୍ଲିପ କୁମାର ଗିରି, ସଭାପତି ବିଷ୍ଣୁପଦ ମହାନ୍ତି, କମଳ ଚକ୍ରବର୍ତ୍ତୀ ଓ ସବିତା ଭୂୟାଙ୍କ ନେତୃତ୍ୱରେ ଏହି ସ୍ମାରକପତ୍ର ତହସିଲଦାର ଓ ପୌରାଧିକାରୀଙ୍କୁ ଦିଆଯାଇଛି।

# ବିଜୁ ମହିଳା ଜନତା ଦଳର ସମ୍ବର୍ଦ୍ଧନା ଓ କର୍ମୀ ସମାବେଶ

ମୟୂରଭଂଜ,୨୧/୮ (ନି.ପ୍ର): ବିଜୁ ଜନତା ଦଳର ସଭାପତି ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କର ଅନୁମଦନ କ୍ରମେ ବିଜୁ ମହିଳା ଜନତା ଦଳର ତୃଣ ମୂଳ ସଂଗଠନକୁ ସୁଦୃଢ଼ କରିବା ନିମନ୍ତେ ମାନନୀୟା ରାଜ୍ୟ ସଭା ନେତ୍ରୀ, ବିଜୁ ମହିଳା ଜନତା ଦଳ ଶ୍ରୀମତୀ ସ୍ନେହାଙ୍ଗିନି ଛୁରିଆଙ୍କ ଦ୍ୱାରା ମୟୂରଭ-୧ ସାଂଗଠନିକ ଜିଲ୍ଲାପାାଇଁ ନୂତନ କାର୍ଯ୍ୟକର୍ତ୍ତା ମାନଙ୍କ ନାମ ଘୋଷଣା କରାଯାଇଅଛି। ଉକ୍ତ କମିଟିରେ ୧୧ଜଣ ଜିଲ୍ଲା ଉପ-ସଭାପତି, ୧୧ ଜିଲ୍ଲା ସାଧାରଣ ସମ୍ପାଦିକା, ୨୪ ଜିଲ୍ଲା ସମ୍ପାଦିକା, ୬ଜଣ ଗଣ ମାଧମ ସଂଯୋଜିକା ସମସ୍ତ ୧୫ ଗୋଟି ବ୍ଲକ, ଏନ.ଏ.ସି., ମ୍ୟୁନିସିପାଲିଟିର ସଭାନେତ୍ରୀଙ୍କ ନାମ ଘୋଷଣା କରାଯାଇଅଛି। ପ୍ରକାଶିତ ସମସ୍ତ ଛାମୁଆ ନେତୃ ମଣ୍ଡଳିଙ୍କୁ ସାଦର ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କ ବରିଷ୍ଠ ନେତୃତ୍ୱ ଏବଂ ଶୃଙ୍ଖଳିତ ଉଦ୍ୟମ କ୍ରମେ ନିଶ୍ଚିତ ଭାବରେ ମୟୂରଭଂଜ ୧ ସାଂଗଠନିକ ଜିଲ୍ଲାର ମହିଳା ସଂଗଠନ ସୁଦୃଢ଼ ହେବ। ଏହା ବିଜୁ ମହିଳା ଜନତା ଦଳ ଆସ୍ଥା ପ୍ରକଟ କରୁଅଛି। ସେହି ପରିପ୍ରେକ୍ଷିରେ ବାରିପଦାର ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ମୟୂରଭଂଜ-୧ ବିଜୁ ମହିଳା ଜନତା ଦଳର ସଭାପତି ଦିପ୍ତିଲତା ମିଶ୍ରଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭା ଓ କର୍ମୀ ସମ୍ମିଳନୀ ଆୟୋଜନ ହୋଇଯାଇଅଛି। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ଶ୍ରୀମତୀ ମମତା ମହାନ୍ତ, ମହିଳା ପର୍ଯ୍ୟବେକ୍ଷକସ ସୁମିତ୍ରା ଜେନା, ସହ ପର୍ଯ୍ୟବେକ୍ଷକ ଉର୍ମିଳତା ଦାସ, ଜୋନାଲ ସଭାନେତ୍ରୀ ବିଣାପାଣୀ ସାହୁ, କାର୍ଯ୍ୟକାରୀ ସଭାନେତ୍ରୀ ସବିତା ହାଁସଦାଃ, ପ୍ରତିନନ୍ଦା କାନୁନଗ, ବିଷ୍ଣୁପ୍ରିୟା ଦାସ, ବାରିପଦା, ବଡସାହି, ଖୁଣ୍ଟା, ବେତନଟି, ଶୁଳିଆପଦା ବ୍ଲକର ଅଧକ୍ଷ ଅଧକ୍ଷାମାନେ ତଥା ପୂର୍ବତନ ଉପ-ବାଚସ୍ପତି ଶ୍ରୀଯୁକ୍ତ ସାନନ୍ଦ ମାର୍ଣ୍ଡି, ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ଏସ.ଡି.ସି. ଚେୟାରମ୍ୟାନ ଦେବାଶିଷ ମାର୍ଣ୍ଡି, ବାରିପଦା ପୌରପରିଷଦର ପୂର୍ବତନ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ବବିତା ଦାସ, କୃଷ୍ଣଚନ୍ଦ୍ର ଦାସ, ପ୍ରଭାତ ନାଏକ, ସୁବ୍ରମଣ୍ୟମ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ପ୍ରଭାତ ମହାନ୍ତି, ଅରୁଣ ବରାଡ, ସୁନିଲ ନାୟକ, ସନ୍ଧ୍ୟାରାଣୀ ଦାସ, ସୁକ୍ତା ଭୁଜବୋଳ, ରେହେନା ସୁଲତାନ୍, ସୀମା ଦାସ, ଶ୍ରାବଣୀ ଦାସ, ସବିତା ବେହେରା, ଭାରତି ହାଁସଦାଃ, ଶତଦଳ ମହାନ୍ତ, ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କମିଟିରେ ବାରିପଦା ଟାଉନ ବିଜୁ ମହିଳା ଜନତା ଦଳ ସଭାପତି ଭାବେ ସୁରଭି ଦାସ ଏବଂ ଉଦଳା ଏନ.ଏ.ସି.ର ସଭାପତି ଭାବେ ପ୍ରେମଲତା ଜେନାଙ୍କ ସମେତ ସମସ୍ତ ପଦାଧିକାରୀଙ୍କୁ ସମ୍ବର୍ଦ୍ଧ କରାଯାଇଥିଲା। ଏବଂ ସମସ୍ତ ନବ ନିଯୁକ୍ତ ପଦାଧିକାରୀ ଆଗକୁ ଥିବା ତ୍ରୀ ସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜୁ ମହିଳା ଜନତା ଦଳର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ପ୍ରତିଜ୍ଞା କରିଥିଲେ।




# ଢେଙ୍କିକୋଟ ମଣ୍ଡଳ ବିଜେପିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

ଘଟଗାଁ,୨୧/୮ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଢେଙ୍କିକୋଟ ମଣ୍ଡଳ ବିଜେପିର ୨ୟ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ, ମଣ୍ଡଳ ସଭାପତି ଜିତେନ୍ଦ୍ର ପଲେଇଙ୍କ ଅଧକ୍ଷତାରେ ଢେଙ୍କିକୋଟ ହାଟପଡିଆରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବେ ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥୀରାଜ କୁଅଁର ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଗାମୀ ଦିନରେ ଓ୍ୱାର୍ଡ ମେମ୍ବରଙ୍କ ଠାରୁ ଆରମ୍ଭ କରି ଲୋକସଭା ଆସନରେ କିପରି ବିଜେପି ଅଧିକ ଜନମତ ସଂଗ୍ରହ କରିବ ସେ ବିଷୟରେ ଆଲୋଚନା କରିଥିଲେ। ସମ୍ମାନୀତ ଅତିଥି ଭାବେ ମଣ୍ଡଳ ପ୍ରଭାରୀ ଜଗବନ୍ଧୁ ଶା, ଜିଲ୍ଲା ସ୍ୟତନ୍ତ ସଦସ୍ୟ ଅଖିଳ ପାତ୍ର, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଶ୍ରୀମତୀ ମମତା ସିଂ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଅମର ସିଂ, ପୂର୍ବତନ ବ୍ଲକ ଅଧକ୍ଷ ପ୍ରକାଶ ନାଏକ, ଜିଲ୍ଲା କୃଷକ ମୋର୍ଚ୍ଚାର କାର୍ଯ୍ୟକାରିଣୀ ସଦସ୍ୟ ଶାନ୍ତନୁ ସିଂ, ଜିଲ୍ଲା ସାମାଜିକ ସଂଗଠକ ସୁମନ୍ତ ସାହୁ, ମଣ୍ଡଳ ସାଧାରଣ ସଂପାଦକ ତ୍ରିନାଥ ମହାରଣା, ଅକ୍ଷୟ ସିଂ, ମଣ୍ଡଳ ଉପସଭାପତି ଅଜୟ ପଣ୍ଡା ପ୍ରମୁଖ ଯୋଗଦେଇ ନିଜ ନିଜର ମତ ପ୍ରକାଶ କରିଥିଲେ। ଏଥିସହ ଏହି ବୈଠକରେ ଗତିକୃଷ୍ଣ ଦଲେଇଙ୍କ, ଶେଖ ଜିଆଜୁଲ, ମହିଳା ମୋର୍ଚ୍ଚା ସଭାନେତ୍ରୀ ପଦ୍ମାବତୀ ନାୟକ, କୃଷକ ମୋର୍ଚ୍ଚା ସଭାପତି ପ୍ରେମାନନ୍ଦ ମହାନ୍ତ, ଯୁବ ମୋର୍ଚ୍ଚା ସଭାପତି ତିର୍ଥପତି ବାରିକ, ସାଧାରଣ ସଂପାଦକ ରଜତ ନାଏକ ପ୍ରମୂଖ ଓ ପ୍ରତି ଗ୍ରାମପଞ୍ଚାୟତରୁ ଶତାଧିକ କର୍ମୀ ଯୋଗ ଦେଇଥିଲେ।

# ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆର୍ଥିକ ସହାୟତା ପାଇଁ ଲକ୍ଷ୍ୟ ଧାର୍ଯ୍ୟ

ଝାରସୁଗୁଡ଼ା,୨୧/୮ (ନି.ପ୍ର): ଓଡ଼ିଶା ଜୀବିକା ମିଶନ ମାଧମରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଋଣ ସହାୟତା ଯୋଗାଇବା ସହ ସେମାନଙ୍କ ଆର୍ଥିକ ଅଭିବୃଦ୍ଧି ନିମନ୍ତେ ଏକ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସଦଭାବନା ଗୃହରେ ଆୟୋଜିତ ଏହି କର୍ମଶାଳାରେ ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝୀ ଅଧକ୍ଷତା କରିଥିଲେ। କର୍ମଶାଳାରେ ଏଲଡିଏମ୍ ଅଜିତ କେର୍କେଟା, ଆରବିଓ ( ଏସ ବି ଆଇ)ର ଚିଫ୍ ମ୍ୟାନେଜର ମଧୁସୂଦନ ରଥ, ୟୁକୋ ବ୍ୟାଙ୍କ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ, ଏଚଡିଏଫସି , ବ୍ୟାଙ୍କ ଅଫ ଇଣ୍ଡିଆ, ଆଇସିଆଇସିଆଇ, ଇଣ୍ଡିଆନ ବ୍ୟାଙ୍କ ଆଦି ବିଭିନ୍ନ ବ୍ୟାଙ୍କର ଶାଖା ପରିଚାଳକମାନେ ଯୋଗ ଦେଇଥିଲେ। ଆସନ୍ତା ଡିସେମ୍ବର ମାସ ସୁଦ୍ଧା ଚଳିତ ଆର୍ଥିକ ବର୍ଷ ୨୦୨୧ -୨୨ ରେ ୩୫୩୧ଗୋଟି ସ୍ୱୟ ସହାୟକ ଗୋଷ୍ଠୀକୁ ଋଣ ପ୍ରଦାନ ପାଇଁ ଥିବା ଧାର୍ଯ୍ୟ ଲକ୍ଷ୍ୟକୁ ନିର୍ଦ୍ଧାରିତ ସମୟ ସୀମା ମଧରେ ପୂରଣ ପାଇଁ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ମାଝୀ ବ୍ୟାଙ୍କ ମାନଙ୍କୁ ପରାମର୍ଶ ଦେଇଥିଲେ। ସ୍ୱୟଂ ସହାୟକ ଗୋଷ୍ଠିମାନଙ୍କୁ ପ୍ରଦାନ କରାଯାଉଥିବା ଋଣ ଉପରେ ସୁଧ ରିହାତି ଓ ଋଣ ପରିଶୋଧ ପାଇଁ ସମନ୍ୱୟ ମେଳାର ଆୟୋଜନ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଓଡ଼ିଶା ଜୀବିକା ମିଶନ ଡିପିଏମ୍ ନିଳିମା କୁଜୁର କର୍ମଶାଳା ସମ୍ପର୍କିତ ବିସ୍ତୃତ ବିବରଣୀ ରଖିଥିଲେ। କର୍ମଶାଳାରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ମିଶନ ଶକ୍ତିର ଡିପିସି ଏବଂ ଓଡିଶା ଜୀବିକା ମିଶନର ବ୍ଲକ ସ୍ତରୀୟ ସଂଯୋଜକ ଓ ବ୍ୟାଙ୍କମିତ୍ର ମାନେ ଯୋଗ ଦେଇଥିଲେ।

# ଝାରସୁଗୁଡ଼ା କୋର୍ଟ କମ୍ପ୍ଲେକ୍ସ ପରିଦର୍ଶନ କଲେ ହାଇକୋର୍ଟ ମୁଖ୍ୟ ବିଚାରପତି ଡକ୍ଟର ଏସ ମୁରଲୀଧର

ଝାରସୁଗୁଡା ,୨୧/୮ (ନି.ପ୍ର): ବୈଷୟିକ ଜ୍ଞାନ କୌଶଳ ଆଜି କୋର୍ଟ ଓ ଲୋକଙ୍କ ମଧରେ ଦୂରତା କମାଇଦେଇଛି। ଜଣେ ଆଇନଜୀବୀ ଯେକୌଣସି ଅଦାଲତରେ ଅନଲାଇନ ମାଧମରେ ଆବେଦନ କରି ମାମଲା ଦାୟର କରିପାରୁଛି। ସେହିପରି ବିଚାରପତି ମାନେ ମଧ ଅଭାଷୀ ମାଧମରେ ଜେଲରେ ଥିବା ବିଚାରାଧୀନ କଏଦୀ ମାନଙ୍କ ଶୁଣାଣି କରୁଛନ୍ତି। ଓକିଲ ମାନେ ମଧ ଅଭାଷୀ ମାଧମରେ ମହକିଲ ମାନଙ୍କ ପାଇଁ ଯୁକ୍ତି କରି ପାରୁଛନ୍ତି। ଏଣୁ ପରିବର୍ତ୍ତିତ ବୈଷୟିକ ଆଇନ ଅଦାଲତ ବ୍ୟବସ୍ଥାକୁ ଗ୍ରହଣ କରିବା ସହ ଆଇନଜୀବୀ ମାନେ ଏଥିପାଇଁ ପ୍ରସ୍ତୁତ ରହିବା ପରାମର୍ଶ ଦେଇଥିଲେ।

# ଆଦିବାସୀଙ୍କ ପ୍ରତି ପୋଲିସ ପ୍ରଶାସନର ନିଷ୍କ୍ରିୟତା ବିରୁଦ୍ଧରେ ଖଡ଼ିଆଳ ଥାନା ଘେରାଉ

ନୂଆପଡ଼ା,୨୧/୮ (ନି.ପ୍ର): ନୂଆପଡା ଜିଲ୍ଲାରେ ଆଦିବାସୀ ମାନଙ୍କ ପ୍ରତି ପୋଲିସ ପ୍ରଶାସନର ନିଷ୍କ୍ରିୟତା ବିରୁଦ୍ଧରେ ନୂଆପଡ଼ା ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ତରଫରୁ ଏକଜୁଟ ହୋଇ ଖଡ଼ିଆଳ ଥାନା ଘେରାଉ କରାଯାଇଥିଲା। ପ୍ରଥମେ ଜିଲ୍ଲାର ପାଂଚ ଗୋଟି ବ୍ଲକ ଖଡ଼ିଆଳ, ସିନାପାଲି , ବୋଡେନ, କୋମନା ଓ ସଦର ବ୍ଲକ ନୂଆପଡ଼ାର ହଜାର ହଜାର ଆଦିବାସୀ ମହିଳା ଓ ପୁରୁଷ ସାମିଲ ଥିଲେ। ପ୍ରଥମେ ଖଡ଼ିଆଳ ସ୍ଥିତ ଠାକୁରାଣୀ ମନ୍ଦିର ଠାରୁ ପାରମ୍ପରିକ ଆଦିବାସୀ ବେଶଭୂଷାରେ ବାହାରି ଏକ ଶୋଭାଯାତ୍ରାରେ ଖଡ଼ିଆଳ ନଗର ପରିକ୍ରମା ପରେ ଥାନା ପାଖରେ ପହଂଚି ଥାନା ଭିତରକୁ ଧସେଇ ପସିବାକୁ ଚେଷ୍ଟା କରିଥିଲେ। ପରେ ସମସ୍ତ ଆଦିବାସୀ ଖଡ଼ିଆଳ ଥାନା ସାମାନାରେ ବିକ୍ଷୋଭ ପଦର୍ଶନ କରିବା ସହିତ ପୋଲିସ ବିରୋଧରେ ବିଭିନ୍ନ ସ୍ଲୋଗାନ ମାନ ଦେଇଥିଲେ। ଆଦିବାସୀ ମାନଙ୍କ ଦାବୀ ହେଲା ଜିଲ୍ଲାର ବିଭିନ୍ନ ଥାନାରେ ଧନଞ୍ଜୟ ଶବର, ଗୌରୀଶଙ୍କର ମାଝୀ, ଚନ୍ଦ୍ର ଶେଖର ଶବର ଏବଂ ଉଦୟ ମାଝିଙ୍କ ଅଭିଯୋଗକୁ ପୋଲିସ ନ ଶୁଣିବା , ଅଭିଯୁକ୍ତ ମାନଙ୍କୁ ପୋଲିସ ଗିରଫ କରୁ ନ ଥିବା ପ୍ରଭୃତି ଚାରି ଦଫା ଦାବିପତ୍ର ନୂଆପଡ଼ା ଅତିରିକ୍ତ ଏସପି ସୁନୀଲ କୁମାର ଆଚାର୍ଯ୍ୟଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ଆଜିର ବିକ୍ଷୋଭ ଓ ଥାନା ଘେରାଉ ସମୟରେ ନୂଆପଡ଼ା ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ସଭାପତି ଭାନୁପ୍ରତାପ ସିଂ ମାଝୀ, ସମ୍ପାଦକ ବାଳକୃଷ୍ଣ ଶବର, ପଶ୍ଚିମ ଓଡିଶା ସଚିବ ନିରଂଜନ ବିଶିଙ୍କ ସମେତ ଏକ ହଜାରରୁ ଉର୍ଦ୍ଧ୍ୱ ଆଦିବାସୀ ମହିଳା ଓ ପୁରୁଷ ସାମିଲ ଥିଲେ।

# ବିଦ୍ୟାଳୟ ସୌନ୍ଦର୍ଯ୍ୟକରଣରେ ଲକ୍ଷ ଲକ୍ଷ ଟଙ୍କା ଚଳୁ

## ଅଭିଯୋଗକୁ କର୍ଣ୍ଣପାତ କରୁନାହାନ୍ତି ବିଭାଗୀୟ ଅଧିକାରୀ

ହରିଚନ୍ଦନପୁର,୨୧/୮ (ନି.ପ୍ର): ପୁଣି ପଦାକୁ ଆସିଲା ୫-ଟି କମିଶନଙ୍କ ଦୁର୍ନୀତି, ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣରେ ଲକ୍ଷ ଲକ୍ଷ ଟଙ୍କା ଚଳୁ କରାଯାଉଥିବା ଅଭିଯୋଗ ହୋଇଛି। ଏପରି ଏକ ଘଟଣା କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ମନୋହରପୁର ଉଚ୍ଚ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ସ୍ମାର୍ଟ କ୍ଲାସରୁମ ନିର୍ମାଣ ଉଦ୍ଦେଶ୍ୟରେ ଆସିଥିବା ଏହି ଟଙ୍କା ଚଳୁ କରାଯାଉଥିବା ନେଇ ବିଦ୍ୟାଳୟର ପରିଚାଳନା କମିଟି ଓ ପ୍ରଧାନ ଶିକ୍ଷକ ବିଡ଼ିଓଙ୍କ ଠାରେ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାର ବିଦ୍ୟାଳୟ ଟ୍ରାନ୍ସଫରମେଶନ୍ କାର୍ଯ୍ୟକ୍ରମରେ ପ୍ରତି ଜିଲ୍ଲା ଭଳି କେନ୍ଦୁଝର ଜିଲ୍ଲାର ୧୦୦ ଗୋଟି ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟ ରୂପେ ପୋଷ୍ୟ କରି ପ୍ରତ୍ୟେକ ବିଦ୍ୟାଳୟକୁ ୧୭ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ରାଶି ବ୍ୟୟ ବରାଦ କରିଛନ୍ତି। ଏହି ଅର୍ଥରେ ବିଦ୍ୟାଳୟ ସୌନ୍ଦର୍ଯ୍ୟକରଣ ଓ ସ୍ମାର୍ଟ ତଥା ଡିଜିଟାଲ ଶ୍ରେଣୀ ଗୃହ କରାଇ ଛାତ୍ର ଛାତ୍ରୀମାନଙ୍କୁ ସରକାରୀ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରାଇବା ମୂଳ ଲକ୍ଷ୍ୟ ରହିଛି। ଯେହେତୁ ବର୍ତମାନ ଯୁଗରେ ଉଭୟ ସହର ତଥା ଗ୍ରାମର ଛାତ୍ରଛାତ୍ରୀମାନେ ବେସରକାରୀ ସ୍କୁଲରେ ପାଠ ପଢିବା ପାଇଁ ଅଧିକ ଆଗ୍ରହ ରଖୁଥିବା ନେଇ ତାଙ୍କୁ ସେଥିରୁ ନିବୃତ କରିବା ପାଇଁ ରାଜ୍ୟ ସରକାରଙ୍କର ଏହା ଥିଲା ଅଭିନବ ପ୍ରୟାସ। କିନ୍ତୁ, କେତେକ ଖାମଖିଆଲି ଲାଭବାନ ମନୋଭାବ ରଖୁଥିବା ସରକାରୀ ବାବୁଙ୍କ ପାଇଁ ଏଥିରେ ତୃଣମୂଳ ସ୍ତରରେ ଟଙ୍କା ଚଳୁ କରାଯାଉଥିବା ଦେଖିବାକୁ ମିଳିଛି। ୧୭ ଲକ୍ଷ ଟଙ୍କା ଅନୁଦାନ ରାଶିରେ ବିଦ୍ୟାଳୟରେ ହେବାକୁ ଥିବା ବିଦ୍ୟାଳୟ ଛାତ ମରାମତି, ବାହାର ଭିତର ରଙ୍ଗ, ଝରକା ଗୁଡିକର ଉନ୍ନତି କରଣ, ବିଦ୍ୟୁତିକରଣ, ଚଟଣାରେ ଟାଇଲ୍ ଲଗାଇବା, ପାନୀୟ ଜଳର ସୁବିଧା, ଶୌଚାଳୟ ନବୀକରଣ, ସମ୍ମୁଖ ଗେଟ୍ ଉନ୍ନତିକରଣ ଓ ନୂତନ ମଲ୍ଟିପର୍ପେଜ୍ ହଲ୍ ନିର୍ମାଣ ଇତ୍ୟାଦି କାର୍ଯ୍ୟ ହେବାକୁଥିବା ବେଳେ, ବାସ୍ତବ କ୍ଷେତ୍ରରେ କିନ୍ତୁ ଅତି ନିମ୍ନମାନର କାର୍ଯ୍ୟ କରାଯାଇ ଟଙ୍କା ଚଳୁ କରାଯାଇଥିବାର ସାଙ୍ଘାତିକ ଅଭିଯୋଗ କରିଛନ୍ତି ବିଦ୍ୟାଳୟ ପରିଚାଳନା କମିଟିର ସଭାପତି। ବିଦ୍ୟାଳୟକୁ ପୁନର୍ଃଉଦ୍ଧାର କରି ଛାତ୍ରଛାତ୍ରୀମାନଙ୍କୁ ଆକୃଷ୍ଟ କରାଇବା ଭଳି ମହତ୍ ଉଦ୍ଦେଶ୍ୟ କେବଳ ଉଦ୍ଦେଶ୍ୟରେ ହିଁ ରହିଯିବ ତାହା ବାସ୍ତବରେ ଦେଖିବାକୁ ମିଳିଛି। ଏହା ମଧରେ କ'ଣ ରହିଛି ଯାହାକୁ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବିଡ଼ିଓଙ୍କ ପର୍ଯ୍ୟନ୍ତ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି। ସ୍ଥାନୀୟ ମନ୍ତ୍ରୀ ନା ରାଜନୈତିକ ଚାପରେ ନା ମୋଟା ଅଙ୍କର ହାତଗୁଞ୍ଜାରେ ସଂପୃକ୍ତ ସରକାରୀ ବାବୁ ସବୁ ଜାଣିବି ନିରବ ରହୁଛନ୍ତି ତାକୁ ନେଇ ଜନସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ୫-ଟି ସଚିବ ଦୃଷ୍ଟି ଦେଇ ଉପଯୁକ୍ତ ତଦନ୍ତ କରାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିଦ୍ୟାଳୟ ପରିଚାଳନା କମିଟି ସହ ଶିକ୍ଷକଙ୍କ ମହଲରେ ଦାବି ହୋଇଛି।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୨ ଅଗଷ୍ଟ, ୨୦୨୧


email : rabibarachayan2015@gmail.com




ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା

ଭାଗ-୪୦



**ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

୧୯୧୪ ମସିହାରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇ ୧୯୧୮ ମସିହା ନଭେମ୍ବର ମାସରେ ତହିଁର ଅବସାନ ହୋଇଥିଲା । ଏହାର କେତେକଦିନ ଉତ୍ତାରେ ୧୯୧୮ ମସିହାରେ ଭୀଷଣ ଇନ୍‌ଫ୍ଲୁଏଞ୍ଜା ବା 'ଯୁଦ୍ଧଜ୍ୱର' ଭାରତବର୍ଷର ଚତୁର୍ଦ୍ଦିଗରେ ସଂକ୍ରମିତ ହୋଇ ବହୁଲୋକଙ୍କ ପ୍ରାଣନାଶ କଲା । ବରଗଡ଼ରେ ମଧ ଏହି ରୋଗରେ ଅନେକ ଲୋକ ବିନଷ୍ଟ ହୋଇଥିଲେ ।

ବିଶ୍ୱଯୁଦ୍ଧର ଅବସାନ ଉପଲକ୍ଷରେ ଉତ୍ସବ ବରଗଡ଼ରେ ଅନୁଷ୍ଠିତ ହେଉଥିବା ସମୟରେ ଓଡ଼ିଶା ଗଡ଼ଜାତ ସମୂହର ପଲିଟିକାଲ୍ ଏଜେଣ୍ଟ କବ୍‌ଡେନ୍ ରାମ୍‌ସେ ସାହେବ ମୋତେ ସରକାରୀ ଚାକିରି ସକାଶେ ମନୋନୀତ କରିଥିଲେ । ସୁତରାଂ ମୁଁ ତାଙ୍କ ପରିଚିତ ଥିଲି । ସେ ମୋତେ କହିଲେ ଯେ, ସରକାରୀ ଚାକିରିରେ ମୋର ପାଞ୍ଚବର୍ଷରୁ ଅଧିକ ହୋଇଯାଇଅଛି । ସେ ଢେଙ୍କାନାଳର ସହକାରୀ ସୁପରିଣ୍ଟେଣ୍ଡେଣ୍ଟ ପଦରେ ମୋତେ ପଠାଇବାକୁ ଚାହାଁନ୍ତି ଓ ତାହା ଗ୍ରହଣ କରିବା ସକାଶେ ପ୍ରସ୍ତୁତ ହୋଇ ରହିବା ପାଇଁ ମୋତେ ଜଣାଇ ଦେବା ତାଙ୍କ ଉଦ୍ଦେଶ୍ୟ । ରାମ୍‌ସେ ସାହେବଙ୍କ ଅଧୀନରେ ଚାକିରି କରିବା ପାଇଁ ତ ମୋର ଆପତ୍ତି ନଥିଲା । ପୁଣି ମୁଁ ତ ଜଣେ ଗଡ଼ଜାତବାସୀ । ଢେଙ୍କାନାଳ ଯିବା ପାଇଁ ସମ୍ମତି ଜ୍ଞାପନ କଲି । ୧୯୧୯ ମସିହା ଅଗଷ୍ଟ ମାସ ମଧ୍ୟରେ ସରକାରଙ୍କ ହୁକୁମ ଆସିଲା ଓ ମୁଁ ଏକବର୍ଷ ମାତ୍ର ରହି ବରଗଡ଼ ତ୍ୟାଗକଲି ।

### ଗଡ଼ଜାତରେ ଚାକିରି (ଢେଙ୍କାନାଳ)

ଢେଙ୍କାନାଳର ରାଜା ସୁରପ୍ରତାପ ମହେନ୍ଦ୍ର ବାହାଦୂର ୩୨ ବର୍ଷ ବୟସରେ ୧୯୧୯ ମସିହାର ଇନ୍‌ଫ୍ଲୁଏଞ୍ଜା ରୋଗରେ ଇହଲୀଳା ସାଙ୍ଗ କରିଥିଲେ । ମୃତ୍ୟୁ ସମୟରେ ତାଙ୍କ ଜ୍ୟେଷ୍ଠପୁତ୍ର ଓ ଉତ୍ତରାଧିକାରୀ ବର୍ତ୍ତମାନ ରାଜା ଶ୍ରୀ ଶଙ୍କର ପ୍ରତାପ ମହେନ୍ଦ୍ର ବାହାଦୂର ସେହି ସମୟରେ ନାବାଳକ ଥିବାରୁ ଷ୍ଟେଟ୍ ସରକାରଙ୍କ ତତ୍ତ୍ୱାବଧାନରେ ରହିଲା । ରାଜାଙ୍କ ଅମଳର ଦେୱାନ ଶ୍ରୀ ରାଜକିଶୋର ତ୍ରିପାଠୀ ବିହାର-ଓଡ଼ିଶା ସରକାରଙ୍କ ଦ୍ୱାରା ସୁପରିଣ୍ଟେଣ୍ଡେଣ୍ଟ ପଦରେ ନିଯୁକ୍ତ ହୋଇ ଶାସନକାର୍ଯ୍ୟ ଚଳାଇଥିଲେ । ବାଲେଶ୍ୱର ଜିଲ୍ଲା ନିବାସୀ ଶ୍ରୀ ପାର୍ବତୀଚରଣ ଦାସ, ଢେଙ୍କାନାଳନିବାସୀ ଶ୍ରୀ ଚନ୍ଦ୍ରଶେଖର ପାଣି ଓ କଲିକତାନିବାସୀ ଶ୍ରୀ ପ୍ରଫୁଲ୍ଲ କୁମାର ସରକାର ରାଜାଙ୍କ ଅମଳରେ ସହକାରୀ ଦେୱାନ ଥିଲେ । ଏମାନେ ସହକାରୀ ସୁପରିଣ୍ଟେଣ୍ଡେଣ୍ଟ୍ ପଦରେ ନିଯୁକ୍ତ ହେଲେ । ଆଉ ଏକ ସହକାରୀ ପଦରେ ନିଯୁକ୍ତ ହୋଇ ୧୯୧୯ ମସିହା ଅଗଷ୍ଟ ମାସ ୨୩ ତାରିଖରେ ମୁଁ ଏହି କାର୍ଯ୍ୟରେ ଯୋଗ ଦେଲି ଓ ମଡ଼ି ସବ୍‌ଡିଭିଜନ୍‌ର (ବର୍ତ୍ତମାନ କାମାକ୍ଷାନଗର) ଭାର ଗ୍ରହଣ କଲି ।

୧୯୧୯ ମସିହାର ଆରମ୍ଭରେ ଢେଙ୍କାନାଳରେ ଭୟଙ୍କର ଦୁର୍ଭିକ୍ଷ ହୋଇ ରାଜ୍ୟକୁ ଛାରଖାର କରି ପକାଇଥିଲା । ମୁଁ ଯିବା ସମୟକୁ ସୁଦ୍ଧା ଦୁର୍ଭିକ୍ଷର ପ୍ରକୋପ ଉଣା ଅଧିକେ ବିଦ୍ୟମାନ ଥିଲା । ଅନାହାରକ୍ଲିଷ୍ଟ ଲୋକେ ଭିକ୍ଷାରେ ଜୀବନଯାପନ କରୁଥିଲେ । ଗଡ଼ ମଧ୍ୟସ୍ଥ ସଡ଼କରେ ସର୍ବଦା ଦଳ ଦଳ ଭିକ୍ଷୁକଙ୍କ ସମାଗମ ନିତ୍ୟ ଦର୍ଶନୀୟ ଥିଲା । ଷ୍ଟେଟ୍ ଦୁର୍ଭିକ୍ଷକ୍ଲିଷ୍ଟ ଲୋକଙ୍କୁ ଯେଉଁ ସାହାଯ୍ୟ ଦେଉଥିଲା ତାହା ବନ୍ଦ ହୋଇଯାଇଥିଲା । ସ୍ଥାନେ ସ୍ଥାନେ ଅଳ୍ପବୟସ୍କ ବାଳକ ଓ ବାଳିକାଙ୍କୁ ସଡ଼କରେ ମରି ପଡ଼ିଥିବା ଦେଖିଲି । ଦିନେ ଦଳେ ପିଲା ଆମ୍ଭମାନଙ୍କ ଶୟନାଗାରରୁ ଅଳ୍ପ ଦୂରରେ ଅବସ୍ଥିତ ରନ୍ଧନଶାଳା ମଧ୍ୟକୁ ବାଡ଼ି ପଥରେ ପଶି ହାଣ୍ଡିରୁ ଭାତ ଖାଇଯାଇଥିଲେ । ଦୁର୍ଭିକ୍ଷ ସଙ୍ଗେ ଚୋରି, ଡକାୟତି, ଖୁବ୍ ରାଜତ୍ୱ କରିଥିଲା । ପାଣମାନେ ଏଥିରେ ଅଗ୍ରଣୀ ହୋଇଥିଲେ । ଅନେକ ପାଣ ଧରାପଡ଼ି ସଦର ଓ ମଡ଼ି ଜେଲ ପୂର୍ଣ୍ଣ କରିଦେଇଥିଲେ । ତଥାକଥିତ କେତେକ ଭଦ୍ରବ୍ୟକ୍ତି ଓ ମହାଜନ ଚୋରାମାଲ କିଣିବା ଦ୍ୱାରା ସେମାନଙ୍କୁ ଚୋରି, ଡକାୟତିରେ ଉତ୍ସାହ ଦେଉଥିଲେ ଏବଂ ସେମାନଙ୍କ ମଧ୍ୟରୁ କେତେକ ସୁଦ୍ଧା ସେମାନଙ୍କ ସହିତ କାରାଗାର ଆଶ୍ରୟ କରିଥିଲେ । ଯେଉଁଆଡ଼େ ଦେଖିଲି ଦୁର୍ଭିକ୍ଷର କରାଳ ଦୃଶ୍ୟ ଅନୁଭୂତ ହେଉଥିଲା ।

ଦୁର୍ଭିକ୍ଷ ଉତ୍ତାରେ ପ୍ରଜାମାନଙ୍କ ଶସ୍ୟାଭାବ ହୋଇଥିଲା । କେତେକ ପ୍ରଜା ଷ୍ଟେଟ୍ ସାହାଯ୍ୟରେ, କେତେକ ବନ୍ଧୁବାନ୍ଧବଙ୍କ ସାହାଯ୍ୟରେ ଓ ଆଉ କେତେକ ନିଜ ନିଜ ଶକ୍ତି ଅନୁଯାୟୀ ବିହନ ସଂଗ୍ରହ କରି ବୁଣିଥିଲେ । କିନ୍ତୁ ବିଲରେ ଫସଲ ପାଚିଲା ସମୟକୁ ଆଉ ଏକ ବିପଦ ଆସି ଉପସ୍ଥିତ ହୋଇଥିଲା । ପାଣମାନେ ଦଳବଦ୍ଧ ହୋଇ ରାତ୍ରି ସମୟରେ ବିଲରୁ ଧାନ କାଟି ନେଇ ଯାଉଥିଲେ । ଷ୍ଟେଟ୍‌ର ପ୍ରାୟ ପ୍ରତ୍ୟେକ ଗ୍ରାମରେ ଏହି ଦଶା । ଏହାକୁ ଦମନ ନକଲେ ପୁଣି ଯେ ଦୁର୍ଭିକ୍ଷ ହୋଇଯିବ! ପ୍ରଜାଙ୍କ ମଧ୍ୟରେ ହାହାକାର ପଡ଼ିଗଲା । ଏପରି ଚୋରି କରିବାରେ ପାଣମାନଙ୍କର ଦୁଇଗୋଟି ଉଦ୍ଦେଶ୍ୟ ଥିଲା । ସେମାନଙ୍କ ମଧ୍ୟରେ ସୁଦ୍ଧା ଅଧିକାଂଶ ଶ୍ରମଜୀବୀ ଓ ଦରିଦ୍ର । ସେମାନେ ସୁଦ୍ଧା ଅନ୍ନକ୍ଲେଶ ଅନୁଭବ କରୁଥିଲେ । ଚୋରି କରି ଧରା ନପଡ଼ିଲେ ଲବ୍ଧ ଧାନ ଖାଇବେ, ଆଉ ଧରାପଡ଼ିଲେ ଜେଲ୍‌ରେ ରହି ଅନ୍ନକଷ୍ଟ ମୋଚନ କରିବେ । ଏହି ବିପଦ ନିବାରଣ ସକାଶେ ମୁଁ ଦୁଇକୋଟି ଉପାୟ ଅବଲମ୍ବନ କଲି । ପ୍ରଥମ, ସ୍ଥାନେ ସ୍ଥାନେ ପ୍ରଧାନ ପ୍ରଧାନ ସର୍ବରାକାରଙ୍କୁ ବନ୍ଧୁକ ଲାଇସେନ୍‌ସ ଦେଇଦେଲି ଓ ବିଲକୁ ଚୋର ପଶିଲେ ପ୍ରଥମରେ ସେମାନଙ୍କୁ ଚାଲିଯିବା ସକାଶେ ସାବଧାନ କରିଦେବା ଉଦ୍ଦେଶ୍ୟରେ ଶୂନ୍ୟରେ ଗୁଳି ଫୁଟାଇବା ଓ ପରେ ନମାନି ଧାନ କାଟିଲେ ସେମାନଙ୍କ ଉପରେ ଗୁଳି ଚଳାଇବା ସକାଶେ ଉପଦେଶ ଦେଲି । ଦ୍ୱିତୀୟ, ଚୋରମାନେ ବିଚାରରେ ଦୋଷୀ ସାବ୍ୟସ୍ତ ହେଲେ ସେମାନଙ୍କ ପ୍ରତି ବେତ୍ରାଘାତ ଦଣ୍ଡ ପ୍ରୟୋଗ କଲି ଓ କଚେରୀରେ ପ୍ରକାଶ୍ୟ ସ୍ଥାନରେ ବେତ୍ରାଘାତ କରିବା ବ୍ୟବସ୍ଥା କଲି । ଏହି ଉପାୟ ଦ୍ୱାରା ଅଳ୍ପଦିନ ମଧ୍ୟରେ ମଡ଼ି ସବ୍‌ଡିଭିଜନ୍‌ରେ ଚୋରି ବନ୍ଦ ହୋଇଗଲା । ଏହା ଉତ୍ତାରେ ଚୋରି, ଡକାୟତିରେ ଲିପ୍ତ ହୋଇ ପରେ ବିଚାରରେ ଖଲାସ ହୋଇଥିବା ଜଣକେତେ ପାଣଙ୍କୁ ସେମାନଙ୍କ ଗ୍ରାମର ଚୌକିଦାର କରିଦେଲି ଓ ସେମାନଙ୍କୁ ସାବଧାନ କରାଇଦେଲି ଯେ ସେମାନଙ୍କ ଗ୍ରାମରେ ଯଦି ଚୋରି ଡକାୟତି ହୁଏ, ତେବେ ତାହା ସକାଶେ ସେମାନେ ଦାୟି ହେବେ । କଣ୍ଟକ ଉତ୍ପାଟିତ ହୁଏ । ଅଚିରେ ଏହାର ଫଳ ଫଳିଲା । ଅନେକ ପାଣ ଆସାମ- ଚା-ବଗିଚାକୁ କୁଲି ହୋଇ ଚାଲିଗଲେ । କେବଳ ସାଧୁ ଜୀବନଯାପନ କରୁଥିବା ପାଣମାନେ ରହିଲେ ।

ବେତ୍ରାଘାତ ଏକ ବର୍ବର ଦଣ୍ଡ ଓ ବର୍ତ୍ତମାନ ଏହା ଆଇନ ଅଦାଲତରୁ ଉଠାଇ ଦିଆ ହୋଇଅଛି । କିନ୍ତୁ ଦୁଷ୍ଟ-ମନୋବୃତ୍ତି-ବ୍ୟାଧିର ଏହା ଅବ୍ୟର୍ଥ ମହୌଷଧି, ଏହା ମୁଁ ଅନୁଭବ କରିଅଛି । ଦୁଷ୍ଟ ପୁରୁଣା ଦାଗୀମାନେ ସୁଦ୍ଧା ଆଜିକାଲି କହୁଅଛନ୍ତି କାରାଗାର ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମସ୍ଥାନ ଓ ପବିତ୍ର ତୀର୍ଥ । ମୁଁ କଟକରେ ଥିବା ସମୟରେ ଜୀବନର ଦୀର୍ଘକାଳ କାରାଗାରରେ କଟାଇଥିବା ଦାଗୀ ଶତ୍ରୁଘ୍ନ ବାଉରିକୁ ଯେତେବେଳେ ଚୋରି ଅପରାଧରେ ଦୁଇବର୍ଷ କାରାଦଣ୍ଡ ଜଣାଇ ଦେଲି, ସେ କହିଲା, ହଜୁରଙ୍କର କ'ଣ ଏତିକି କ୍ଷମତା? ପାଞ୍ଚ ସାତ ବର୍ଷ ଦେଇଥିଲେ ସେହିଠାରେ ହେଲେ ଜୀବନଟା ଯାଇଥାନ୍ତା । ପୁଣି ଆସି ମୋତେ ପୁଣି ଯିବାକୁ ହେବ ।" ସମ୍ବଲପୁରରେ ଥିବା ସମୟରେ ଥରେ ଜଣେ ଗଣ୍ଡା ମୋ ହାବୁଡ଼ରେ ପଡ଼ିଲା । ଜଣେ ବୁଢ଼ୀର ଏକମାତ୍ର ସମ୍ବଳ ଗୋଟିଏ ଧାନକିଆରୀରୁ ଧାନକାଟି ନେଇଥିବା ଅଭିଯୋଗରେ ବିଚାର ସକାଶେ ସେ ମୋ ଅଦାଲତରେ ଉପସ୍ଥିତ ହେଲା । ପୂର୍ବ କାଗଜପତ୍ରରୁ ଦେଖିଲି, ଥରକୁ ଥର ସେ ଏହି କିଆରୀରୁ ଧାନ କାଟିନେଇ ଯାଉଥାଏ ଓ ଥରକୁ ଥର ଜେଲ୍ ଯାଉଥାଏ । ଏଥର ଅଭିଯୋଗ ପ୍ରମାଣିତ ହେଲାରୁ ଦଣ୍ଡବିଧାନ ପୂର୍ବେ ତାକୁ କାହିଁକି ସେପରି କରୁଛୁ ବୋଲି ପଚାରିଲି । ସେ କହିଲା, "ଜେଲ୍ ସିନା ଦେବେ । ଜେଲ୍ ଯାଉଥିବି ଆଉ ଖଲାସ ହୋଇ ଆସିଲେ ପୁଣି କାଟିବି ।" ମୁଁ ତାକୁ କହିଲି, "ଆଉ କାଟିବୁ ନାହିଁ" ଓ ବେତ୍ରାଘାତ ଦଣ୍ଡ ବିଧାନ କଲି । ଆଉ ସେ ସେହି ବିଲକୁ ଯିବା ଛାଡ଼ିଦେଲା ।(କ୍ରମଶଃ)

## ପର୍ଦ୍ଦା ପଛର କଥା -୭

**ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ। ପ୍ରାୟ ୭୦ଟିରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି। ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ। ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ।**



ଭାଗ-୧୪

### 'ନବେ ଦଶକର ଯାତ୍ରା-୧'

ନବେ ଦଶକ ଥିଲା ମୋ ପାଇଁ ଘଟଣା ଦୁର୍ଘଟଣାର ଦଶକ । ବୃତ୍ତିଗତ ଜୀବନରେ ଆର୍ଥିକ ସ୍ୱଚ୍ଛଳତା ପ୍ରାୟତଃ ଆସିଯାଇଥିଲା । କଲେଜ ସରକାରୀ ଅନୁଦାନ ପ୍ରାପ୍ତ ହୋଇଥିଲା । ଅଧକ୍ଷ ଦାୟିତ୍ୱରୁ ମୁକ୍ତି ମିଳିଯାଇଥିଲା । ପିଲାଙ୍କୁ ପାଠ ପଢ଼ାଇବା ପରେ ମୋ ହାତରେ ପ୍ରଚୁର ସମୟ । ଭୁବନେଶ୍ୱର ଚାଲିଆସେ । ରବି ଟକିଜ୍ ଛକ, ବୁଢ଼ା ମହାରଣାଙ୍କ ଘରେ କିଛି ନିର୍ଦ୍ଦେଶକ ପ୍ରଯୋଜକଙ୍କ ସହ ଖଟି ଜମେ ।

କିନ୍ତୁ ଫଳ କିଛି ମିଳେନି । ତଥାପି ମୁଁ ଆଗେଇ ଚାଲିଥାଏ ମୋ ଯାତ୍ରାରେ । ସେତେବେଳକୁ ମୁଁ ଜଣେ ପ୍ରତିଷ୍ଠିତ ଶିଶୁ ସାହିତ୍ୟିକ । କିଛି ବହି ଓ ଅନେକ ଲେଖା ପ୍ରକାଶିତ । ଶ୍ରୀରାମ ଚରିତ ମାନସ ଉପରେ ବୁଲି ବୁଲି ପ୍ରବଚନ ଦେଉଥାଏ । ଗୋଟାଏ ମାନସିକ ଶାନ୍ତି ଭିତରେ ମୁଁ ଥାଏ ପ୍ରାୟତଃ । ତଥାପି ରୂପେଲି ପରଦାର ମୋହ ମତେ ଆକର୍ଷିତ କରୁଥାଏ ବାରମ୍ବାର ।

ଆଗରୁ କହିଛି ବୁଢ଼ା ମହାରଣାଙ୍କ ସହ ସାକ୍ଷାତ ମୋ ଚଳଚ୍ଚିତ୍ର ଜୀବନର ଏକ ଟର୍ଣ୍ଣିଂ ପଏଣ୍ଟ୍ । କିଛି ବିଶିଷ୍ଟ ସିନେ ବ୍ୟକ୍ତିତ୍ୱଙ୍କ ଭିତରେ ପ୍ରଶାନ୍ତ ନନ୍ଦ (ଭାଇନା)ଙ୍କ ଆସିଷ୍ଟାଣ୍ଟ ଅଜୟ ରାଉତରାୟଙ୍କ ପରିଚୟ ହେଲା ବୁଢ଼ା ଭାଇଙ୍କ ଘରେ । ଗୋଟିଏ ଯାତ୍ରା ପାର୍ଟିରୁ ନିମନ୍ତ୍ରଣ ଆସିଥାଏ ପ୍ରଶାନ୍ତ ଭାଇଙ୍କୁ ଏକ ଯାତ୍ରାର ନିର୍ଦ୍ଦେଶନା ନିମନ୍ତେ, ଯାହାକି ପ୍ରଶାନ୍ତ ଭାଇନାଙ୍କ ପକ୍ଷରେ ସମୟ ଦେବା ସମ୍ଭବ ନଥିଲା । ତେଣୁ ଅଜୟ ରାଉତରାୟ ଯାତ୍ରର ଦାୟିତ୍ୱ ନେଇଥିଲେ । ବୁଢ଼ା ଭାଇ ଅଜୟ ରାଉତରାୟଙ୍କୁ ମୋ ପରିଚୟ କରାଇ ଯାତ୍ରା ପାଇଁ ଲେଖିବାକୁ ସୁଯୋଗ ଦେବାକୁ କହିଲେ ।

ଇଏ ଏକ ନୂତନ ଅଭିଜ୍ଞତା । ବାସ୍ତବିକ ଦୃଷ୍ଟିରୁ ଯାତ୍ରା ପାଇଁ ମୋର ଆଦୌ ଆଗ୍ରହ ନଥିଲା । ତେବେ ପ୍ରଶାନ୍ତ ନନ୍ଦଙ୍କ ୟୁନିଟ୍‌ରେ ଏଣ୍ଟ୍ରି ପାଇଁ ମୁଁ ଜୋର୍‌ସୋର୍‌ରେ ଲାଗି ପଡ଼ିଲି । କାହାଣୀ ପ୍ରସ୍ତୁତ ଚାଲି କିଛି ଦୃଶ୍ୟ ମଧ ଲେଖା ଚାଲିଲା ।

କିନ୍ତୁ ଯାତ୍ରାଟି ମଞ୍ଚସ୍ଥ ହୋଇପାରିଲା ନାହିଁ । ଅଜୟ ବାବୁ ବ୍ୟସ୍ତ ରହିଗଲେ ଭାଇନାଙ୍କ ଅନ୍ୟ ପ୍ରୋଜେକ୍ଟରେ । ତେବେ ଅଜୟ ରାଉତରାୟଙ୍କ ସହ ମୋର ବନ୍ଧୁତ୍ୱ ଦୃଢ଼ ହୋଇଗଲା ଓ ପ୍ରଶାନ୍ତ ନନ୍ଦଙ୍କ ଘରକୁ ଅବାଧ ପ୍ରବେଶର ସୁଯୋଗ ଆସିଗଲା ।

ଯାତ୍ରା ପାଇଁ ପ୍ରସ୍ତୁତ ସ୍କ୍ରିପ୍ଟଟିକୁ ଢେର୍ ଦିନ ମୁଁ ସାଇତି ରଖିଥିଲି । ସାତସଂଖ ଅପେରାରେ ଗୀତ ଲେଖିବା ପାଇଁ ମୋତେ ସାଥୀରେ ଧରି ନାରାୟଣ ଭାଇନା (ରଥ) ପିପିଲି ସ୍ଥିତ ଅପେରା କର୍ଯ୍ୟାଳୟରେ ଲେଖକ ନିର୍ଦ୍ଦେଶକ ସୁରେନ୍ଦ୍ର ମହାନ୍ତିଙ୍କ ସହ ସାକ୍ଷାତ କରାଇଥିଲେ । ସୁରେନ୍ଦ୍ର ମହାନ୍ତି ବୃତ୍ତିରେ ଆଡ୍‌ଭୋକେଟ୍ ଥିଲେ ହେଁ ଭଲ ଲେଖକ ଓ ନିର୍ଦ୍ଦେଶକ । ତାଙ୍କର କେତୋଟି ନାଟକ ସାତସଂଖ ଅପେରାରେ ମଞ୍ଚସ୍ଥ ହୋଇ ବେଶ୍ ଲୋକପ୍ରିୟତା ହାସଲ କରିଥାଏ । ସୁରେନ୍ଦ୍ର ବାବୁ ମୋ ପରିଚୟ ପାଇ ଗୀତ ସହ ଯାତ୍ରାରେ ସ୍କ୍ରିପ୍ଟ ପ୍ରସ୍ତୁତ ପାଇଁ କହିଲେ ।

ମୁଁ ପ୍ରଶାନ୍ତ ଭାଇନାଙ୍କ ପାଇଁ ଲେଖିଥିବା ସ୍କ୍ରିପ୍ଟକୁ ଧରି ସୁରେନ୍ଦ୍ର ବାବୁଙ୍କ ପୁରୀସ୍ଥିତ ବାସଭବନରେ ଦେଖାକଲି । ସୁରେନ୍ଦ୍ର ବାବୁ ସ୍କ୍ରିପ୍ଟଟିକୁ ଆମୂଳଚୂଳ ପଢ଼ି କେତେ ଗୁଡ଼ିଏ ଟିପ୍‌ସ ଦେଲେ । ଯାତ୍ରାରେ କାହାଣୀର ଗତିଶୀଳତାର ଭିନ୍ନତା ଓ ସଂଳାପର ପ୍ରୟୋଗର କୌଶଳ ବୁଝାଇଲେ । କାହାଣୀଟି ତାଙ୍କ ମନକୁ ପାଇଥିଲା ଓ ୧୫ଦିନ ତାଙ୍କ ପାଖରେ ପୁରୀରେ ରହି ସ୍କ୍ରିପ୍ଟଟିକୁ ସମାପ୍ତ କରିବାକୁ କହିଲେ ଯାହାକି ମୋ ପକ୍ଷରେ ଏକାନ୍ତ ଅସମ୍ଭବ ଥିଲା ।

ସେଇ ସ୍କ୍ରିପ୍ଟ ସେଇଠି ରହିଗଲା । ଯାତ୍ରା କଥା ମନରୁ ପୋଛି ଦେଇଥିଲି ଏକରକମ । ସଂଗୀତ ନାଟକ ବିଭାଗର ବିଜୟ ସିଂ ଏକ ସ୍କ୍ରିପ୍ଟ ପ୍ରସ୍ତୁତ କରୁଥିଲେ ଗୋଟିଏ ନାମୀ ଯାତ୍ରାପାର୍ଟି ପାଇଁ । ନାରାୟଣ ରଥ ସଂଗୀତ ଦାୟିତ୍ୱରେ । ମୁଁ ମୋଟ ପାଞ୍ଚଗୋଟି ଗୀତ ଲେଖିଥିଲି ସେ ଯାତ୍ରାରେ । ଅନେକ ଦିନ ପରେ ଖବରକାଗଜ ବିଜ୍ଞାପନରେ ସେ କାହାଣୀଟିର ନାମ ପରିବର୍ତ୍ତନ କରାଯାଇ "ପାଞ୍ଚବର୍ଷ ପରେ ଚଉଠି ରାତି" ଶୀର୍ଷକ ରହିଥିଲା ଓ ମୋର ଗୀତଗୁଡ଼ିକ ଥିଲା ନାଟକରେ ଅନ୍ୟ ଜଣେ ସଂଗୀତ ନିର୍ଦ୍ଦେଶକଙ୍କ ସଂଗୀତ ନିର୍ଦ୍ଦେଶନାରେ । ପରେ ଅନେକ ଦିନ ପରେ ସଂଗୀତ ନିର୍ଦ୍ଦେଶକ ବିକାଶ ଶୁକ୍ଳା ଏକରକମ ବାଧବାଧକତାରେ ଯାଜପୁର ନେଇଗଲେ ସାଥିରେ ଏକ ଯାତ୍ରାପାର୍ଟିରେ ଗୀତ ଲେଖିବା ପାଇଁ । ଧଉଳି ଅପେରା ପାଇଁ ମୁଁ ଏକ 'କଥା ରହିଲା କାଳକାଳକୁ' ନାଟକରେ ଗୀତ ଲେଖିଥିଲି । ମୋଟ ଛଅଗୋଟି ଗୀତକୁ ମାତ୍ର ଦୁଇଦିନ ଭିତରେ ଲେଖିବାକୁ ପଡ଼ିଥିଲା । ଗୀତଗୁଡ଼ିକ ଚମତ୍କାର ହୋଇଥିଲା । ଦିନେ ଯାତ୍ରାପାର୍ଟିର ମାଲିକ ଆସି ମତେ କହିଲେ ତାଙ୍କ ଯାତ୍ରା ପାର୍ଟି ପାଇଁ ସ୍କ୍ରିପ୍ଟ ପ୍ରସ୍ତୁତ କରିବା ପାଇଁ । ମୁଁ କିନ୍ତୁ ରାଜି ହୋଇନଥିଲି ।

ପରେ ଅନେକଥର ଅବଶ୍ୟ ଇଚ୍ଛା ହୋଇଛି ଯାତ୍ରାରେ ପ୍ରବେଶ କରିବା ପାଇଁ । ନିର୍ଦ୍ଦେଶକ ଲାଲା ବୀରେନ୍ ରାୟ, ମନୋଜ ପଟ୍ଟନାୟକ ପ୍ରମୁଖ ମତେ ନିମନ୍ତ୍ରଣ କରିଛନ୍ତି ହେଲେ କେଜାଣି କାହିଁକି ମୁଁ ଇଚ୍ଛାକରି ଯାଇନି । ନାଟକ ଯାତ୍ରା ଅପେକ୍ଷା ରୂପେଲି ପରଦାର ମୋହ ମତେ ଟାଣି ନେଉଥିଲା ଆଗକୁ ଆଗକୁ ।

ବନ୍ଧୁ ଅଜୟ ରାଉତରାୟଙ୍କ ସାଙ୍ଗରେ ଭେଟହେଲା ଶ୍ରୀକାନ୍ତ ଗୌତମଙ୍କ ସାଥିରେ । ପ୍ରଶାନ୍ତ ଭାଇନାଙ୍କ ଭାଇ ହିସାବରେ ନୁହେଁ ଜଣେ ଗୀତିକାର ଭାବରେ ମୁଁ ତାଙ୍କୁ ଜାଣିଥିଲି ଆଗରୁ । ତାଙ୍କ ନାୟକ ଅଭିନୟ ବି ଦେଖିଥିଲି । ସେତେବେଳେ ଶ୍ରୀକାନ୍ତ ଗୌତମ ଜଣେ ପ୍ରତିଷ୍ଠିତ ଗୀତିକାର । କ୍ୟାସେଟ୍‌ରେ ଭଜନ ଓ ଆଧୁନିକ ଗୀତ ରଚନା କରି ସେ ବେଶ୍ ଚର୍ଚ୍ଚାରେ । ନିଜେ ଗୋଟିଏ ଅଡିଓ କଂପାନୀ କରି ସଂଖ୍ୟାଧିକ ହିଟ୍‌ଗୀତ ଗୁଡ଼ିଏ ପ୍ରସ୍ତୁତ କରୁଥାନ୍ତି । ପ୍ରଥମ ଦେଖାରେ ମତେ ପୁରାତନ ବନ୍ଧୁ ଭାବରେ ସମ୍ଭାଷଣ କଲେ । ମତେ ଲାଗିଲା ଯାଙ୍କ ସାଥିରେ ଆଗରୁ ଭେଟ ହୋଇନଥିଲା କାହିଁକି ? (କ୍ରମଶଃ)

କବିତା.... ଆମ ସମୟର

### ● ହରିଶ୍ଚନ୍ଦ୍ର ବେହେରା



## କି କିମିଆ କଲା କୁଆଁରୀ ପଦୁଅଁ

କି କିମିଆ କଲା କୁଆଁରୀ ପଦୁଅଁ
ଭଅଁର ତ ବାଟ ବଣା
କହରେ ମନୁଆ କେଉଁ ରାଇଜ ଏ
ନିଇତି ବାଜେ ବାଜଣା ।୦।

ଅଣାକାର ଘରେ ଅଣଚାଶ ବହେ
ଅଥାଳ ପିଣ୍ଡ ବ୍ରହ୍ମାଣ୍ଡ
ଦେହ ନନ୍ଦିଘୋଷେ ଏ କେଉଁ ଦିଅଁଲୋ
ଗହ ଗହ ବଡ଼ ଦାଣ୍ଡ
ମନକୁ କରିଥା' ଥୟରେ ମନୁଆ
ଯିବୁ କାଉଁରୀ ପାଟଣା ।୧।

ଜୀବନର ମୂଳ କହ ସାହୁକାର
ମରଣର ମୂଳ କହ
ସହସ୍ରା ଚକ୍ରରେ କି ଫୁଲ ଫୁଟିଛି
ବାସୁଅଛି ମହ ମହ
ମାୟା ମରୀଚିକା ପଛରେ ଧାଇଁଛୁ
ଜାଣିକି ହେଉ ଅଜଣା ।୨।

ଦାଉ ଦାଉ ଜଳେ ଏ କେଉଁ ଜୁଇଲୋ
ଜୁଇ ପାଖେ କାହା ଛାଇ
ସବୁ ଜାଣି ଶୁଣି ଦି' ଦିନ ଖେଳରେ
ମିଛଟାରେ ହେଲୁ ବାଇ
ସୁଖ ବୋଲି ଯାହା ଭାବୁରେ ମନୁଆ
ସେତ ଖାଲି କଳପନା ।୩।

+ କଲ୍ୟାଣ ନଗର, ଅଙ୍ଗାରଗଡିଆ, ବାଲେଶ୍ୱର

### ● ବ୍ରଜନାଥ ରଥ

## ॥ ସଂଜ ନଇଁ ଆସୁଛି ॥



ଗୋଟାଏ ଗୁଳିବିଦ୍ଧ ରକ୍ତାକ୍ତ ଗରିଲା ଭଳି
ସଂଜ ନଇଁ ଆସୁଛି ଟଳିଟଳି
ପଶ୍ଚିମର ପାହାଡ ଖୋଲରୁ
ଏବଂ ଅଦୂର ଦିଗନ୍ତରୁ
ମାଡି ଆସୁଛି ଅନ୍ଧାର
ବିସ୍ଫୋରିତ ବୋମାର
ବିଚ୍ଛୁରିତ ଧୂମ-କୁଣ୍ଡଳୀ ଭଳି ।

ଶ୍ରାବଣର ବର୍ଷାଭିଜା ସବୁଜ ଧାନକ୍ଷେତ
ଆଜି ଶୂନ୍ୟ ଓ ଧୂସର ।

ଦିଗ ଦିଗନ୍ତରେ ଶୁଭୁଛି କେବଳ ନିଃଶବ୍ଦ କ୍ରନ୍ଦନ
ଓ ନିରବ କୋଳାହଳ ।

ଲୋମଶ ଅନ୍ଧାରର ଲୋଲୁପୀ କଳାହାତ
କ୍ରମଶଃ ଲମ୍ବିଯାଉଛି ଦୂରରୁ ଦୂରକୁ
ଏବଂ ତାର ଶାଣିତ ନଖରେ
କୋରି କୋରି ଯାଉଛି
ବିଷଣ୍ଣ ବସୁଧାର ଅବସନ୍ନ ଛାତି ।

ତଥାପି ଅନେକ ଦୂରରେ
ନୀଳ ଚକ୍ରବାଳର କୋଳରେ ଦିଶୁଛି
ଗୋଟାଏ ମିଂଜିମିଂଜି କ୍ଷୀଣ ଆଲୋକର ରେଖା
ନିଶାନ୍ତ ଆକାଶର ଧ୍ରୁବତାରା ଭଳି ।

କେଉଁ ଅଶ୍ୱତ୍ଥ ଗଛର ପ୍ରସାରିତ ଶାଖାର
ମର୍ମରିତ ପତ୍ର ଗହଳୁ ଶୁଭୁଛି
କେତୋଟି ନବଜନ୍ମା ପକ୍ଷୀଶାବକଙ୍କର
ଚିଁ-ଚିଁ ଶବ୍ଦ ।

ମୃଦୁ ପବନର ବେଣୁରେ ବେଣୁରେ
ଧ୍ରୁପଦୀ ଆଳାପ ତୋଳୁଛି
ବିନିଦ୍ର ଆକାଶ ।

ଧୀରେଧୀରେ ଧିମେଇ ଆସୁଛି
ଶ୍ରାନ୍ତ ଜନପଦର ଅଶାନ୍ତ କୋଳାହଳ ।
ନଇଁ ଆସୁଛି ସଂଜ
ଟଳିଟଳି
ଗୋଟାଏ ରକ୍ତାକ୍ତ ଗରିଲା ଭଳି
ପଶ୍ଚିମର ପାହାଡ-ଖୋଲରୁ ।

+ ସୁନହଟ, ବାଲେଶ୍ୱର

### ● ହେମନ୍ତ କୁମାର ରାଉତ



## ॥ ପରିଚୟ ॥

ଆଗରେ ପାଚିଲା ଧାନବିଲ
ନହକୀ ଧାନ ବୁଦାରେ ଧାନକେଣ୍ଡାର
ଟିକିଟିକି ସୁନାର ନାକଫୁଲ
ଛୋଟ ଜଙ୍ଗଲ ପରି ଗାଁ ପାଖ ଆଖୁକ୍ଷେତ
କେଉଁଠି ଅଳସୀ ତ କେଉଁଠି କାନ୍ଦୁଲ
ପାଖରେ ସମୁଦ୍ର ଭର୍ତ୍ତି ଅସୁମାରି
ରୁପାର ମାଛ ।

ମାଟି ଭିତରେ କେତେ ଯୁଗର ପାହାଡ ପାହାଡ
ଲୁହା କ୍ରୋମାଇଟ ମାଙ୍ଗାନିଜ କୋଇଲା
ଶାଳ ପିଆଶାଳ ଗଛବୃକ୍ଷ ବାଘ ହରିଣ
ହାତୀରେ ପରିପୂର୍ଣ୍ଣ ଆମ ଜଙ୍ଗଲ
ଆମ ଚିଲିକା, ଭିତରକନିକା, ବରୁଣେଇରେ
ପୃଥିବୀଯାକର କେତେ ରଙ୍ଗିନ ଚଢେଇ ।

କେଉଁଠି ନୀଳ ଝରଣାର ମାୟା
କେଉଁଠି ବଙ୍କିଳ ନଈ ଧାରେଧାରେ
ସୋରିଷ ଫୁଲର କାୟା
ତଥାପି ଆମେ ଗରୀବ
ଯେଉଁଠି ନଥିଲାବାଲାଙ୍କ ପାଇଁ ଆସୁଥିବା
ଟଙ୍କିକିଆ ଚାଉଳ ତିନିଶ ଭତ୍ତା
ଇନ୍ଦିରା ଆବାସରେ ଥିଲାବାଲାଙ୍କ ଭାଗ ।
ସବୁଥାଇ ନିଜକୁ ନିଃସ୍ୱ ସଜେଇ
ଓଡିଶା ଗରୀବ ବୋଲି ସାରା ଦୁନିଆରେ
ଆମର ସବୁଠୁ ବଡ ପରିଚୟ ।

+ ବାହାଫୁର, ରାଜନଗର, କେନ୍ଦ୍ରାପଡା
(ମୋ) ୯୯୩୮୬୬୯୬୩୧

### ● ଜୟନ୍ତୀ ବିଶ୍ୱାଳ ବେହୁରିଆ

## ॥ ସ୍ୱାଧୀନତାର ଖରା ॥



ମୁଁ ସ୍ୱାଧୀନ ଦେଶର ନାରୀ
ଗୋଟିଏ ଶବ୍ଦର
ଉଚ୍ଚାରଣେ ଉଠେ
ହଜାର ତରବାରୀ ।

ଲିଭିବ ମନୁ ମୋ ଖେଦ
ଯେଦିନ ଉଠିବ
ସଂସ୍କାର ନାଆଁରେ
ପୁରୁଷ ନାରୀର ଭେଦ ।

ସ୍ୱାଧୀନତାର ଭୋଗ
ସେଦିନ ପାଇବି ଆଗ
ଯେଉଁଦିନ ସେଇ
ବିଧବା ନାରୀଟି
ଶୁଭକାର୍ଯ୍ୟେ ଦେବ ଯୋଗ ।
ସଲାମ୍ ମୋ ଦେଶ
କହିବି ସେଦିନ
କରିବି ମଥାନତ
କୃଷକ କନ୍ୟାର
କବର ପାଇଁ ଯଦି
ଖୋଳିବେନି କେହି
ଗଭୀରତମ ଗାତ ।

ତ୍ରିରଙ୍ଗା ପତାକା ତଳେ
ମୁଁ ସେଦିନ ଗାଇବି ଗୀତ
ଅନ୍ଧାର ରାତିରେ
ଫେରୁଥିବା ବେଳେ
ଦୂରରୁ ହେଉକି
ନିକଟରୁ ହେଉ
ଦେହହରେ ମୋ କେହି
ଶ୍ୱାନ ଦୃଷ୍ଟି ନେଇ
ଲଗାଇବେ ନାହିଁ ହାତ ।
ଚରିତ୍ରହୀନାର ଆଖ୍ୟା
ଦେବେନାହିଁ କେହି ମୋତେ
ସୁଖ ଓ ସୁବିଧା ପାଇଁ
ଖୋଲିପାରେ ଯଦି ମୁହଁ
ଆକ୍ରୋଶପଣ ନେଇ
କେହି କରିବେନି
ଶରୀରତତ୍ତ୍ୱର ବାଖ୍ୟା ।

ସେଦିନ ଦେଖିବି ପରା
ଉଦୟ ସୂର୍ଯ୍ୟର ଆଭା
ଅଗଷ୍ଟ ଆକାଶେ
ବିଛୁଡି ପଡେ ଯେହ୍ନେ
ସ୍ୱାଧୀନତାର ଖରା ।

+ ସମଲପୁର, (କୃଷ୍ଣନଗର)
ବାଲିଆ, ବାଲେଶ୍ୱର
(ମୋ) ୮୯୧୭୬୭୫୭୮୩

### ● ଶ୍ରୀନିବାସ ସେଠୀ



## ॥ ଦର୍ପଣ-୧ ॥

ତୁମେ ମେକିତି ଧରି ରଖିପାରିଲ ସେ ଛବି
ପାଖରେ ଏତେ ଅନ୍ଧକାର ସତ୍ତ୍ୱେ ?
ଓଃ ! ତୁମେ ପରା
ରକ୍ତମାଂସର ଜୀବନ୍ତ ଅଇନା ।
ପୁଣି କଣ ହେଲା...
ଶରୀରରୁ ଛିଟିକି ପଡିଛି କିଛି ଭଂଗାକାଚ ?
ସବୁ ସତ ଦେଖି ନପାରି
ସତକୁ ସତ ତୁମେ ଭାଂଗି ଗଲନା ?

+ ସଦସ୍ୟ ସଚିବ, ରେଲୱେ ଭର୍ତ୍ତି ବୋର୍ଡ
ରେଲ୍ ମିନାର, ଆଲିପୁର
ଜଜେଶ୍ କୋର୍ଟ ରୋଡ୍, କଲିକତା
ମୋ: ୯୦୦୨୦୨୦୬୦୪

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୨୨ ଅଗଷ୍ଟ, ୨୦୨୧

ପୃଷ୍ଠା ୪ ରବିବାର ଚିନ୍ତା ସାପ୍ତାହିକ କ୍ରୋଡ଼ପତ୍ର


## ■ ଆଲୋଚନା ■

# ପାବନ ପର୍ବ ରକ୍ଷା ବନ୍ଧନ



ଅନେକ ଦେବଦେବୀଙ୍କୁ ପୂଜା କରୁଥିବା ଭାରତୀୟ ମାନଙ୍କର ସାମାଜିକ ଚଳଣି ଯେପରି ମଧୁମୟ ତଦପେକ୍ଷା ଉନ୍ନତତର ଏବଂ ସୁଦୃଢ଼ ସେମାନଙ୍କର ଧାର୍ମିକ ବିଶ୍ୱାସ। ଭାରତୀୟ ପରମ୍ପରାର ଦେବାଳୟରେ ନାନା ପର୍ବପର୍ବାଣିର ପୁଣ୍ୟ ଶଙ୍ଖଧ୍ୱନି ଅବିରତ ନିନାଦିତ। ସମାଜ ବକ୍ଷରେ ପ୍ରବାହିତ ବିଭିନ୍ନ ପର୍ବପର୍ବାଣିର ନିର୍ଝରିଣୀ ପାରିବାରିକ ଓ ସାମାଜିକ ଜୀବନକୁ ସରସ ସୁନ୍ଦର କରିଥାଏ। ଭାବଭକ୍ତି, ଆମୋଦ ପ୍ରମୋଦ ଏବଂ ମନୋରଞ୍ଜନର ନବୀନ ଉଦ୍‌ବେଳନରେ ରସସିକ୍ତ ହୁଏ ଜୀବନସାଗରର ବେଳାଭୂମି। ସାଧାରଣତଃ ଦେବଦେବୀଙ୍କ ଜନ୍ମ ଓ ପ୍ରତିଷ୍ଠା ଦିବସ, ବିବାହ ତିଥି, ବିଜୟ ଏବଂ ରାସୋତ୍ସବ ପ୍ରଭୃତିକୁ ପାଳନ କରି ମନୁଷ୍ୟ ତାର ଭକ୍ତିର ଅର୍ଘ୍ୟ ନିବେଦନ କରେ ଆରାଧ୍ୟ ଦେବ ବା ଆରାଧ୍ୟା ଦେବୀଙ୍କ ଶ୍ରୀପଦପଙ୍କଜରେ ତଥା କରୁଣାଭିକ୍ଷା ପୂର୍ବକ ପ୍ରାର୍ଥନାକରେ ଶୁଭାଶୀର୍ବାଦ ଓ ସୁଖଶାନ୍ତିର ପୀୟୂଷ ଢାଳି ଦେବାପାଇଁ। ସମାଜରେ ସେହିପରି ଏକ ବିଶେଷ ପର୍ବର ମାନ୍ୟତା ଲାଭ କରିଛି ଗହ୍ମାପୂର୍ଣ୍ଣିମା, ରାକ୍ଷୀ ପୂର୍ଣ୍ଣିମା ବା ରକ୍ଷାବନ୍ଧନ। ଶ୍ରାବଣ ମାସରେ ଏହା ପାଳିତ ହେଉଥିବାରୁ ଏହାକୁ ଶ୍ରାବଣ ପୂର୍ଣ୍ଣିମା ବୋଲି ମଧ କୁହାଯାଏ। ଏହି ଦିନ ଲୋକମାନେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ଦୋଳିରେ ବସାଇ ଝୁଲାଇବାର ପରମ୍ପରା ରହିଛି। ତେଣୁ ଏହା ଝୁଲଣ ଯାତ୍ରା ନାମରେ ମଧ ପ୍ରସିଦ୍ଧ।

ଏହି ଦିବସରେ ନୀଳାଚଳଧାମ ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ସହିତ ରତ୍ନବେଦୀରେ ବିରାଜମାନ ମହାପ୍ରଭୁ ଶ୍ରୀବଳଭଦ୍ରଙ୍କର ଶୁଭଜନ୍ମୋତ୍ସବ ପୁରୀ ତଥା ପ୍ରତି ଓଡ଼ିଆର ଘରେ ଘରେ ପାଳନ କରାଯାଏ। କୃଷିପ୍ରଧାନ ଦେଶ ଭାରତରେ ଗହ୍ମାପୂର୍ଣ୍ଣିମା ବିଶେଷତଃ ଏକ କୃଷିଭିତ୍ତିକ ଉତ୍ସବ। ବଳରାମ କୃଷି ତଥା ଗୋସମ୍ପଦର ରକ୍ଷାକର୍ତ୍ତା ଏବଂ ଭାଗ୍ୟବିଧାତା। ସୀର ଅର୍ଥାତ୍ ହଳକୁ ହସ୍ତରେ ଧରି ଥିବାରୁ ସେ ସୀରପାଣି ନାମରେ ନାମିତ। ତାଙ୍କର ହଳାୟୁଧ ବୋଲି ନାମାନ୍ତର ମଧ ରହିଛି। ତାଙ୍କର କୃପାଦୃଷ୍ଟି ପଡ଼ିଲେ କ୍ଷେତ ଶସ୍ୟଶ୍ୟାମଳା ହୁଏ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ସ୍ୱର୍ଣ୍ଣଶୀର୍ଷ ଶସ୍ୟସମ୍ଭାର ଧାରଣ କରେ। ସେଥିପାଇଁ ଗୋମାତାର ଶୁଭାଶିଷର ଆବଶ୍ୟକତା ଅନୁଭୂତ ହୁଏ। ତେଣୁ ଏହି ପବିତ୍ର ଦିବସରେ କୃଷକ ମନ ଉଲ୍ଲାସରେ ପ୍ରଭୁଙ୍କ ପାଦପଦ୍ମରେ ଭକ୍ତିର ନୈବେଦ୍ୟ ଅର୍ପଣ କରେ ଏବଂ ତାଙ୍କର ଆୟୁଧ ରୂପରେ ହସ୍ତରେ ଶୋଭାମାନ ଲଙ୍ଗଳ ତଥା ଗାଈବଳଦ ପ୍ରଭୃତିଙ୍କୁ ପୂଜା କରେ। ପ୍ରଭାତରେ ଗୃହିଣୀ ଏବଂ ପରିବାରର ସଦସ୍ୟବୃନ୍ଦ ଗୋମାତାଙ୍କୁ ଗାଧୋଇ ଶିଙ୍ଗରେ ତେଲ ଓ କପାଳରେ ଚନ୍ଦନ, ସିନ୍ଦୁର ଲଗାନ୍ତି। ଶିଙ୍ଗରେ ପୁଷ୍ପମାଳ ଓ ରାକ୍ଷୀ ବାନ୍ଧନ୍ତି ଏବଂ ପିଠା ଓ ସୁମିଷ୍ଟ ଅନ୍ନ ପ୍ରଭୃତି ଖୁଆଇଥାନ୍ତି। ଏହି ଉପଲକ୍ଷେ ଘରେ ଘରେ ନାନା ପ୍ରକାର ପିଠାପଣା, କ୍ଷୀରୀ ପ୍ରଭୃତି ପ୍ରସ୍ତୁତ ହୁଏ ଏବଂ ଆବାଳବୃଦ୍ଧବନିତା ସମସ୍ତେ ସାହି ପଡ଼ିଶା ଓ ବନ୍ଧୁବାନ୍ଧବଙ୍କ ସହିତ ମିଶି ଏହି ପର୍ବକୁ ଉପଭୋଗ କରିଥାନ୍ତି।

ସଂସାରରେ ସମ୍ବନ୍ଧର ପୂତ ଜାହ୍ନବୀ ସ୍ରୋତ ଚିର ପ୍ରବହମାନ। ଏଠାରେ କିଛି ସମ୍ବନ୍ଧ ନୂତନ ଭାବରେ ସୃଷ୍ଟି ହୁଏ, ପୁଣି ଅନ୍ୟ କିଛି ସମ୍ବନ୍ଧ ପୂର୍ବ ରକ୍ତ ସମ୍ପର୍କିତ ହୋଇଥାଏ। ବିଶେଷତଃ ଏକ ମାତୃଗର୍ଭରୁ ଜାତ ଭାଇ ଭଉଣୀଙ୍କର ରକ୍ତ ସମ୍ପର୍କ ଜୀବନକୁ ଅମୃତମୟ କରିଥାଏ। ରାକ୍ଷୀପୂର୍ଣ୍ଣମୀ ବା ରକ୍ଷାବନ୍ଧନ ନାମରେ ପ୍ରସିଦ୍ଧ ଏହି ପର୍ବଟି ଭାଇଭଉଣୀଙ୍କର ମଧୁର ସମ୍ପର୍କର ବିଜୟଧ୍ୱଜା ଉଡ଼ାଇ ଚାଲିଛି ଆବହମାନ କାଳରୁ। ସୁନାଭଉଣୀର ସୁନା ଚିକ୍ ଚିକ୍ ରାକ୍ଷୀଟି କେବଳ ଏକ ସୂତା ନୁହେଁ। ତାହା ସତେ ଯେପରି ଆନ୍ତରିକ ସ୍ନେହସିକ୍ତ ସମ୍ପର୍କ ସ୍ମରଣର ସୁବର୍ଣ୍ଣ ମୁହୂର୍ତ୍ତର ଏକ ମୂକସାକ୍ଷୀ। ଏହି ପର୍ବ ଆସିଲେ ଏକ ଅନବଦ୍ୟ ପ୍ରୀତି ପ୍ଲାବନରେ ପ୍ଲାବିତ ହୋଇ ଭଗିନୀ ଧାଇଁଯାଏ ଭ୍ରାତାଙ୍କ ନିକଟକୁ ରାକ୍ଷୀ ସହିତ ଅକ୍ଷତ, ଦୂର୍ବା, ଦୀପ, ସିନ୍ଦୂର, ପୁଷ୍ପ ଏବଂ ମିଷ୍ଟାନ୍ନ ଆଦିରେ ସୁସଜ୍ଜିତ ପୂଜା ଥାଳି ଧରି। ରକ୍ଷାସୂତ୍ର ବନ୍ଧନ ସମୟରେ ଭଗିନୀ ଭ୍ରାତାର ମଙ୍ଗଳ ମନାସିବା ସଙ୍ଗେ ସଙ୍ଗେ ବିପତ୍ତିରେ ତାକୁ ରକ୍ଷା କରିବାର ପ୍ରତିଶ୍ରୁତି ଭିକ୍ଷାକରେ। ଠିକ୍ ସେତିକି ବେଳେ ସହୋଦରାର ଜୀବନ ସୁଖମୟ ହେଉ ବୋଲି ପ୍ରଭୁ ଚରଣାରବିନ୍ଦରେ ମିନତି ବାଢ଼ିବା ସହିତ କିଛି ସଶ୍ରଦ୍ଧ ଉପହାର ତା ହସ୍ତକୁ ବଢାଇଦେବା କାଳରେ ତାର ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ ହୁଏ ସହୋଦର। ନିଜକୁ ସୁଭଦ୍ରା ରୂପରେ ଭାବୁଥିବା ଭଉଣୀ ଯା'ର ଭାଇ ସ୍ୱୟଂ ଜଗନ୍ନାଥ ସଦୃଶ ବିଦ୍ୟମାନ ବିଘ୍ନ ତାକୁ ସ୍ପର୍ଶ କରିପାରିବ ନାହିଁ ବୋଲି ଭାବୁଥାଏ। ଦୁହିଁଙ୍କର ସ୍ନେହଶ୍ରଦ୍ଧାର ବୀଣାଝଙ୍କାର ଗୃହବୈକୁଣ୍ଠରେ ଅମୃତର ଧାରା ବୁହାଇଦିଏ। ଏହା ସହିତ ଏହି ମାଙ୍ଗଳିକ ମୁହୂର୍ତ୍ତରେ ବ୍ରାହ୍ମଣମାନେ ପରିବାରର ସଦସ୍ୟ ସଦସ୍ୟାମାନଙ୍କୁ ରାକ୍ଷୀ ଏବଂ ପଇତା ବାନ୍ଧି ଦେବାର ପ୍ରଥା ସମାଜରେ ପ୍ରଚଳିତ। ସେତେବେଳେ ବ୍ରାହ୍ମଣ ବା ପୁରୋହିତମାନେ

'ଯେନ ବଦ୍ଧୋ ବଳୀ ରାଜା ଦାନବେନ୍ଦ୍ରୋ ମହାବଳଃ
ତେନ ତ୍ୱାଂ ପ୍ରତିବଧ୍ନାମି ରକ୍ଷେ ! ମା ଚଳ ମା ଚଳ ॥'

ମନ୍ତ୍ର ଉଚ୍ଚାରଣ କରିଥାନ୍ତି। ଏହାର ଅର୍ଥ ଯେଉଁ ରକ୍ଷାସୂତ୍ର ଦ୍ୱାରା ମହାବଳଶାଳୀ ଅସୁରଶ୍ରେଷ୍ଠ ବଳିରାଜା ବନ୍ଧା ହୋଇଥିଲେ, ସେହି ସୂତ୍ରରେ ମୁଁ ତୁମକୁ ବାନ୍ଧୁଛି। ହେ ରକ୍ଷାସୂତ୍ର ! ତୁମେ ଚଳାୟମାନ ହୁଅ ନାହିଁ ଅର୍ଥାତ୍ ତୁମେ ସ୍ଥିର ରୁହ। ଏହି ପ୍ରକାର ରକ୍ଷାସୂତ୍ର ବନ୍ଧନ କାଳୀନ ମନ୍ତ୍ରପାଠର ଉଦ୍ଦେଶ୍ୟ ବ୍ରାହ୍ମଣମାନଙ୍କ ଦ୍ୱାରା ନିଜ ଯଜମାନଙ୍କୁ ଧର୍ମ ପାଇଁ ପ୍ରେରିତ ଏବଂ ପ୍ରଯୁକ୍ତ କରିବା। ତେଣୁ ଧର୍ମ ବନ୍ଧନର ଗୁରୁତ୍ୱଗାନ କରି ସମାଜକୁ ସେ ଦିଗରେ ଅନୁପ୍ରେରିତ କରିବା ବ୍ରତରେ ଦୀକ୍ଷିତ ଏହି ପର୍ବ ବାସ୍ତବରେ ଅଭିନନ୍ଦନୀୟ। ଅନ୍ୟ ପକ୍ଷରେ ରାକ୍ଷୀ ବାନ୍ଧିବାବେଳେ ଭଉଣୀ ଭାଇର ସୁରକ୍ଷା ଧର୍ମ ବିଷୟକୁ ସ୍ମରଣ କରାଇଦେବାର ଭାବାର୍ଥ ଏହି ମନ୍ତ୍ର ମଧ୍ୟରେ ନିହିତ। ଯାହା ଏହି ଉତ୍ସବର ଗାରିମାକୁ ମହିମାମଣ୍ଡିତ କରିଥାଏ।

ବିଭିନ୍ନ ପୌରାଣିକ ଆଖ୍ୟାନକୁ ଆଧାର କରି ଏହି ପରମ୍ପରା ସୃଷ୍ଟ ବୋଲି କୁହାଯାଏ। ପୂର୍ବେ ମହାଦାନୀ ବଳିରାଜାଙ୍କୁ ତିନିପାଦ ଭୂମି ମାଗିବା ଛଳରେ ବାମନରୂପଧାରୀ ବିଷ୍ଣୁ ତୃତୀୟ ପାଦ ବଳିଙ୍କ ମସ୍ତକରେ ସ୍ଥାପନ କରନ୍ତେ, ସେ ପାତାଳଗାମୀ ହେଲେ। ବଳିଙ୍କର ତ୍ୟାଗ ଓ ଭକ୍ତିରେ ପ୍ରୀତ ହୋଇ ବିଷ୍ଣୁ ତାଙ୍କୁ ବର ମାଗିବାକୁ କହନ୍ତେ ସେ ସମ୍ମୁଖରେ ସର୍ବଦା ବିଷ୍ଣୁଙ୍କୁ ଦର୍ଶନ କରିବାର ଇଚ୍ଛା ପ୍ରକାଶ କଲେ। ବଳିଙ୍କର ସେହି ଅଭିଳାଷକୁ ପୂର୍ଣ୍ଣ କରିବାକୁ ଯାଇ ଭକ୍ତବାନ୍ଧବ ଶ୍ରୀବିଷ୍ଣୁ ବଳିଙ୍କ ପ୍ରସାଦରେ ଦ୍ୱାରପାଳ ଭାବରେ ଅବସ୍ଥାନ କଲେ। ଏଥିରେ ଚିନ୍ତାକୁଳା ଲକ୍ଷ୍ମୀ ନାରଦଙ୍କ ପରାମର୍ଶରେ ତାଙ୍କୁ ସେଠାରୁ ମୁକ୍ତ କରିବା ପାଇଁ ବଳିଙ୍କ ହାତରେ ରାକ୍ଷୀ ବାନ୍ଧି ତାଙ୍କୁ ଭାଇ ରୂପରେ ସ୍ୱୀକାର କରିଥିଲେ। ପରେ ଭଉଣୀଙ୍କ ଅନୁରୋଧ ରକ୍ଷା କରିବାକୁ ଯାଇ ବଳି ବିଷ୍ଣୁଙ୍କୁ ଉପହାର ସ୍ୱରୂପ ଲକ୍ଷ୍ମୀଦେବୀଙ୍କୁ ପ୍ରଦାନ କରିଥିଲେ।

ପୁନଶ୍ଚ ଅନ୍ୟ ଏକ ମାର୍ମିକ ପ୍ରସଙ୍ଗ ଏହି ପରମ୍ପରାର ଜନକ ବୋଲି କୁହାଯାଏ। ଶ୍ରୀକୃଷ୍ଣଙ୍କ ମାଉସୀପୁଅ ଭାଇ ଶିଶୁପାଳ ଜନ୍ମରୁ ବିକଳାଙ୍ଗ ଥିଲା। ଶ୍ରୀକୃଷ୍ଣଙ୍କ କୋଳକୁ ଆସିବାମାତ୍ରେ ସେ ପୂର୍ଣ୍ଣ ସୁସ୍ଥାବୟବ ଧାରଣ କଲା। କିନ୍ତୁ ଯାହାଙ୍କର ଦିବ୍ୟସ୍ପର୍ଶରେ ସେ ସୁସ୍ଥ ହେବ, ସେ ହିଁ ତାର ମୃତ୍ୟୁର କାରଣ ହେବ। ଏହି ଦୈବବାଣୀ ଅନୁସାରେ ମାଉସୀ ପୁତ୍ରର ମୃତ୍ୟୁ ଆଶାଙ୍କାରେ ଶଙ୍କିତା ହୋଇ ଏହାର ଖଣ୍ଡନ ପାଇଁ ଶ୍ରୀକୃଷ୍ଣଙ୍କୁ ବହୁତ ଅନୁରୋଧ କଲେ। କିନ୍ତୁ ଶୂନ୍ୟବାଣୀ କେବେ ମିଥ୍ୟା ହେବନାହିଁ ବୋଲି କହି ଶ୍ରୀକୃଷ୍ଣ ତାର ଶହେଟି ଅପରାଧ କ୍ଷମା କରିବାର ପ୍ରତିଶ୍ରୁତି ପ୍ରଦାନ କରିଥିଲେ। କୁରୁସଭାରେ ଶ୍ରୀକୃଷ୍ଣଙ୍କୁ ଅସମ୍ମାନିତ କରି ସେ ଶେଷ ଶତତମ ଅପରାଧ ପୂରଣ କରିଥିଲେ। ତତ୍ପରେ ସେଠାରେ ଅପରାଧ ସଂଖ୍ୟା କ୍ରମଶଃ ବଢିବାରୁ ପ୍ରତିଶ୍ରୁତିର ଲକ୍ଷ୍ମଣରେଖା ଅତିକ୍ରାନ୍ତ ହୁଅନ୍ତେ ଶ୍ରୀକୃଷ୍ଣ ସୁଦର୍ଶନ ଚକ୍ର ପେଷଣ କରି ତାର ଜୀବନ ବିନାଶ କରିଥିଲେ। ସେତେବେଳେ ସୁଦର୍ଶନ ଚକ୍ର ଧାରଣ ହେତୁ ଶ୍ରୀକୃଷ୍ଣଙ୍କ ଅଙ୍ଗୁଳିରେ କ୍ଷତ ସୃଷ୍ଟି ହେଲା। ତହିଁରୁ ନିର୍ଗତ ରକ୍ତକ୍ଷରଣକୁ ବନ୍ଦ କରିବା ପାଇଁ ଦ୍ରୌପଦୀ ସହସା ନିଜ ଶାଢ଼ୀ କାନି ଚିରି ଆଙ୍ଗୁଠିରେ ବାନ୍ଧି ଦେଇଥିଲେ। ଏହି ସେବାର ପ୍ରତିଦାନରେ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ସୁରକ୍ଷା ଦେବାପାଇଁ ବଚନବଦ୍ଧ ହୋଇଥିଲେ ଏବଂ ଦୁଃଶାସନ ଦ୍ୱାରା ବିବସ୍ତ୍ର ହେବା ସମୟରେ ବସ୍ତ୍ରରୂପ ଧରି ପାଞ୍ଚାଳୀଙ୍କ ସମ୍ମାନ ରକ୍ଷା କରିବା ସହିତ ସମସ୍ତ ବିପଦରେ ସହାୟକ ହୋଇଥିଲେ। ତେଣୁ ସେହି ସମୟରୁ ଏହି ପ୍ରିୟ ରକ୍ଷାବନ୍ଧନ ପର୍ବର ଶୁଭାରମ୍ଭ ହୋଇଛି ବୋଲି କେତେକ ଗବେଷକ ଅଭିମତ ପୋଷଣ କରିଥାନ୍ତି।

ଅନ୍ୟ ଏକ ଆଖ୍ୟାନ ଅନୁସାରେ ଦେବ-ଦାନବ ସଂଗ୍ରାମ ସମୟରେ ଅସୁରମାନଙ୍କ ପରାକ୍ରମକୁ ପ୍ରତିହତ କରିବାକୁ ଯାଇ ଦେବଗୁରୁ ବୃହସ୍ପତିଙ୍କ ପରାମର୍ଶ କ୍ରମେ ଇନ୍ଦ୍ରାଣୀ ଶଚୀ ଦେବୀ ଏକ ମନ୍ତ୍ରପୂତ ସୂତ୍ର ଦେବରାଜ ଇନ୍ଦ୍ରଙ୍କ ହସ୍ତରେ ବାନ୍ଧି ଦେଇଥିଲେ। ଫଳରେ ସେ ସମରାଙ୍ଗନରେ ଅପୂର୍ବ ସାହସ ଓ ବୀରତ୍ୱପୂର୍ବକ ଯୁଦ୍ଧ କରି ବିଜୟ ଲାଭ କରିଥିଲେ। ତେଣୁ ସେହି ରାକ୍ଷୀ ହିଁ ବିଜୟପ୍ରାପ୍ତି ନିମିତ୍ତ ଶକ୍ତିର ମୂଳ ଉତ୍ସ ରୂପରେ ସାମାଜିକ ସ୍ୱୀକୃତି ଲାଭ କରି ସମସ୍ତଙ୍କର ସମାଦରଣୀୟ ହୋଇପାରିଛି।

ଆଜିର ଏହି ଅତ୍ୟାଧୁନିକ ଇଣ୍ଟରନେଟ୍ ଯୁଗରେ ରକ୍ଷାବନ୍ଧନର ପରମ୍ପରା କେବଳ ପରିବାରରେ ସୀମିତ ହୋଇ ରହିନାହି। ଏହା ଏକ ସାର୍ବଜନୀନ ସାମାଜିକ ମହୋତ୍ସବର ମାନ୍ୟତା ଲାଭ କରି ସାରିଲାଣି। ସମାଜରେ ଥିବା ବିଭିନ୍ନ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, କର୍ମକ୍ଷେତ୍ର ତଥା ବିଭିନ୍ନ ସ୍ଥାନରେ ନୂତନ ଉତ୍ସାହ ଓ ଅନନ୍ୟ ଉଦ୍ଦୀପନାର ସହିତ ଏହା ପରିପାଳିତ ହେବାର ଲକ୍ଷ୍ୟ କରାଯାଉଛି। "ବସୁଧୈବ କୁଟୁମ୍ବକମ୍" ଅର୍ଥାତ୍ ସମଗ୍ର ପୃଥିବୀ ଏକ ପରିବାର, ଏହି ବିଶ୍ୱବନ୍ଧୁତ୍ୱର ଉଦାର ଚିନ୍ତନରେ ଉଦ୍‌ବୁଦ୍ଧ ଭଗ୍ନୀ-ଭ୍ରାତାଗଣ ସୁଦୂର ଦିଗ୍‌ବଳୟ ପର୍ଯ୍ୟନ୍ତ ସ୍ନେହ-ସୌହାର୍ଦ୍ଦ୍ୟ ବଣ୍ଟନର ଅନୁପମ ମାଧମ ଭାବରେ ରାକ୍ଷୀକୁ ଗ୍ରହଣ କରିଛନ୍ତି, ଯାହା ସେମାନଙ୍କର ଅନାବିଳ ଆତ୍ମୀୟତାର ମହତ୍ତ୍ୱକୁ ପ୍ରମାଣିତ କରେ। ତେଣୁ ଯେତେ ଦିନ ଯାଏ ସୃଷ୍ଟି ରହିଥିବ ସେତେଦିନ ପର୍ଯ୍ୟନ୍ତ ଭଉଣୀର ହାର୍ଦ୍ଦିକ ସ୍ନେହମମତାବୋଳା ରାକ୍ଷୀ ଭାଇର ସମର୍ଥ ହସ୍ତର ଅଶେଷ ଆଶିଷକୁ ଯେ ଅପେକ୍ଷା କରି ରହିବ, ଏଥିରେ ତିଳେ ମାତ୍ର ସନ୍ଦେହର ଅବକାଶ ନାହିଁ।


ଆଲେଖ୍ୟ : ଡକ୍ଟର ଦୀନବନ୍ଧୁ ଭଞ୍ଜ
ରାଜ୍ୟ ଏବଂ ଜାତୀୟ ପୁରସ୍କାରପ୍ରାପ୍ତ
ଶିକ୍ଷକ, ବାରିପଦା
ଦୂରଭାଷ-୭୯୭୮୫୨୯୬୫୩


## ଧାରାବାହିକ ଉପନ୍ୟାସ

# ରାଜନୀତି

ଭାଗ-୧


ସୃଷ୍ଟିଧର ପରିଡ଼ା
ଦେବଶ୍ରୁତି ନିବାସ, ଜେଲରୋଡ, ବାଲେଶ୍ୱର, (ମୋ) ୯୪୩୭୦୬୩୭୦୫




ରାଜନୀତି ପାଇଁ ମଣିଷ କେମିତି ତୁଚ୍ଛ କରିଦିଏ ନିଜ ଘର, ଦ୍ୱାର, ଆତ୍ମୀୟ-ସ୍ୱଜନ, ବନ୍ଧୁ ପରିଜନଙ୍କୁ, ତାହାହିଁ ମୋତେ ଅନେକାଂଶରେ ବିବ୍ରତ କରେ, ଯାହାକୁ ନେଇ ଏଇ ଉପନ୍ୟାସର ସୃଜନ। ଲେଖକଟିଏ ନିଜ ଭିତରେ ଆଶାବାଦର ସ୍ୱପ୍ନଦେଖେ, ପୂରଣ ନହେଲେ ନିରାଶାରେ ବୁଡିଯାଏ ଏବଂ ସେଥିରେ ତା' ସ୍ୱପ୍ନ ଭାଂଗିଯାଏ ଏବଂ ସେସବୁକୁ ଗୋଟେଇଗାଟେଇ ନିଜ ଲେଖାରେ ଚିତ୍ରରୂପ ଦିଏ, ଏହା ମୋର ବି ପ୍ରୟାସ । - ଲେଖକ

॥୧॥

ସିଏ ଯେମିତି ଟାଣିହୋଇ ଚାଲିଆସିଛି ଗୋଟେ ଆବେଗରେ । ଜଗନ୍ନାଥଙ୍କ ସମ୍ମୁଖରେ ଠିଆ ହୋଇ ତାଙ୍କର ସେ ଚକାଆଖିକୁ ଚାହିଁଲା ପରେ ବି ମୁକ୍ତ ହୋଇ ପାରୁନାହିଁ ନିଜ ଭିତରେ ଥିବା ଦ୍ୱନ୍ଦ୍ୱରୁ । ନିଜ ଅଜାଣତରେ ସେ ଜଗନ୍ନାଥଙ୍କ ଆଖିର ମାୟାରେ ଯେମିତି ବାନ୍ଧି ହୋଇଯାଉଛି । ଜଗନ୍ନାଥଙ୍କ ଚକାଆଖିକୁ ଦର୍ଶନ ପରେ କେମିତି ଗୋଟେ ଆଶ୍ୱାସନା ଛାଇ ଯାଉଛି ମନ ଭିତରେ । ଦର୍ଶନ ସାରି ସମୁଦ୍ରକୂଳରେ ଗୋଡ ଲମ୍ବେଇ ବସି ଅନେକ ବେଳ ଯାଏ ସମୁଦ୍ରକୁ ଚାହିଁ ରହିଥିଲା ଅପଲକ ନୟନରେ । ସମୁଦ୍ର ଢେଉ ମଝିରେ ମଝିରେ ଆସି ଓଦା କରି ଦେଉଥିଲା ତାର ଗୋଡକୁ । ଲାଗୁଥିଲା ଯେମିତି ନିଜର ଦୁଃଖ, ଅବଶୋଷ, ଚିନ୍ତା ଓ ଚେତନା ସବୁ ଧୋଇହେଇ ଯାଉଛି ମହୋଦଧିର ସ୍ୱଚ୍ଛ ସଲୀଳ ଜଳଧାରାରେ । ତା' ଭାବନାକୁ ପ୍ରତିହତ କରି କୂଳକୁ ମାଡ଼ି ଆସୁଛି ସମୁଦ୍ରର ସୀମାହୀନ ଢେଉ, ପୁଣି ଫେରିଯାଉଛି ପଛକୁ । ଭାବୁଥିଲା ଅଭିଷେକ । ବେଳାଭୂମି ସହ ସମୁଦ୍ର ଢ଼େଉର କି ଅଭାବିତ ସମ୍ପର୍କ ! କେତେ ପବିତ୍ର, କେତେ ପୁଣି ରହସ୍ୟମୟ ।

ପ୍ରାଚୀପ୍ରଭାକୁ ଅଭିଷେକ ଛାଡ଼ିଆସିଛି ସୁଦୂର ନିଘଞ୍ଚ ଜଙ୍ଗଲରେ । ତାର ବିଶ୍ୱାସ ସୁବାସ ସହ ସେ ଭଲରେ ଥିବ । ସୁବାସ ତାର ସମ୍ପର୍କୀୟ ଭାଇ ।

ପୁଣି ଛାଡ଼ି ଆସିଛି ସମାଜସେବୀ ରଶ୍ମିରେଖାକୁ ମନ୍ତ୍ରୀ ବିଜୟାନନ୍ଦ ବାବୁଙ୍କ ବାହୁବଳୟ ଭିତରେ । ସେ ମନ୍ତ୍ରୀ ବିଜୟାନନ୍ଦ ବାବୁଙ୍କ ପାଖରୁ ଫାଇଦା ହାସଲ କରି ଜୀବନକୁ ବେଶ୍ ଉପଭୋଗ କରୁଥିବ । ଦିନଥିଲା ପ୍ରାଚୀପ୍ରଭାକୁ ଛାଡି ସିଏ ଯେ ବଞ୍ଚିପାରିବ, ସେକଥା ଭାବି ପାରୁନଥିଲା । କେତେ ସ୍ୱପ୍ନ ସେ ଦେଖିଥିଲା ପ୍ରାଚୀକୁ ନେଇ । ତାକୁ ଜୀବନ ସାଥୀ କରିବ, ତାକୁ ନେଇ ଘର ସଂସାର କରିବ, ତାକୁ ନେଇ ସ୍ୱପ୍ନର ମୀନାର ଗଢିବ । ମାତ୍ର ମାଟିରେ କଚାଡି ହୋଇ ପଡ଼ିଥିଲା ସେ । ଭାଂଗି ଯାଇଥିଲା ତାର ସ୍ୱପ୍ନ ।

ତା'ପରେ ଆସିଥିଲା ରଶ୍ମି... ରଶ୍ମିରେଖା । ସ୍ୱେଚ୍ଛାସେବୀ ଅନୁଷ୍ଠାନଟିଏ ଗଢି ଲୋକଙ୍କ ପାଇଁ କାମ କରୁଥିବା ରଶ୍ମିରେଖା ଏବେ ପ୍ରତିଷ୍ଠିତ ସମାଜସେବୀ । ସେବାକୁ ଛାଡି ତଥାକଥିତ ସାମାଜିକ ହେବାକୁ ବୋଧେ ତା' ପାଖରେ ଥିଲା ପ୍ରବଳ ଆଗ୍ରହ । ଖାସ୍ ସେଇଥିପାଇଁ ନିଜ ରାସ୍ତାକୁ ନିଜେ ଅଲଗା କରି ନେଇଥିଲା ଅଭିଷେକ । ତା' ପୂର୍ବରୁ ସେ ଦୁର୍ନୀତି ବିରୋଧୀ ମଞ୍ଚର ନାୟକ, ମହାନ୍ ବିପ୍ଲବୀ ଶେଖରବାବୁଙ୍କୁ ଛାଡି ଆସିଥିଲା ଦିଲ୍ଲୀର ଯନ୍ତରମନ୍ତର ମଇଦାନରେ । ପୁଣି ବହୁପୂର୍ବରୁ ଆଦ୍ୟ ଯୌବନର ପ୍ରଥମ ପାହାଚରେ ଛାଡ଼ି ଆସିଥିଲା ଦକ୍ଷ ରାଜନୀତିଜ୍ଞ ଓଁକାରନାଥ ମହାପାତ୍ରଙ୍କୁ, ଯିଏ ତା'ର ବାପା । ସେମିତି ଆଡେଇ ଦେଇ ଚାଲି ଆସିଥିଲା ମା'ଙ୍କୁ ଓ ତାଙ୍କର ପରାମର୍ଶକୁ । ଏବେ ସେ ଏକା । ସମ୍ପୂର୍ଣ୍ଣ ଭାବେ ଏକା । ପାଖରେ କେହି ନାହାନ୍ତି । ସନ୍ତୁଳନହୀନ ଜୀବନରେ ବେଳେବେଳେ ବିଶ୍ୱପ୍ରସିଦ୍ଧ କବି ରବୀନ୍ଦ୍ରନାଥ ଟାଗୋରଙ୍କ ସେଇ 'ଏକ୍ଲା ଚଲୋ' କବିତାର ଧାଡିଟି ପ୍ରତିଧ୍ୱନିତ ହୁଏ ତା' କାନରେ । ସେତେବେଳେ ତାର ମାନସିକତା ଦୋହଲିଯାଏ । ଅତୀତକୁ ଭୁଲିବାକୁ ଚାହିଁଲେ ବି କେହି ତା' ମନ ଭିତରୁ ଯାଆନ୍ତିନି ବରଂ ଅଧିକ ଅଧିକ ତାକୁ ମୋହାଚ୍ଛନ୍ନ କରିପକାନ୍ତି । ସେମାନଙ୍କ ସହ ବିତାଇଥିବା ସ୍ମୃତିସବୁ ଘୁମୁରା ପାରା ପରି ଘୁମୁରୁଥାନ୍ତି ତା' ମନ ମନ୍ଦିରରେ । କେତେବେଳେ ଉଡିଯାଆନ୍ତି ନୀଳଆକାଶକୁ ତ କେତେବେଳେ ଆଖିବୁଜି ଧ୍ୟାନସ୍ଥ ହୋଇଯାଆନ୍ତି ତା' ଭିତରେ ।

ତା'ର ମନେହୁଏ ଜୀବନଯାତ୍ରାରେ ହାରିଯାଇଥିବା ସିଏ ଗୋଟେ ପରାଜିତ ସୈନିକ। ତା' ଆଖିଆଗରେ ନିଜର ସବୁ ସ୍ୱପ୍ନ ଭାଂଗିଯିବାର ଦୁଃଖ ତାକୁ ଅସହାୟ କରିପକାଏ। ବାନ୍ଧବୀ ପ୍ରାଚୀପ୍ରଭାର ସ୍ୱାର୍ଥପରତା ତାକୁ ଯେତିକି କଷ୍ଟ ଦେଇନଥିଲା ତା ଠାରୁ ଅଧିକ ଶହେଗୁଣ ମାନସିକ ଦୁଃଖ ଦେଇଥିଲା ରଶ୍ମିରେଖାର କକ୍ଷଚ୍ୟୁତ ଗତିବିଧି । ସାମାଜିକ ବିଧି ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ଦିନେ ତାକୁ ସ୍ୱପ୍ନ ଦେଖାଇଥିଲା ରଶ୍ମୀରେଖା । ତାକୁ ସିଏ ଭେଟିଥିଲା ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନର କାର୍ଯ୍ୟକ୍ରମରେ । ଭାବି ନଥିଲା ରଶ୍ମୀରେଖା ମୁଖାଟିଏ ପିନ୍ଧିଥିବ ବୋଲି ଏବଂ ମୁଖାତଳର ମୁହଁ ଏମିତି ପରିବର୍ତ୍ତିତ ହୋଇଯିବ ସମୟର ପଶାଖେଳରେ, ଯାହାକୁ ସହ୍ୟକରିବା ତା' ପକ୍ଷରେ ହୋଇପଡିବ ଅସହ୍ୟ । ଆଜି ସେ ଏକା । ତାକୁ ଲାଗୁଛି ସେ ଯେମିତି ନିଃସ୍ୱ ଆଉ ଅସହାୟ । ଦୁଃଖ ବାଣ୍ଟିବା ତ ଦୂରର କଥା, ସାଂଗରେ ଚାଲିବା ପାଇଁ ବି କେହିନାହାନ୍ତି ତା ପାଖରେ ।

ଆକାଶକୁ ଅନେଇଲା ଅଭିଷେକ । ଆକାଶରେ ପରିବ୍ୟାପ୍ତ ନୀଳିମା । ଖଣ୍ଡଖଣ୍ଡ ମେଘ ଭାସିଯାଉଥିଲା ପବନରେ । କିନ୍ତୁ ଘଟି ଯାଇଥିବା ଘଟଣା ସମୂହ ଅଡୁଆ ସୂତାର ଖିଅପରି ଛନ୍ଦି ପକାଉଥିଲା ଅଭିଷେକର ମନକୁ। ମନରେ ହଜାରେ ପ୍ରଶ୍ନ ! ଜୀବନରେ ଯେତିକି ଅଭିଜ୍ଞତା ସେ ହାସଲ କରିଛି - ତା ପାଇଁ ସେସବୁ ଆଜି ପ୍ରଶ୍ନବାଚୀ ହୋଇ ରହିନାହିଁ ବରଂ ପାଲଟି ଯାଇଛି ଗୋଟିଏ ଗୋଟିଏ ବାସ୍ତବ ସତ୍ୟର ରୂପନେଇ ।

ସେଦିନ ବାପା ଓ ମା' ଉଭୟେ ଠିକ୍ କହୁଥିଲେ । ଏତେଦିନର ଅଭିଜ୍ଞତା ପରେ ଏତକ ତା'ର ଉପଲବ୍ଧି । କେତେ ସତ କହୁଥିଲେ ସେଦିନ ବାପା, ମାଆ ।

ଆଜି ଏ ଦେଶକୁ ଶ୍ରେଷ୍ଠ ଗଣତାନ୍ତ୍ରିକ ରାଷ୍ଟ୍ରର ମାନ୍ୟତା ମିଳିଛି ସତ, ହେଲେ ବାସ୍ତବ ମୂଲ୍ୟବୋଧ ଦୃଷ୍ଟିରୁ ପ୍ରଟୋକ୍ରାସିର ଶାସନ ହିଁ ଚାଲିଛି । ସାଂପ୍ରତିକ ବ୍ୟବସ୍ଥା ଏମିତି ଅଡୁଆ ସୂତାରେ ଗୁନ୍ଥା ହୋଇଛି ଯେ, ସୁଧାରର ଖିଅ ଖୋଜିବା କାଠିକର ପାଠ । ଏଠି ନାମକୁ ମାତ୍ର ଗଣତନ୍ତ୍ର ଶାସନ ଅଛି ଯାହାର କାର୍ଯ୍ୟ ପାଞ୍ଚବର୍ଷରେ ଥରେ କେବଳ ମାତ୍ର ଗାନ୍ଧିନୋଟ୍‌ର ଅଦଳ ବଦଳରେ ଶେଷହୁଏ । ଟଙ୍କା ବଦଳରେ ବିକ୍ରି ହେଉଛି ମଣିଷର ଭୋଟ୍ । ଭୋଜିଭାତ ଓ ପିଇବାରେ ଶେଷ ହେଉଛି ଗଣତନ୍ତ୍ରର କାର୍ଯ୍ୟକାଳ । ଅସଲରେ କାହାରି ଭିତରେ ଦେଶପ୍ରୀତି, ସ୍ୱାଭିମାନ ନାହିଁ - ଅଛି ଖାଲି ସ୍ୱାର୍ଥପରତା, କ୍ଷମତା ଆଉ ମିଛ ଅହମିକାର ଖେଳ । ତେଣୁ ବାପା ଓ ଅନ୍ୟ ରାଜନେତା ମାନେ ଭୋଟ୍‌ଖଣ୍ଡକ ପାଇଁ ବ୍ୟଭିଚାରର ପ୍ରଶ୍ରୟ ନେଉଛନ୍ତି ବୋଲି ସେଦିନର ଥିବା ତାର ସେଇ ମାନସିକତା ଏବେ ବଦଳି ଯାଇଛି । ଜୀବନର ବାସ୍ତବତାକୁ ସିଏ ପ୍ରତିଟି କ୍ଷେତ୍ରରେ ସାମ୍ନା କରିଛି । ସିଏ ଜାଣି ସାରିଲାଣି କେବଳ ନେତା ନୁହନ୍ତି ଭୋଟର୍‌ମାନେ ବି ଦୁର୍ନୀତିଗ୍ରସ୍ତ। ଏ ଦେଶର ଅଶୀଭାଗ ଜନତା ସମ୍ବିଧାନ ବିଧିବ୍ୟବସ୍ଥା ସମ୍ପର୍କରେ ସଂପୂର୍ଣ୍ଣ ଅଜ୍ଞ। ମୁଖ୍ୟତଃ ନିର୍ବାଚନ ସମ୍ପର୍କରେ ସେମାନେ ଆଦୌ ସଚେତନ ନୁହଁନ୍ତି । କେବଳ ଟଙ୍କାପାଇଁ ଭୋଟ୍ ଦେଇଥାଆନ୍ତି । ଏ ଟଙ୍କା କିଏ ଦିଏ, କେଉଁଠୁ ଆସେ ସେ ବିଷୟରେ କେହି ପଚାରିବାକୁ ସାମାନ୍ୟତମ ସାହସ ଓ ଇଚ୍ଛା ମଧ କରନ୍ତି ନାହିଁ । ତେଣୁ, ନେତା ଯେତିକି ଦୁର୍ନୀତିଗ୍ରସ୍ତ ଭୋଟର ମଧ ସମପରିମାଣରେ ଦୁର୍ନୀତିଗ୍ରସ୍ତ ।

ଘରେ ଥିଲାବେଳେ ଅନ୍ୟମାନଙ୍କ ଠାରୁ ବହୁଥର ଶୁଣିଛି ଯେ ନେତା ବିଜୟାନନ୍ଦଙ୍କ ପରି ତା' ବାପା ବି ଜଣେ ଶୋଷଣକାରୀ, ଦେଶ ଲୁଣ୍ଠନକାରୀ, ନୀତିହୀନ ଓ ଦୁର୍ନୀତିଗ୍ରସ୍ତ ନେତା । ଏତେ ସତ୍ତ୍ୱେ ବି ସେ ଦେଖିଛି ସେହି ଭୋଟରମାନେ ନିର୍ବାଚନ ବେଳେ ସେସବୁକୁ ଭୁଲି ତାଙ୍କୁ ହିଁ ସମର୍ଥନ କରନ୍ତି । ଭୋଟ ସମୟରେ ତାଙ୍କ ପାଇଁ ଜିନ୍ଦାବାଦ ସ୍ଲୋଗାନ ଦିଅନ୍ତି । ଭୋଟ୍‌ଦେଇ ତାଙ୍କୁ ନିର୍ବାଚିତ କରି ଖୁସିମନାନ୍ତି । ସେତେବେଳେ ସେସବୁ ଘଟଣା ତା' ପାଇଁ ପ୍ରଶ୍ନବାଚୀ ହୋଇ ଛିଡା ହେଉଥିଲା ବେଳେ ଆଜି ସମସ୍ତ ପ୍ରଶ୍ନର ଉତ୍ତର ସେ ପାଇଯାଇଛି । ଖାସ୍ ସେଇଥିପାଇଁ ତା'ର ଆଜି ଆଉ କାହା ପ୍ରତି ଅଭିଯୋଗ ନାହିଁ । ସିଏ ଜାଣି ସାରିଲାଣି ଯାହାକୁ ସାଧାରଣ ମଣିଷ କହି ତାଙ୍କ ଅଧୋଗତି ପାଇଁ ନେତାମାନଙ୍କୁ ସିଏ ଦାୟୀ କରୁଥିଲା, ସେମାନେ ନିଜପାଇଁ ନିଜେ ହିଁ ଦାୟୀ । ଯେତେଦିନ ପର୍ଯ୍ୟନ୍ତ ସେମାନେ ନିଜେ ନଚାହିଁବେ କେହି ତାଙ୍କୁ ଉଦ୍ଧାର କରିପାରିବେ ନାହିଁ ଏ ପତନରୁ ।

ଏମିତି ସିଦ୍ଧାନ୍ତରେ ପହଞ୍ଚି ଏବେ ଲକ୍ଷ୍ୟହୀନ ଜୀବନକୁ ସାଥୀରେ ନେଇ ବୁଲୁଛି ଅଭିଷେକ। ଜାଣେନାହିଁ କେମିତି ଶେଷରେ ଆସି ସେ ପହଞ୍ଚି ଯାଇଛି ଜଗନ୍ନାଥଙ୍କ ପାଖରେ। ସେ କେବେ ଈଶ୍ୱର ବିଶ୍ୱାସୀ ନଥିଲା ସେ । ମାତ୍ର ସବୁଆଡୁ ବିଫଳ ହେଲାପରେ, ସମସ୍ତଙ୍କ ପାଖରୁ ପ୍ରତାରିତ ହେଲାପରେ କୁଆଡେ ଯିବ ? କିଏ ତାକୁ ଦେଇପାରିବ ଆଶ୍ୱାସନା ? କିଏ ତାକୁ ଫେରେଇ ଦେଇପାରିବ ତା'ର ସେ ଆତ୍ମବିଶ୍ୱାସ ?

ଆଜି ବାପା ଆଉ ମା'ଙ୍କ କଥା ବେଶି ବେଶି ମନେ ପଡୁଛି ।

ଦିନେ ରାଜନୀତିକୁ ନେଇ ଯୁକ୍ତି କଲାବେଳେ ବାପା ତା' ପିଠିରେ ହାତ ରଖି କହିଥିଲେ - "ରାଜନୀତି ଗୋଟେ ଛୋଟିଆ ଶବ୍ଦ ନୁହେଁରେ ବାବା ! ତାର ଅର୍ଥ ଅତ୍ୟନ୍ତ ବ୍ୟାପକ । ତୁ ଜାଣିନୁ, ରାଜନୀତିର ଏଇ ସ୍ତର ପର୍ଯ୍ୟନ୍ତ ଆସିବାକୁ ମୋତେ କେତେ କଷ୍ଟ କରିବାକୁ ପଡିଛି । ଭାବପ୍ରବଣତାରେ ଭାସିଯାଇ ରାଜନୀତି କରାଯାଏନା । ରାଜନୀତି ପାଇଁ ଯୋଉ ଅଭିଜ୍ଞତା, ଅନୁଭବ ଲୋଡା ତାହା ତୋ ପାଖକୁ ଆସିବାର ସମୟ ଆସିନାହିଁ ।"

ବାପାଙ୍କ କଥାରେ ଉତ୍କ୍ଷିପ୍ତ ହୋଇପଡ଼ିଥିଲା ଅଭିଷେକ । କହିଥିଲା - ସେମିତି କହିଲେ ତ ସେଦିନ କେବେ ଆସିବନାହିଁ । ତା' ପାଇଁ କଣ ଗୋଟେ ନିର୍ଦ୍ଦିଷ୍ଟ ସମୟ ସୀମା ଅଛି ନା ଏମିତି ତାକୁ ବୁଝିବା ପାଇଁ ଚାଲିବାକୁ ପଡିବ ଅନନ୍ତକାଳ ଯାଏ ? ଆଜି ଯାଏଁ ଆପଣ ଯେଉଁ ରାଜନୀତି କରୁଛନ୍ତି ତାହା କଣ ପ୍ରକୃତ ରାଜନୀତି ନୁହେଁ ? ବର୍ତ୍ତମାନର ରାଜନୀତିକୁ ଦେଖି ଏତିକି ମୁଁ ଜାଣିଛି ଯେ ଆଜିର ନେତାମାନଙ୍କୁ କେବେହେଲେ ସଚ୍ଚା ଦେଶ ସେବକ କହିହେବ ନାହିଁ । ସେମାନେ କାହାର ବାପା, ମାଆ, ଭାଇ, ଭଉଣୀ ମଧ ହୋଇ ପାରିନାହାନ୍ତି । ସେମାନଙ୍କର କେବଳ କ୍ଷମତା ଓ ସ୍ୱାର୍ଥ ଦରକାର । ସେମାନେ ଜଣେ ଜଣେ ଏ ସମାଜରେ ସ୍ୱେଚ୍ଛାଚାରୀ, ବ୍ୟଭିଚାରୀ ଓ ମତଲବୀ ମଣିଷ ।

ତାଚ୍ଛଲ୍ୟ ଭାବ ଫୁଟି ଉଠିଥିଲା ଅଭିଷେକର ବକ୍ତବ୍ୟରେ ।

ରାଜନୀତି ନାଁରେ ଭ୍ରଷ୍ଟାଚାରକୁ ଆଉ ସ୍ୱେଚ୍ଛାଚାରୀ ରାଜନେତାଙ୍କ ହାତର କଣ୍ଢେଇ ହୋଇ ନାଚିବାର ମାନସିକତାକୁ ସହ୍ୟ କରିବା କ'ଣ ଠିକ୍ ? ଏ ସବୁକୁ ସାମ୍ନା କଲାବେଳେ ତାକୁ ଅତିଷ୍ଠ ଲାଗୁଥିଲା । ଏସୁବୁରୁ ମୁକ୍ତି ଚାହେଁ ସେ ।

ପୁଅର କଥା ଶୁଣି ଓଁକାରନାଥ ଲଥ୍ କରି ବସିପଡିଥିଲେ ଚେୟାରରେ । କିଛି ସମୟ ତା' ମୁହଁକୁ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁ ରହିଥିଲେ । ତାପରେ ଦୀର୍ଘଶ୍ୱାସ ନେଇ କହିଥିଲେ, ମୁକ୍ତି ଦର୍କାର ? ହଉ ଯା, ଯୁଆଡେ ଯାଉଛୁ ଯା' । ମୁଁ ତୋତେ ମନା କରିବି ନାହିଁ। ମୁଁ ରାଜନୀତିକୁ ଯେମିତି ଜାଣିଛି, ଯେମିତି ବୁଝିଛି, ତାକୁ ନେଇ ମୋର ସିମୀତ କ୍ଷମତା । ସେଥିରେ ତୁ ଯଦି ସନ୍ତୁଷ୍ଟ ନୁହଁ ତେବେ ତୁ ଯା' - ତୋତେ ତ ମୁଁ ଅଟକାଇ ପାରିବି ନାହିଁ। ହେଲେ ମୋର ଗୋଟିଏ କଥା ସବୁଦିନ ପାଇଁ ମନେ ରଖିଥିବୁ । ରାଜନୀତି ଗୋଟେ ସାଧାରଣ କାର୍ଯ୍ୟ ନୁହେଁ । ଏହାକୁ ସାଧାରଣ ମନେକଲେ ଏହା ଅସାଧାରଣ, ଏହାକୁ ଅସାଧାରଣ ମନେକଲେ ଏହା ନିହାତି ସାଧାରଣ । ଏହାକୁ ରିକ୍‌ସାବାଲାଟିଏ ବି କରିପାରେ ଏବଂ କରିପାରେ ବି ଗୋଟେ କୋଟିପତି । କିଛିର ଫରକ୍ ନାହିଁ । ନେଇଆଣି ଥୋଇ ଜାଣିଲେ ହେଲା । ହେଲେ ତୁ ଯଦି ଭାବୁଛୁ କୋଉଠୁ କେମିତି ରାଜନୀତିରେ ଆମଠୁ ଅଧିକ ଜ୍ଞାନ ହାସଲ କରି ପାରିବୁ ଏବଂ ବ୍ୟବସ୍ଥାରେ କିଛି ବି ପରିବର୍ତ୍ତନ ଆଣି ପାରିବୁ, ତେବେ ମୋତେ ଜଣେଇବୁ। ମୁଁ ତୋତେ ଗୁରୁ କରିବି । ଆଉ ଯଦି ବିଫଳ ହେଉ ତେବେ ବି ଫେରି ଆସିବୁ ମୋ ପାଖକୁ । ଏ ଘରର ଦ୍ୱାର ସବୁବେଳ ତୋ ପାଇଁ ଖୋଲା । (କ୍ରମଶଃ)

## ଅଣୁ ଗଳ୍ପ

# ସ୍ନେହ ମମତାର ଡୋରି




ସୁଦର୍ଶନ ମହାପାତ୍ର


ସଂସାରଟା ସ୍ନେହ ମମତାରେ ବନ୍ଧା। ଆକାଶରେ ଅନେକ ତାରା ଦେଖାଯିବା ଭଳି ଅନେକ ଚିହ୍ନା ଅଚିହ୍ନା ମଣିଷଙ୍କୁ ନେଇ ସଂସାର। ହେଲେ ଭଉଣୀ ପାଇଁ ତାର ଭାଇ ସବୁଠୁ ଶକ୍ତିଶାଳୀ, ଅନନ୍ୟ ତାରକା। ଯାହାକୁ ନେଇ ଖୁବ୍ ଗର୍ବ ଅନୁଭବ କରେ ଭଉଣୀ। ବିପଦରେ ତା'ର ରକ୍ଷାକର୍ତ୍ତା ଯେ ଭାଇ ! ରାକ୍ଷୀ ପୂର୍ଣ୍ଣିମା ଦିନ ଭଉଣୀ, ଭାଇ ହାତରେ ରାକ୍ଷୀ ବାନ୍ଧିବ ବୋଲି ଅପେକ୍ଷା କରିଥାଏ। ନିଜର ସୁଖ ଅବା ଦୁଃଖ ଭାଇ ସାଙ୍ଗରେ ଭାଗ କରିବ। ସେ ଚାହେଁ ଚିରଦିନର ଅତୁଟ ସମ୍ପର୍କ। ସେଇ ବୋଧହୁଏ ତାର ରାକ୍ଷୀର ମୂଲ୍ୟ। ରାକ୍ଷୀ ଗୋଟିଏ ଏମିତି ମମତାର ଡୋରଟିଏ, ସେଇଥିରେ ପୁରି ରହିଛି କେବଳ ସ୍ନେହ ମମତା। ଆନ୍ତରିକତାର ରଙ୍ଗ, ଯାହା କେବେ ଲିଭାଇଲେ ବି ଛାଡେନି। ହେଲେ ମୋ ପାଇଁ ସେ ରଙ୍ଗ ଛାଡି ଯାଇଥିଲା ନିୟତିର ଦାରୁଣ ନିର୍ଦ୍ଦେଶରେ।

ମୋ ହାତରେ ରାକ୍ଷୀ ବାନ୍ଧିବାକୁ ମୋର ଗୋଟିଏ ବୋଲି ଭଉଣୀ ଶାନ୍ତି ଅପା ଆଉ ନାହିଁ ଏବେ ସଂସାରରେ। ତା'ର ଅକାଳ ମରଣ ମୋ ପାଇଁ ନିହାତି କଷ୍ଟଦାୟକ । ମୋର ପ୍ରତିଟି ଦୁଃଖକଷ୍ଟରେ ତା'ର ସାହାଯ୍ୟ ସହାନୁଭୂତି ଅପୂରଣୀୟ।



ତାକୁ କି ଆଉ ଭୁଲି ହେବ ! ଭୁଲି ହେବ କି ତାର ମମତାମୟୀ ରୂପକୁ ! ମନେପଡେ ସବୁଦିନ ସେ। ମନେପଡେ ତା'ର କପୋତୀ ଭଳି ଗୁଣୁଗୁଣୁ ସ୍ୱର। ଶ୍ଳୋକ, ପ୍ରାର୍ଥନା ଆଦି ସେ ବୋଲିବାକୁ ଖୁବ୍ ଭଲ ପାଏ। ମୁଁ ଆରଜନ୍ମରେ କପୋତ ଟିଏ ହୋଇ ଜନ୍ମ ନେବି ବୋଲି କେତେ ଥର କହିଛି ବି ଅପା।

'ମୋର ଆଉ କିଛି ମନେ ରହୁନି' ବୋଲି କେତେ ଥର ସେ କହିଲା ପରେ ବି ଆମେ ତା'ର କଥାକୁ ପ୍ରଥମେ ହାଲକା ଭାବରେ ନେଇଥିଲୁ। ବୁଝି ପାରିନଥିଲୁ ଯେ ସେ ଏହା ମଧ୍ୟରେ ଏକ ଦୁରାରୋଗ୍ୟ ବ୍ୟାଧିର ଶିକାର ହୋଇ ସାରିଛି ବୋଲି। ଦୁଇ ମାସ ଏମିତି ଗଡିଯାଇଥିଲା। ଅପା ଯେତେବେଳେ ସବୁବେଳେ ନିଦ ମାଡୁଛି ବୋଲି କହିଲା, ମୁଁ ବିବ୍ରତ ହୋଇ ପଡିଲି। କେତେ ଥର ଚେଷ୍ଟା କରି ମଧ ତାକୁ ଡାକ୍ତରଖାନା ନେବାକୁ ସକ୍ଷମ ହୋଇନଥିଲି। ସେ ବିଭିନ୍ନ ବାହାନା ଦେଖାଇ ଏଡାଇ ଯାଏ ମୋ କଥାକୁ।

କିଛି ଦିନ ଭିତରେ ଅବଶ୍ୟ ଅପାକୁ କଟକ ବଡ଼ ଡ଼ାକ୍ତରଖାନାରେ ଦେଖାଇଲି। ସେତେବେଳକୁ ତା'ର ଅବସ୍ଥା ବହୁତ ଖରାପ ହୋଇ ଯାଇଥିଲା। ଡାକ୍ତରଙ୍କ ନିର୍ଦ୍ଦେଶରେ ସ୍କାନିଂ କଲାପରେ ଜଣାପଡିଲା ଟ୍ୟୁମର କଥା। ବ୍ରେନ୍‌ରେ ଅପରେସନ ପରେ ଅପା କୋମାକୁ ଚାଲିଗଲା ଯେ ଆଉ ସେଥିରୁ ମୁକୁଳି ପାରିଲା ନାହିଁ। କିଛି ଦିନ ପରେ ଆମ ସମସ୍ତଙ୍କୁ ଛାଡି ଚାଲିଗଲା ଶାନ୍ତି ଅପା। ସେଇ ଦିନଠାରୁ ଛାତ ଉପରେ ଖୁଦ ଭଜା ବୁଣି ମୁଁ କପୋତ ମାନଙ୍କୁ ଖୁସି କରାଇବାକୁ ଚେଷ୍ଟା କରେ। କାଳେ ଶାନ୍ତି ଅପା କପୋତୀଟିଏ ହୋଇ ଆସିବ ମୋ ପାଖକୁ !

ଦିନେ ଦେଖିଲି ସବୁ କପୋତଙ୍କ ଠାରୁ ଭିନ୍ନ ଈଷତ୍ କଳା ରଙ୍ଗର କପୋତ ଟିଏ ଆସି ଦୂରରେ ବସିଛି। ମୋତେ ଲାଗିଲା ଅପା ହିଁ ଆସିଛି। କାରଣ ମୋ ଅପା ଆମ ସମସ୍ତଙ୍କଠୁ ଟିକେ ମଳିନ ରଙ୍ଗର। ନଜରରେ ପଡ଼ିଲା ତା ଥଣ୍ଟରେ ଧରିଛି ଚିକମିକ ସୂତାଟିଏ। ନିଦ ଭାଙ୍ଗିଗଲା ହଠାତ୍। ଆରେ...! ସ୍ୱପ୍ନ ଦେଖୁଥିଲି ! ମନେ ପଡ଼ିଲା ଆଜି ରାକ୍ଷୀ ପୂର୍ଣ୍ଣିମା। ରାତି ପାହୁ ପାହୁ ଛାତ ଉପରକୁ ଦୌଡିଲି। ସବୁଦିନ ପରି କପୋତ ମାନଙ୍କ ପାଇଁ ଖାଇବା ଦେଇ ଅପେକ୍ଷା କଲି। କିଛି ସମୟ ପରେ ସେମାନେ ଆସିଗଲେ। ମୋ ପ୍ରତୀକ୍ଷାର ଅନ୍ତଃ ଘଟାଇ ସ୍ୱପ୍ନରେ ଦେଖିଥିବା ଭଳି କପୋତ ଟିଏ ଆସିଲା ସବା ପଛରେ। ମୁଁ ଖୁସିରେ ଆତ୍ମହରା ହୋଇ ଉଠିଲି। ଟିକିଏ ପାଖକୁ ଗଲି। ହେଲେ ତା ଥଣ୍ଟରେ ଥିଲା ଶୁଖିଲା କାଠି ଖଣ୍ଡେ।

ରହିବା ପାଇଁ ଜାଗାଟିଏ ଖୋଜୁଛି କି ! ମନେ ପଡ଼ିଲା ଅପା କଥା । କଟକ ମେଡିକାଲକୁ ତାକୁ ଆଣି ଡାକ୍ତର ଦେଖାଇ ସାରି ଯେତେବେଳେ ମୋ ଘରକୁ ଆଣିଲି, ଅପା କହିଥିଲା -'ତୋ ଘରକୁ ଆସିବି ବୋଲି ମୁଁ ଯଦି ଜାଣିଥାନ୍ତି, ମୋର ସବୁ ଜିନିଷ ପତ୍ର ଧରି ପଳାଇ ଆସିଥାନ୍ତି । ଭାରି ଭଲ ଲାଗୁଚି ଏଇଠି।' ଅପା ସେଇଥିପାଇଁ କପୋତ ବେଶରେ ଆସିଛି କି ! ମୁଁ ଆଉ ଟିକିଏ ପାଖକୁ ଗଲି। ହେଲେ ସେ ଉଡିଯାଇ ଟିକିଏ ଦୂରରେ ବସିଲା। ଲାଗିଲା ଯେମିତି ସେ ଖାଲି ମୋ ଆଡକୁ ଚାହିଁଛି। ଭାବୁଥିଲି ସେ ମୋରି ଘରର ସ୍କାଇଲାଇଟ ପାଖରେ କିମ୍ବା ଅନ୍ୟ କେଉଁଠି ବି ଜାଗାଟିଏ ଦେଖି ରହନ୍ତା କି !! ଅପା ଭଳି କପୋତଟି ବି ମୋ ହୃଦୟରେ ବସା ବାନ୍ଧି ସାରିଥିଲା ସେତେବେଳକୁ।

-'ବାବା ! ଏତେ ସମୟ ଛାତ ଉପରେ କ'ଣ କରୁଛ ? ମୁଁ ଗାଧୁଆ ପାଧୁଆ ସାରି ଭାଇ ହାତରେ ରାକ୍ଷୀ ବାନ୍ଧି ସାରିଲିଣି। ତୁମେ ତଳକୁ ଆସ।' ଝିଅର ଡାକରେ ମୁଁ ପ୍ରକୃତିସ୍ଥ ହେଲି। ମୋ ଆଖିରେ ଲୁହ ଦେଖି ଝିଅ ଘାବରେଇ ଗଲା। -'ବାବା ! ଆଜି ରାକ୍ଷୀ ପୂର୍ଣ୍ଣିମା ବୋଲି ତୁମର ଶାନ୍ତି ଅପାଙ୍କ କଥା ମନେ ପଡୁଛି ନା !' ଝିଅକୁ କିଛି ଉତ୍ତର ନଦେଇ, ଲୁହ ପୋଛି ତଳକୁ ଆସିଲି।


+ କୁଞ୍ଜବିହାରୀ ଲେନ, କଟକ

# ତାଲିବାନ ଓ ଆଫଗାନୀ ମହିଳା



ଅଧ୍ୟାପକ ଶରତ କୁମାର ଦାସ
ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

ଦୀର୍ଘ ଦୁଇ ଦଶନ୍ଧି ପରେ ପୁନଶ୍ଚ ତାଲିବାନୀର ବର୍ବର ଶାସନ ଫେରିଛି ଆଫଗାନିସ୍ତାନ ମାଟିକୁ । ଚାରିଆଡେ ଗୁଳିଗୋଳା ବର୍ଷଣର ବକୁଥରା ଶବ୍ଦ । ଆଫଗାନ୍ ନାଗରିକମାନେ ବିଶେଷକରି ମହିଳମାନେ ପ୍ରାଣ ବିକଳରେ ଏଣେ ତେଣେ ଧାଁ ଦୌଡ କରୁଥିବାର ହୃଦୟ ବିଦାରକ ଦୃଶ୍ୟ ସମଗ୍ର ବିଶ୍ୱ ସମୁଦାୟ ନୀରବରେ ଦେଖୁଛି । ଆମେରିକାର ଏକ ବିମାନରେ ଏକାଥରକେ ଛଅଶହ ଚାଳିଶ ନାଗରିକ କତର ଅଭିମୁଖେ ଯାତ୍ରା କରିବା , କିଛି ନାଗରିକ ଦଳାଚକଟା ଓ ବିମାନରୁ ଖସି ପଡି ମୃତ୍ୟୁ ବରଣ କରିବା ଖବର ସାରା ପୃଥିବୀକୁ ସ୍ତବ୍ଧ କରିଦେଇଛି । ଏକ ଭୟତ୍ରସ୍ତ ତଥା ଅନିଶ୍ଚିତ ଜୀବନକୁ ନେଇ ନିଜ ଦେଶରେ ରହିବାକୁ ସୁରକ୍ଷିତ ମନେ ନକରିବା ତାଲିବାନର ଅମାନୁଷିକ ତଥା ସ୍ୱେଚ୍ଛାଚାରୀ ଶାସନର ଜ୍ୱଳନ୍ତ ନିଦର୍ଶନ ଅଟେ। ଘଟଣାକ୍ରମରେ ଆଫଗାନିସ୍ଥାନର ନିର୍ବାଚିତ ରାଷ୍ଟ୍ରପତି ଆସ୍ରଫ ଘନି ନିଜ ପଦରୁ ଇସ୍ତଫା ଦେଇ ଦେଶଛାଡି ପଳାୟନ କରିବା ସଙ୍କଟକୁ ଆହୁରି ଜଟିଳ କରିଛି । ଅନ୍ୟ ପକ୍ଷରେ ତାଲିବାନ ଆତଙ୍କବାଦୀମାନେ ବନ୍ଧୁକ ମୁନରେ ଗୋଟିଏ ପରେ ଗୋଟିଏ ସହର ଅଧିକାର କରି ଶେଷରେ କାବୁଲ ଅଧିକାର କରିବା ସହିତ ରାଷ୍ଟ୍ରପତି ଭବନକୁ ଜବରଦସ୍ତ ଦଖଲ କରିବା ବିଶ୍ୱର ଗଣତନ୍ତ୍ର ପ୍ରତି ଏକ ଆତଙ୍କବାଦୀ ସଂଗଠନର ଖୋଲା ଆହ୍ୱାନ କହିଲେ ଅତ୍ୟୁକ୍ତି ହେବନାହିଁ । ବ୍ରିଟେନ, ଜର୍ମାନୀ, ଫ୍ରାନ୍ସ ଭଳି ପୃଥିବୀର ଅନେକ ସମୃଦ୍ଧ ରାଷ୍ଟ୍ର ଆମେରିକାକୁ ସିଧାସଳଖ ଆଜିର ପରିସ୍ଥିତି ପାଇଁ ଦାୟୀ କରିବା ସମସ୍ୟାକୁ ଦ୍ୱିଗୁଣିତ କରିଛି । ଆମେରିକା ସରକାର ଆଫଗାନିସ୍ତାନ ମାଟିରୁ ନିଜର ସୈନ୍ୟ ପ୍ରତ୍ୟାହାର କରିବାର ନିଷ୍ପତ୍ତି କାରଣରୁ ଏଭଳି ପରିସ୍ଥିତି ସୃଷ୍ଟି ହେଲା ବୋଲି ଏମାନେ ଅଙ୍ଗୁଳି ନିର୍ଦ୍ଦେଶ କରିବ ସ୍ୱାଭାବିକ ମନେହୁଏ ।

ତାଲିବାନର ଉତ୍ଥାନ ପଶ୍ଚାତରେ ପାକିସ୍ତାନ, ଚୀନ ଓ ରୁଷିଆ ର ପ୍ରତ୍ୟକ୍ଷ ବା ପରୋକ୍ଷ ସମର୍ଥନ ରହିଛି ବୋଲି ଚର୍ଚ୍ଚା ଜୋର୍ ଧରିଛି । ପାକିସ୍ତାନ ଓ ଚୀନ ତାଲିବାନ ଶାସନକୁ ଅଭିନନ୍ଦନ ଜଣାଇବା ସହିତ ସବୁ ପକାର ସାହାଯ୍ୟ ଯୋଗାଇଦେବା ଘୋଷଣା ବିଶ୍ୱ ସମୁଦାୟକୁ ସଂପୂର୍ଣ୍ଣ ରୂପେ ବ୍ୟଥିତ କରିଛି। ରୁଷିଆ ମଧ ତାଲିବାନ ଶାସନକୁ ସମର୍ଥନ କରିବା ସହିତ ଆମେରିକାକୁ ଦାୟୀ କରିଛି । ଅବଶ୍ୟ ଜାତିସଂଘ ତମାମ ଘଟଣାକୁ ଗୁରୁତ୍ୱର ସହ ବିଚାର କରିବା ପୂର୍ବକ ତାଲିବାନୀମାନଙ୍କୁ କଡା ଚେତାବନୀ ଦେବା ଓ ଭାରତର ଅଧକ୍ଷତାରେ ନିରାପତ୍ତା ପରିଷଦର ବୈଠକ ଆହ୍ୱାନ କରାଯାଇ ଘଟଣା ଉପରେ ପ୍ରତ୍ୟକ୍ଷ ନଜର ରଖାଯାଇଛି ।

ଇତିମଧ୍ୟରେ ତାଲିବାନୀମାନେ ଆଫଗାନିସ୍ତାନରେ ନୂଆ ସରକାର ଗଠନ ପାଇଁ ତତ୍ପର ହୋଇଉଠିଛନ୍ତି। ଏ ସଂକ୍ରାନ୍ତରେ ତାଲିବାନ ନେତୃତ୍ୱଙ୍କ ମଧ୍ୟରେ ବିଚାର ବିମର୍ଶ ଚାଲୁରହିଛି। କଠୋର ସରିୟାତ ନିୟମାନୁଯାୟୀ ଶାସନ ପରିଚାଳକ ହେବ ବଲି ସେମାନେ ଘୋଷଣା କରିବା ପରେ ସେଠାରେ ଥିବା ପ୍ରାୟ ଦୁଇକୋଟିରୁ ଉର୍ଦ୍ଧ୍ୱ ମହିଳାଙ୍କ ଆଖିରୁ ନିଦ ହଜାଯାଇଛି। ନିଜକୁ ସଂପୂର୍ଣ୍ଣ ଅସୁରକ୍ଷିତ ମନେକରୁଛନ୍ତି ଆଫଗାନୀ ମହିଳା ମାନେ । ସରିୟାତର କଠୋର ନିୟମାନୁସାରେ ସେମାନଙ୍କ ସ୍ୱାଧୀନତାକୁ ଜୋର ଜବରଦସ୍ତ ସଂକୁଚିତ କରାଯାଇ ସେମାନଙ୍କ ଉପରେ ବର୍ବୋରଚିତ ତଥା ଅମାନବୀୟ କଟକଣା ଲାଗୁ କରାଯାଇଛି । ସେମାନଙ୍କୁ ଯୌନଦାସୀରେ ପରିଣତ କରିବାକୁ ବାଧ କରାଯାଉଛି । ପ୍ରତିବାଦ କଲେ ମିଳୁଛି ଅକଥନୀୟ ମାନସିକ ଓ ଶାରୀରିକ ଅତ୍ୟାଚାର ସହିତ ହତ୍ୟା ଧମକ । ସେମାନଙ୍କୁ ଏକାଏକା ବାହାରକୁ ଯିବାକୁ ବାରଣ କରାଯାଇଛି । କେବଳ ନିଜ ରକ୍ତ ସମ୍ପର୍କୀୟ ପୁରୁଷମାନଙ୍କ ସାଥିରେ ମହିଳାମାନେ ବାହାରକୁ ଯାଇପାରିବେ । ଆଠ ବର୍ଷ ପରେ ସେମାନଙ୍କୁ ସ୍କୁଲ କଲେଜ ମନା । କୋରାନ ବ୍ୟତୀତ ସେମାନେ ଅନ୍ୟ କୌଣସି ପୁସ୍ତକ ଅଧ୍ୟୟନ କରିପାରିବେ ନାହିଁ । ଶିକ୍ଷିତ ହୋଇଥିଲେ ବି ସେମାନେ କୌଣସି କାର୍ଯ୍ୟାଳୟରେ ଚାକିରି କରିପାରିବେ ନାହିଁ । ଘରର ଛାତ ବା ବାଲକୋନୀରେ ବସିବା ମନା । ଉଚ୍ଚ ଗଳାରେ କଥା କହିବା ମନା। ସେମାନଙ୍କ ପାଦଶବ୍ଦ ଯେପରି ପୁରୁଷମାନେ ଶୁଣିନପାରିବେ ସେଥିପାଇଁ ସେମାନେଙ୍କୁ ହାଇ-ହିଲ ବ୍ୟବହାରକୁ ବାରଣ କରାଯାଇଛି। ମହିଳାମାନେ ରହୁଥିବା ଘରର ଝରକା ବନ୍ଦ ରଖିବାକୁ ନିର୍ଦ୍ଦେଶ ଜାରିକରାଯାଛି । କାଚ ଝରକା ହୋଇଥିଲେ ତାହା ତୁରିତ ରଙ୍ଗ ହେବାକୁ କୁହାଯାଇଛି। ମହିଳାମାନେ ନିଜର ଫଟୋ ଉଠାଇ ପାରିବେ ନାହିଁ। ସାମୁହିକ କାର୍ଯ୍ୟକ୍ରମରେ ଏକତ୍ରିତ ହୋଇପାରିବେ ନାହିଁ । କୌଣସି ସ୍ଥାନର ନାମ ମହିଳାମାନଙ୍କ ନାମରେ ରଖାଯାଇ ପାରିବନାହିଁ। ବୁର୍ଖା ପିନ୍ଧିବା ବାଧତାମୂଳକ କରାଯାଇଛି । ଏହିଭଳି ଅନେକ ଭୟଙ୍କର କଟକଣ ଜାରି କରାଯାଇଛି ସେମାନଙ୍କ ଉପରେ। ପ୍ରକୃତରେ ଦେଖିଲେ ଆଫଗାନ୍ ମହିଳାମାନଙ୍କୁ ମୃତ୍ୟୁ ଯେପରି ହାତ ଠାରି ଡାକୁଛି ଜିଭ ଲହଲହ କରି। ଆଫଗାନିସ୍ତାନର ମହିଳାମାନେ ଆତିଙ୍କିତ ହୋଇ ସମଗ୍ର ବିଶ୍ୱ କୁ ସାହାଯ୍ୟ ପାଇଁ ଆକୁଳ ନିବେଦନ କରୁଛନ୍ତି । କାରଣ ଏବେ ବି ସେମାନଙ୍କର ସ୍ମରଣ ଅଛି କୋଡିଏ ବର୍ଷ ପୂର୍ବର ତାଲିବାନୀମାନଙ୍କ ଦ୍ୱାର ପ୍ରଚଳିତ ଲୋମହର୍ଷଣକାରୀ ବର୍ବର ଓ ଅତ୍ୟାଚାରୀ ଶାସନ ବ୍ୟବସ୍ଥା ।ସାମାନ୍ୟ ପୋଷାକ ପିନ୍ଧିବାର ଭୁଲକୁ ନେଇ ସେମାନଙ୍କୁ ହତ୍ୟା କରାଯାଇଛି । ଡାହାଳ କୁକୁରଙ୍କ ସାମ୍ନାରେ ଛାଡିଦିଆଯାଇଥିବା ହୃଦୟ ବିଦାରକ ଦୃଶ୍ୟ ଏବେବି ସେମାନଙ୍କୁ ଏକ ନିଶ୍ଚିତ ମୃତ୍ୟୁର ଅର୍ଗଳିକୁ ଠେଲି ଦେଉଛି। ଏମିତି କି ପୂର୍ବ ଶାସନ ସମୟରେ ତାଲିବାନୀମାନେ ମହିଳାଙ୍କ ଗୁପ୍ତାଙ୍ଗ କାଟିବା ସହିତ ସର୍ବସାଧାରଣରେ ଉଲଗ୍ନା କରି ପଥର ମାଡ ଓ ହତ୍ୟା କରିବାର ଭୟଙ୍କର ଦୃଶ୍ୟ ଦେଶବାସୀ ଅଦ୍ୟାବଧି ଭୁଲିପାରିନାହାଁନ୍ତି । ତାଲିବାନର ମର୍ମନ୍ତୁଦ ତଥା ପାଶବିକ ଅତ୍ୟାଚାରର ସମ୍ମୁଖୀନ ହୋଇଥିବା ଅନେକ ପୀଡିତା ମହିଳା ଏବେ ବି ସେମାନଙ୍କ କୋହଭରା ଅଶ୍ରୁଳ କାହାଣୀ ସର୍ବସାଧାରଣରେ ପ୍ରକାଶ କରି ଲୁହରେ ଜୁଡୁବୁଡୁ ହେଉଥିବା ଦୃଶ୍ୟ ବାସ୍ତବିକ ଯନ୍ତ୍ରଣା ଦାୟକ।

ଅବଶ୍ୟ ସାରା ଦେଶରେ ମହିଳାମାନେ ତାଲିବାନର ଏପ୍ରକାର ଆଶାଳୀନ ତଥା ନିର୍ମମ ଆଇନ ବିରୋଧରେ ରାଜରାସ୍ତାକୁ ଓହ୍ଲାଇ ପ୍ରତିବାଦ ଜଣାଇବା ଏକ ଖୁସିର ଖବର ହୋଇପାରେ । ସେମାନେ ସେମାନଙ୍କ ମୌଳିକ ଅଧିକାରର ସୁରକ୍ଷା ପାଇଁ ଦାବି କରିଛନ୍ତି । ଶିକ୍ଷାଧିକାର ଓ ସମ୍ପତିଗତ ଅଧିକାର ସହିତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଅଧିକାର ତଥା ସ୍ୱାଧୀନତା ସପକ୍ଷରେ ଯୁକ୍ତି ଉପସ୍ଥାପନ କରୁଛନ୍ତି । ଅନ୍ତର୍ଜାତୀୟ ସ୍ତରରେ ବି ମହିଳାଙ୍କ ଅଧିକାର ସପକ୍ଷରେ ଚାପ ପ୍ରୟୋଗ କରାଯାଉଛି । ଯାହାଫଳରେ ତାଲିବାନୀ ସଂଗଠନ ମହିଳାଙ୍କ ପ୍ରତି ଥିବା ନିଜ କଡା ଆଭିମୁଖ୍ୟ ଓ ନୀତିରେ ସମ୍ୟକ୍ ପରିବର୍ତ୍ତନ ଆଣିବାକୁ ଘୋଷଣା କରିବା ହୁଏତ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇପାରେ । ଏହି ଆତଙ୍କବାଦୀ ସଂଗଠନ ନିଜକୁ ଭଦ୍ର ଓ ଶାନ୍ତ ଭାବେ ଉପସ୍ଥାପନା କରିବା ପ୍ରୟାସ ସ୍ୱରୂପ କୌଣସି ମହିଳାଙ୍କ ଉପରେ ନିର୍ଯ୍ୟାତନା କରାଯିବ ନାହିଁ ବରଂ ସେମାନଙ୍କୁ ଶାସନକ୍ଷେତ୍ରରେ ସାମିଲ କରାଯିବ ବୋଲି ଘୋଷଣା କରିଛି । ଏପରିକି କଠୋର ସରିଆତ ଆଇନର ଶାସନ ଲାଗୁହେଲେ ବି ଏଥିରେ ମହିଳାଙ୍କୁ ଅଧିକାର ଓ ସମ୍ମାନ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛି। ସମସ୍ତଙ୍କୁ ନିଜ ସମ୍ପତ୍ତି ଓ ସୁରକ୍ଷାର ଅଧିକାର ମିଳିବ ବୋଲି କୁହାଯାଇଛି । ଏ ସମସ୍ତ ଘୋଷଣା ମଧ୍ୟରେ ବି ଆଫଗାନିସ୍ଥାନର ମହିଳାମାନେ ତାଲିବାନ ଉପରେ ସଂପୂର୍ଣ୍ଣ ରୂପେ ବିଶ୍ୱାସ ଓ ଭରସା କରିପାରୁନାହାଁନ୍ତି । ସେମାନେ ସଂପୂର୍ଣ୍ଣ ରୂପେ ଅସହାୟ ଓ ଆତଙ୍କିତ । ଏହା କେବଳ ବିଶ୍ୱ ସମୁଦାୟଙ୍କ ନିକଟରେ ନିଜ ଭାବମୂର୍ତ୍ତି ବଦଳାଇବାର ସେମାନଙ୍କର ଏକ ନିଖୁଣ ଅଭିନୟ ବୋଲି ଅଭିଯୋଗ ହେଉଛି । କେବଳ ଅନୁକମ୍ପା ଉଦ୍ଦେଶ୍ୟରେ ଏହି ଆତଙ୍କବାଦୀ ସଂଗଠନ ୧୯୯୦ ଦଶକର କଳା ଚରିତ୍ରକୁ ଲୁଚାଇବାକୁ କୋଉଠି ନା କୋଉଠି ପ୍ରୟାସ ଚଳାଇଛି। ଥରେ ଶାସନ କ୍ଷମତା ହାତକୁ ଆସି ଗଲେ ଏହାର ପ୍ରକୃତ ଚେହେରା ପାଦରେ ପଡିଯିବ ବୋଲି ଅନେକ ବିଶେଷଜ୍ଞ ମତ ପ୍ରଦାନ କରିବା ଯଥାର୍ଥ ମନେହୁଏ । ଏହାର ଏକ ନଗ୍ନ ଉଦାହରଣ ଦିଆଯାଇପାରେ । କାବୁଲ ଦଖଲ ଅଭିଯାନ ବେଳେ ସେମାନେ ୧୫ ରୁ ୪୦ ବର୍ଷୀୟ ଯୁବତୀ ଓ ମହିଳାଙ୍କୁ ବଳପୂର୍ବକ ବିବାହ କରୁଥିବା ନେଇ ଯେଉଁ ଅଭିଯୋଗ ହେଉଥିଲା ତାହାକୁ ପ୍ରକାରାନ୍ତରେ ସ୍ୱୀକାର କରିବା ସହିତ ଏହି ବର୍ଗର ମହିଳାଙ୍କ ଏବେ ତାଲିକା ମଗାଇବା ତାଲିବାନର ଦୈତ ଚେହେରା ପଦାରେପଡିଛି ଯାହାକି ମହିଳାଙ୍କୁ ଦ୍ୱନ୍ଦ ଓ ଆତଙ୍କରେ ପକାଇବା ନିଶ୍ଚିତ ଭାବେ ଏକ ଦୁର୍ଭାଗ୍ୟଜନକ ବିଷୟ । ଶାନ୍ତିର କଥା କହୁଥିବା ଏହି ଆତଙ୍କବାଦୀ ସଂଗଠନ ଏବେବି ବନ୍ଧୁକ ଧରି ବିଭିନ୍ନ ସ୍ଥାନରେ ପଇଁତରା ମାରୁଛନ୍ତି।

ତାଲିବାନର ଘୋଷଣାନାମା ପ୍ରକାଶ ପରେ ଜାତିସଂଘ ପକ୍ଷରୁ ତାଲିବାନ ନିଜର ପ୍ରତିଶ୍ରୁତି ରକ୍ଷାକରିବା ଉଚିତ ବୋଲି କୁହାଯାଉଛି । ଜାତିସଂଘ ମାନାବାଧିକାର ସଂଗଠନ ମୁଖପାତ୍ର ରୁପଟ କୋଲଭିଲେ ଜେନିଭା ଠାରେ କହିଛନ୍ତି ଯେ ତାଲିବାନର କଥା ଓ କାର୍ଯ୍ୟ ସମାନ ହେବା ଦରକାର । ସମ୍ପ୍ରତି ଦେଶର ଅବସ୍ଥା ଦୃଷ୍ଟିରୁ ତାଲିବାନର ଘୋଷଣାକୁ ସମ୍ମାନ ଦିଆଯାଉଛି, କିନ୍ତୁ ବାସ୍ତବତା ସମୟ କହିବ।

ଯେତେବେଳେ ଆଫଗାନିସ୍ତାନର ମହିଳାମାନେ ତାଲିବାନ ଭଳି ଏକ ଆତଙ୍କବାଦୀ ସଂଗଠନର କ୍ରୁର ପଂଝାରେ ପଡି ଜୀବନ ବିକଳରେ କଲବଲ ହେଉଛନ୍ତି, ସେତେବେଳେ ବିଶ୍ୱ ସମୁଦାୟ ନୀରବଦ୍ରଷ୍ଟା ସାଜିବା ଅତ୍ୟନ୍ତ ପରିତାପ ଓ କ୍ଷୋଭର ବିଷୟ ଅଟେ। ବିଶେଷକରି ମହାଳାଙ୍କୁ ସମ୍ମାନ ଓ ଅଧିକାର କଥା କହୁଥିବା ଅନେକ ସଭ୍ୟ ଓ ସମୃଦ୍ଧ ରାଷ୍ଟ୍ର ଏବେବି ଚୁପ୍ ପଛରେ ପ୍ରକୃତ ରହସ୍ୟ ଜାଣିହେଉନାହିଁ । ବାସ୍ତବରେ ଦୁଃଖ ଲାଗେ ଏମାନଙ୍କର ଆଚରଣ ଓ ଉଚାରଣ ମଧ୍ୟରେ ଥିବା ପାର୍ଥକ୍ୟକୁ ଦେଖି। ସତରେ କ'ଣ ଏମାନଙ୍କ କାନରେ ବାଜୁନି ସେହି ଅସହାୟ ମହିଳାମାନଙ୍କ ବୁକୁ ଫଟା କରୁଣ ଆର୍ତ୍ତନାଦ ସହିତ ଆକୁଳ ନିବେଦନ !! ଜାତି, ବର୍ଣ୍ଣ, ଧର୍ମ , ସଂପ୍ରଦାୟ , ଧନୀ,ଦରିଦ୍ର କୃତ୍ରିମ ଭେଦଭାବ ନିର୍ବିଶେଷରେ ବିଶ୍ୱର ପ୍ରତ୍ୟେକ ସଭ୍ୟ ରାଷ୍ଟ୍ର ନିରୀହ ମହିଳାମାନଙ୍କ ସୁରକ୍ଷା ପାଇଁ ହାତ ବଢାଇବା ବର୍ତ୍ତମାନ ସମୟର ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ଅଟେ ।

## ପ୍ରେମରେ ପ୍ରେମରେ ଗୀତି ....(୧୪)



ବିପିନ ମହାନ୍ତି
୩୩, ଗଡ ମହାବୀର ବିହାର,
ଗ୍ୟାରେଜ ଛକ,
ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

### ।। ଖିଆଲୀ କବିର ମନ ।।

ପ୍ରୀତି ତୁମେ ଏକ ଅଲେଖା ଗୀତର
ଖିଆଲି କବିର ମନ,
ଜୀବନର ଯେତେ ଜଟିଳ ପ୍ରଶ୍ନର
ଛୋଟ ଏକ ସମାଧାନ ।

ଜୀବନଠୁ ଦୂରେ ମରଣ ସେପାରେ
ହାତଠାରି ଡାକେ ପ୍ରେମ,
ପ୍ରୀତି ବିନା ଏଠି ଜୀବନ ଯେଉଁଠି
ମରଣର ଅନ୍ୟନାମ,
ମୁଠାଏ ବିଶ୍ୱାସ ଟିକିଏ ଆଶ୍ୱାସ
ଭାଙ୍ଗିଦେଲା ସ୍ୱାଭିମାନ ।

ମନ ମରୁ ମୋର ସ୍ୱର୍ଣ୍ଣପ୍ରସୂ ହେଲା
ଶ୍ୟାମଳିମା ଗଲା ଭରି,
ପ୍ରୀତିକୁ ତୁମର ଥାପିଲି ମୁଁ ନେଇ
ଛାତିର ପଞ୍ଜରା ଚିରି,
ଉଜୁଡ଼ା ପ୍ରେମକୁ ସଜାଡ଼ି ବସିଲି
ଯୋଡ଼ି ସାତସିଆଁ ମନ ।

## କଥା କିଞ୍ଚିତ

# ଦୁଃଖସୁଖର ଜୀବନ(୨)

ଅଧ୍ୟାପକ ବିଶ୍ୱରଂଜନ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଏହି କାହାଣୀ ଶୁଣେଇ ଓଶୋ ତାଙ୍କ ନିକଟରେ ସମବେତ ଜିଜ୍ଞାସୁମାନଙ୍କୁ କହୁଛନ୍ତି, ତମେ ସବୁ ଦୁଃଖର କାରଣ ଦେଖୁନାହଁ। ଦୁଃଖର କାରଣ ସବୁବେଳେ ତୁମ ଭିତରେ ହିଁ ଅଛି। ଦୁଃଖର ଉଦ୍‌ଗମ ବାହାରୁ ନୁହେଁ ନିଜ ଭିତରୁ। ନର୍କ ପାତାଳପୁରୀରେ ନାହିଁ। ନର୍କ ଅଛି ତୁମ ମନର ଅବଚେତନରେ। ସେଇ ହେଉଛି ପାତାଳ। ସ୍ୱର୍ଗ ସେହିଭଳି ଆକାଶରେ ନାହିଁ। ତୁମ ମନର ଅତଳତଳ ଗହରୀକୁ ନାନା ଆବର୍ଜନାରୁ ସଫା କରିଦିଅ। ସେଇଠି ପାଇବ ସ୍ୱର୍ଗ। ସ୍ୱର୍ଗ ଓ ନର୍କ ତୁମ ନିଜର ଭାବସ୍ଥିତିରେ ହିଁ ରହିଛି। ତୁମେ ଏହାର ସ୍ରଷ୍ଟା। ତୁମେ ଏହାର ମାଲିକ। ତେଣୁ ଦୁଃଖଠାରୁ ପଳେଇଯାଅ ନାହିଁ। ଦୁଃଖକୁ ସାମ୍ନା କର। ଦୁଃଖର ନିଆଁରେ ଜଳି ସୁନାଭଳି ଝଲସି ଉଠ। ପ୍ରତ୍ୟେକ ଦୁଃଖ ତୁମ ଜୀବନର ଜଡ଼କୁ ଆହୁରି ମଜବୁତ୍ କରିବ। ତୁମକୁ ଶକ୍ତି ଦେବ। ତୁମକୁ ନୂଆ ଜୀବନ ଦେବ। ଦୁଃଖକୁ ଏକ ଚାଲେଂଜ ଭାବରେ ଗ୍ରହଣ କର। ଦୁଃଖୀ ହୋଇଯାଅ ନାହିଁ।

କହିବାର କଥା, ଦୁଃଖସୁଖର ଏ ଦୁନିଆ। ଦୁଃଖସୁଖର ଜୀବନ। ଜୀବନ କେବଳ ଦୁଃଖପୂର୍ଣ୍ଣ ନୁହେଁ। ହଁ, ଦୁଃଖ ଅଛି। ମାତ୍ର ଏ ଦୁଃଖ କେବଳ ସୁଖର ଏକ ଭୂମିକା। ଫୁଲ ପାଖରେ ଯେଭଳି କଣ୍ଟା। କଣ୍ଟା ଫୁଲର ଶତ୍ରୁ ନୁହେଁ ବରଂ ରକ୍ଷକ। ଫୁଲର ସେବକ। ପ୍ରତ୍ୟେକ ଦୁଃଖ ସେହିଭଳି ସୁଖପାଇଁ ଏକ ପ୍ରସ୍ତୁତି ମାତ୍ର। ଏକ ପରୀକ୍ଷା। ଏକ ପ୍ରଶିକ୍ଷଣ। ବୀଣାବାଦକଟିଏ ପ୍ରଥମେ ବୀଣାର ତାରକୁ ଟାଣେ। ଭିଡ଼େ। ତାରର ଯଦି ଜୀବନ ଥାଆନ୍ତା, ତେବେ ଜଣା ପଡ଼ନ୍ତା। ବାଦକ ତାରକୁ ବହୁତ କଷ୍ଟ ଦେଉଛି। ଦୁଃଖ ଦେଉଛି। ମାତ୍ର ବୀଣାବାଦକ ତାରକୁ ଭିଡୁଛି- ଫଳରେ ତା ଭିତରେ ଥିବା ସୁନ୍ଦର ସଂଗୀତ ଜନ୍ମ ନେବ। ନେଇ ସଂଗୀତର ପ୍ରସ୍ତୁତିରେ ସେ ଅଛି। ସେହିଭଳି ତାବ୍‌ଲା ବଜେଇବା ପୂର୍ବରୁ ଦେଖୁ, ତାବ୍‌ଲାବାଦକ ହାତୁଡ଼ିରେ ତବ୍‌ଲାକୁ ପିଟାପିଟି କରୁଛି। ମାତ୍ର ତବଲାକୁ ସେ ପ୍ରସ୍ତୁତ କରୁଛି। ସେଥିରୁ ନାଦ ସୃଷ୍ଟି ହେବ। ସେହିଭଳି ସୁଖର ସ୍ୱାଦ ଓ ସନ୍ଧାନ ପାଇଁ ଦୁଃଖ ଏକ ପ୍ରସ୍ତୁତି ମାତ୍ର। ଦୁଃଖ ଓ ସୁଖ ହାତ ଧରାଧରି ହୋଇ ଚାଲିଛନ୍ତି। ସୁଖର ଅନନ୍ତ ଯାତ୍ରା ପଥରେ ଦୁଃଖ ଏକ ଆବଶ୍ୟକ ଉପାଦାନ। ସୁନାର ଉଜ୍ଜଳତା ପାଇଁ ତାକୁ ନିଆଁ ଭିତରେ ଜଳିବାକୁ ହୁଏ। ନଦୀକୁ ସମୁଦ୍ରରେ ଲୀନ ହେବାପାଇଁ ନିଜର ଠିକଣା ହଜେଇବାକୁ ପଡ଼େ।

ନୟନରେ ଯଦି ଅଶ୍ରୁ ଆସେ, ତେବେ ଅଧରରେ ବି ଖେଳିପାରେ ହସ। ଯିଏ କାନ୍ଦି ନାହିଁ ଯାହାର ଆଖିରେ ଅଶ୍ରୁ ତାର ଅଧରକୁ ସ୍ପର୍ଶ କରିନାହିଁ, ତାର ହସରେ କେବେ ସୁନ୍ଦରତା ଆସିବ ନାହିଁ। ଅଶ୍ରୁରେ ବି ଅଛି ଆନନ୍ଦ। ନିଜ ଆଖିରୁ ଅଶ୍ରୁ ଝରିଗଲା ପରେ, ଯେଉଁ ଅନୁଭବ ଆସେ, ତାର ଆନନ୍ଦ ଅନୁଭବୀ ହିଁ କେବଳ ଜାଣିପାରେ। ଅଶ୍ରୁସ୍ନାତ ଅଧରରେ ଫୁଟି ଉଠୁଥିବା ହାସ୍ୟରେଖାର ସୌନ୍ଦର୍ଯ୍ୟ କଳନା କରି ହେବନାହିଁ।

ଭୁଲିଯିବାକୁ ହେବ ସେଇ ତଥାକଥିତ ତ୍ୟାଗୀ, ତପସ୍ୱୀମାନଙ୍କର ଗୁରୁବାକ୍ୟ ଯେ ଜୀବନ କେବଳ ଦୁଃଖପୂର୍ଣ୍ଣ। ସବୁକିଛି ମିଥ୍ୟା, ମାୟା ଅଳୀକ। ଜୀବନକୁ ଦୁଃଖମୟ କହିବାର ଅର୍ଥ ବିଶ୍ୱ ସ୍ରଷ୍ଟାଙ୍କ ସୃଷ୍ଟିକୁ ଅସ୍ୱୀକାର କରିବା। ନା-ଦୁଃଖ କେବଳ ଦୁଃଖ ନୁହେଁ। ଦୁଃଖ ହେଉଛି ସୁଖର ପୃଷ୍ଠଭୂମି। ଏ ସମ୍ପର୍କରେ ଓଶୋ ଚମତ୍କାର ଉଦାହରଣ ଦେଇ କହିଛନ୍ତି, ରାତିରେ ହିଁ ତାରାମାନେ ଦେଖାଯାଆନ୍ତି। ଦିନରେ ବି ଆକାଶରେ ତାରାମାନେ ରହିଥାଆନ୍ତି, କୁଆଡ଼େ ପଳେଇ ଯାଇ ନଥାଆନ୍ତି। ମାତ୍ର ଆମକୁ ଦେଖାଯାଆନ୍ତି ନାହିଁ, କାରଣ ପୃଷ୍ଠଭୂମି ନଥାଏ। ଅନ୍ଧାରର ପୃଷ୍ଠଭୂମି ଲୋଡ଼ା, ତାରାମାନେ ଦୃଶ୍ୟମାନ ହେବାଲାଗି। ସେଥିପାଇଁ ରାତିର ଅନ୍ଧାର ଯେତେ ଗାଢ଼ ହୁଏ, ତାରାମାନେ ସେତେ ଉଜ୍ଜଳ ଦିଶନ୍ତି। ଧଳା ଚକ୍‌ଖଡ଼ିରେ ଲେଖିବା ପାଇଁ କଳାପଟାଟିଏ ଦରକାର। ଧଳା କାନ୍ଥରେ ଲେଖିହେବ ନାହିଁ। ତେଣୁ ସୁଖର ଅଭିସାର ପାଇଁ ଦୁଃଖର ଉପଚାରକୁ ଅସ୍ୱୀକାର କରିହେବ ନାହିଁ। କଥା ହେଲା ଦୁଃଖକୁ ସୁଖର ସେବାରେ ନିୟୋଜିତ କରିବାକୁ ହେବ। ଦୁଃଖ ହେଉଛି ଆମ ପାଇଁ ଜାଗରଣର ଏକ ମାଧ୍ୟମ। ଦୁଃଖ ଓ ଦୁଃସ୍ୱପ୍ନ ତତ୍‌କ୍ଷଣାତ୍ ଆମ ନିଦ ଭାଙ୍ଗିଦିଏ। ଆମକୁ ସଚେତନ କରିଦିଏ । (କ୍ରମଶଃ)

+ ପ୍ଲଟ ନଂ- ୧୯୯, କଂସାରୀଝର
ନିକଟ, ୟୁନିଟ-୬, ଭୁବନେଶ୍ୱର
(ମୋ) ୮୭୬୩୨୩୬୨୧୨




# ।। ଧ୍ୱଂସସ୍ତୁପର ମାଲିକ ।।



ମଦନ ମୋହନ ଗୁଗଲାନୀ
(ମୋହନ ରାକେଶ)
(୧୯୨୫-୧୯୭୨)

ପ୍ରଖ୍ୟାତ୍ ହିନ୍ଦୀ କଥାକାର ମୋହନ ରାକେଶଙ୍କ ଜନ୍ମ ଅମୃତସର ସହରରେ ୧୯୨୫ ମସିହାରେ । ତେବେ ଦେଶ ବିଭାଜନ ବେଳକୁ ତାଙ୍କୁ ପ୍ରାୟ ୨୨ ବର୍ଷ । କେତେ କ'ଣ ଘଟି ଯାଇଥିବ ତାଙ୍କ ଆଖି ସାମ୍ନାରେ ! ତାଙ୍କ ଗଳ୍ପ 'ମଲ୍‌ଓ୍ୱେ କା ମାଲିକ୍'ର ସ୍ଥାନ, କାଳ, ପାତ୍ର ତାଙ୍କରି ସହରକୁ କେନ୍ଦ୍ର କରି । ସ୍ମୃତି ଟାଣି ଆଣିଛି ଗନୀମିଆଁଙ୍କୁ ବାସ୍ତବତା ସହ ମୁହାଁମୁହିଁ ହେବାପାଇଁ । ବର୍ତ୍ତମାନ ଖୋଜୁଛି ଅତୀତ । ପାଠକର ହୃଦୟ ଖୋଜୁଛି 'ଚିରାଗ୍‌ଦୀନ୍' ଦର୍ଜୀକୁ । ବାରମ୍ବାର ଆଖି ଆଗରେ ଝଲସି ଯାଉଛି ସେଇ ଧ୍ୱଂସସ୍ତୁପ ଯାହା ଉପରେ ଅଧିକାର ଜମାଇ ବସିଛି ରକ୍‌ଖା ପହଲବାନ୍ । ଇଚ୍ଛାହେଉଛି ତାକୁ ଉଖାରି ଭିତରୁ ଅତୀତର ଉଜୁଡ଼ା ସଂସାରର କିଛି ସ୍ମୃତି ସାଉଁଟିବାକୁ ।

ଦେଶ ବିଭାଜନର ସାଢ଼େ ସାତବର୍ଷ ପରେ.... ମାନେ ପ୍ରାୟ ୧୯୫୪ ମସିହାର କଥା । ଭାରତ ଓ ପାକିସ୍ଥାନ ମଧ୍ୟରେ ଏକ ହକି ମେଚ୍ ଆୟୋଜିତ ହେଉଥାଏ । ବହୁଦିନ ପରେ ମୁସଲମାନୀ ଟୋପି ଓ ପଗଡ଼ି ଦିଶୁଥାଏ ଅମୃତସରରେ । ଲାହୋରରୁ ଅନେକ ଲୋକ ଏଇ ଖେଳଦେଖା ବାହାନାରେ ଆସିଥାନ୍ତି । ମୁଖ୍ୟ ଉଦ୍ଦେଶ୍ୟ ଥାଏ ଅତୀତରେ ଛାଡ଼ି ଚାଲିଯାଇଥିବା ସହରଟିକୁ ଆଖି ପୂରେଇ ଥରେ ଦେଖିବାର । ସେମାନେ ଦଳ ଦଳ ହୋଇ ସହର ଭିତରେ ବୁଲୁ ବୁଲୁ ପୁରୁଣା ଜିନିଷଗୁଡ଼ିକୁ ମନେ ପକାଇ ପରସ୍ପର ଭିତରେ କଥା ହେଉଥାନ୍ତି – "ମିଶ୍ରି ବାଜାରରେ ମିଶ୍ରି ଦୋକାନ କେତେ କମିଯାଇଛିନା ! ଏଇ କୋଣରେ ଏବେ ଯେଉଁ ପାନବାଲା ବସିଛି ସେଠି ପୂର୍ବେ 'ସୁଖୀ' ଭଟିୟାରିନ୍ ତା' ଭାଟି ଜଳାଇ ବସୁଥିଲା ନା ? ଏଇଟା ନମକ୍ ମଣ୍ଡି ! ଏଇ ଗଳିର ଝିଅମାନେ କେତେ ନମ୍‌କିନ୍ ! ଆରେ... ଜୟମଲ୍ ସିଂହ ଏତେ ଜମିର ମାଲିକ ବନିଗଲା କେମିତି... ? ହାୟ ! ଏପଟର ସବୁଘର କ'ଣ ଜଳିଗଲା !! ଏଠି ହକିମ୍ ଆସିଫ୍ ଅଲୀଙ୍କ ଦୋକାନ ଥିଲା, ଏବେ ତାହା ଗୋଟେ ମୋଚୀର କବ୍‌ଜାରେ । ଆରେ ଦେଖ.... ଏଇ ମସଜିଦ୍ ଯେମିତି ଥିଲା ସେମିତି ଠିଆ ହୋଇଛି ! ୟା'ହେଉ ଏମାନେ ୟା'କୁ ଗୁରୁଦ୍ୱାରା ବନେଇ ଦେଇ ନାହାନ୍ତି ।"

ସହରର ଲୋକେ ଉତ୍ସୁକତାପୂର୍ଣ୍ଣ ନଜରରେ ଏଇ ପାକିସ୍ଥାନୀ ଦଳକୁ ଦେଖୁଥାନ୍ତି । କେତେଲୋକ ଏବେ ବି ଶଙ୍କିତ ଅବସ୍ଥାରେ ବାଟଭାଙ୍ଗି ଚାଲିଯାଉଥିବା ବେଳେ ଆଉ ଥୋକେ ଏଇ ଦଳ ଭିତରେ ସେମାନଙ୍କ ପରିଚିତଙ୍କୁ ଦେଖି କୁଣ୍ଢେଇ ପକାଇ ଭଲମନ୍ଦ ପଚାରୁଥାନ୍ତି । ସେମାନଙ୍କର କିଛି ପ୍ରଶ୍ନ – "ଆଜିକାଲି ଲାହୋରର ଅବସ୍ଥା କେମିତି ? ଅନାରକଲୀ ବାଜାରରେ ପୂର୍ବଭଳି ଚମକ୍ ଅଛି ନା ନାହିଁ ? ଶାହ ଆଲମୀ ଗେଟ୍ ପାଖ ବଜାରଟି ପରା ନୂଆଁ ବନିଛି ? ଆଚ୍ଛା 'ରିଶ୍ୱତ୍‌ପୁରା' କ'ଣ ପ୍ରକୃତରେ ରିଶ୍ୱତ୍ (ଲାଞ୍ଚ) ପଇସାରେ ତିଆରି ହୋଇଛି ? ଶୁଣୁଛୁ ପାକିସ୍ତାନରେ ଆଉ ବୁର୍ଖା ବ୍ୟବହାର ହେଉନାହିଁ ବୋଲି, ଏହା କ'ଣ ସତ ?" ଏସବୁ ପ୍ରଶ୍ନ ଭିତରେ ଏତେ ଆତ୍ମୀୟତା ଝଲସୁଥାଏ ଯେମିତି ଲାହୋର ଏକ ସହର ପରିବର୍ତ୍ତେ ହଜାର ହଜାର ଲୋକଙ୍କର ନିକଟ ସମ୍ବନ୍ଧୀ । ଲାହୋରରୁ ଆସିଥିବା ଲୋକେ ସେଦିନ ସାରା ସହରର ଅତିଥି ଥିଲେ । ସେମାନଙ୍କୁ ଭେଟିବା ସହ କଥା ହୋଇ ଲୋକେ ଖୁବ୍ ଆନନ୍ଦ ଅନୁଭବ କରୁଥାନ୍ତି ।

ବିଭାଜନ ପୂର୍ବରୁ 'ବାଁସ୍ ବାଜାର' ମୁଖ୍ୟତଃ ଗରିବ ମୁସଲମାନଙ୍କର ବସ୍ତିଥିଲା । କାଠ ଓ ବାଉଁଶର ଦୋକାନ କରିଥିଲେ ସେମାନେ । ଏଠିକା ଅଗ୍ନିକାଣ୍ଡ ସବୁଠୁ ଭୟାବହ । ଏତେ ଭୀଷଣ ଯେ ସେଥିରେ ସମଗ୍ର ସହର ଜଳି ପାଉଁଶ ହୋଇଯାଇଥାନ୍ତା । ନିୟନ୍ତ୍ରଣ କରୁ କରୁ ଆଖ ପାଖର କିଛି ବଜାର ଜଳିଯାଇଥିଲା । ବହୁ ହିନ୍ଦୁଙ୍କ ଘର ମଧ୍ୟ ସ୍ୱାହା ହୋଇଗଲା ସେଇ ନିଆଁରେ । ଏତେବର୍ଷ ପରେ ବି ଏଠି ସେଠି ଦେଖିବାକୁ ମିଳୁଥାଏ ଇଟା, ମାଟି ଓ ଅଙ୍ଗାରର ଗଦା । ସେଇ ତ ଅତୀତରେ ସଂଘଟିତ ବିଭୀଷିକାର ମୁକସାକ୍ଷୀ । ବାଁସ୍ ବାଜାରରେ ସେଦିନ ସେତେଟା ଗହଳ ଚହଳ ନଥାଏ । କାରଣ ଘର ଜାଳିବା ସହ ସେଠିକା ମୁସଲମାନମାନଙ୍କୁ ପ୍ରାୟତଃ ହତ୍ୟା କରା ହୋଇଥିଲା । ଆଉ ଯେଉଁମାନେ ବଞ୍ଚିଥିଲେ, ସେମାନେ ହରାଇ ବସିଥିଲେ ସେ ଅଞ୍ଚଳ ଭିତରକୁ ପଶିବାର ସାହସ । ଜଣେ ବୃଦ୍ଧ ମୁସଲମାନ୍ କିନ୍ତୁ ସେଇ ବଜାର ଭିତରକୁ ପଶେ । ବହୁତ କିଛି ବଦଳି ଯାଇଥିବାରୁ ସେ ଦ୍ୱନ୍ଦରେ ପଡ଼େ । ବାଁ ହାତି ଯାଉଥିବା ଗଳି ମୁଣ୍ଡରେ ପହଞ୍ଚି ସେ ଦଣ୍ଡେ ଠିଆ ହୁଏ । ତା' ମନରେ ପ୍ରଶ୍ନ, ଏଇଟା ସେଇ ଗଳି ତ ? କିଛିପିଲା ଖପରା ଖେଳରେ ମାତିଥିବା ବେଳେ ଦୁଇଜଣ ସ୍ତ୍ରୀଲୋକ ଉଚ୍ଚସ୍ୱରରେ ଗାଳି ଲାଗୁଥାନ୍ତି । "ସବୁକିଛି ବଦଳି ଯାଇଛି ହେଲେ ଗାଳି ବଦଳିନି !" ବୁଢ଼ା ଗୁଣୁଗୁଣେଇ ନିଜେ ନିଜକୁ କହେ । ବାଡ଼ି ଧରି ଠିଆହୋଇଥିବା ବୁଢ଼ାଟିର ପାଇଜାମା ଆଣ୍ଠୁ ପାଖରେ ଫାଟି ଯାଇଥିବା ବେଳେ ସେରଓ୍ୱାନୀରେ ଗୁଡ଼ାଏ ଜାଗାରେ ପଡ଼ିଥାଏ ଥବ୍‌ଲା । ଗଳି ଭିତରୁ କାନ୍ଦି କାନ୍ଦି ଗୋଟେ ଛୁଆ ବାହାରେ । ବୁଢ଼ା ତାକୁ ଚୁପ୍ କରେଇବା ଉଦ୍ଦେଶ୍ୟରେ ପାଖକୁ ଡାକି କିଛି ଜିନିଷ ଦେବା ପାଇଁ ପକେଟ ଅଣ୍ଡାଳେ । ଏତିକିବେଳେ ୧୬ / ୧୭ ବର୍ଷର ଝିଅଟିଏ ଧାଇଁଆସି ଛୁଆଟିକୁ ଭିଡ଼ି ନେଉଥିବା ବେଳେ କହେ, "ଚୁପ୍ ହୋଯା ବୀରା । ତୁ କାନ୍ଦିବୁ ତ ମୋତେ ଏଇ ମୁସଲମାନ୍ ବାନ୍ଧିକି ନେଇଯିବ ।" ଅଣ୍ଡାଳି କାଢୁଥିବା ପଇସାଟି ଖସିପଡ଼େ ପକେଟ୍ ଭିତରକୁ । କୁଆଡ଼େ ହଜିଗଲା ପୂର୍ବର ସେ ଭାଇଚାରା ! ବୁଢ଼ାଟିର ଗଳା ଶୁଖି ଆସିଲା ବେଳେ ଗୋଡ଼ ଥରିବା ଆରମ୍ଭ କରିଦିଏ । ରାସ୍ତା କଡ଼ରେ ଥିବା ଦୋକାନ ସାମ୍ନା କାଠ ପଟାରେ ସେ ଟିକିଏ ବସିପଡ଼ି ଥକ୍କା ମାରିବା ବେଳେ ପାଟିରୁ ସ୍ୱତଃ ବାହାରିପଡ଼େ – ୟା ମାଲିକ୍ !!!

ଯୁବକଟିଏ ଚାବି ପେନ୍ଥା ଆଙ୍ଗୁଳିରେ ଘୂରାଉ ଘୂରାଉ ପାଖକୁ ଆସି ପଚାରେ, "କହିୟେ ମିଆଁଜୀ, ଏଇଠି କାହିଁକି ଠିଆ ହୋଇଛନ୍ତି ।" "ବେଟା, ତୋ ନାଁ ମନୋରୀ ନୁହେଁ ତ ?" ବୁଢ଼ାର ପାଲଟା ପ୍ରଶ୍ନରେ ଯୁବକ ଆଶ୍ଚର୍ଯ୍ୟ । ବୁଢ଼ା ହସିବାକୁ ଚେଷ୍ଟା କରୁ କରୁ କହେ, "ସାଢ଼େ ସାତବର୍ଷ ପୂର୍ବେ ତୁ ଏଡ଼ିକିଟେ ଥିଲୁ । ଆମେ ଏଇ ଗଳିର ବାସିନ୍ଦା । ମୋ ପୁଅ 'ଚିରାଗଦୀନ୍' ତୁମମାନଙ୍କ ଦର୍ଜୀ ଥିଲା । ତକ୍‌ସୀମ୍ (ବିଭାଜନ)ର ଛ'ମାସ ପୂର୍ବରୁ ଆମେ ଏଠି ଆମର ଗୋଟେ ନୂଆଁ ଘର ବନେଇଥିଲୁ । ଚିରାଗ୍ ଓ ତା' ପରିବାର ତ ମିଳିବେନି, ଘରଟାକୁ ହେଲେ ଟିକିଏ ଆଖି ପୂରେଇ ଦେଖିବି ଭାବି ଚାଲି ଆସିଛି ।"

ବୁଢ଼ାର କଥାଶୁଣି ଅତୀତ ଜୀବନ୍ତ ହୋଇଯାଏ ମନୋରୀର ଆଖି ଆଗରେ । ସେ ଚିହ୍ନିପାରେ ଚିରାଗଦୀନ୍‌ର ବାପ ଗନୀ ମିଆଁଙ୍କୁ । ତା' ନୂଆଁ ପାଇଜାମା ଓ କାମିଜ୍ ତିଆରି କରିବାକୁ କେତେଥର ସେ ବାପାଙ୍କ ସହ ଯାଇଛି ଚିରାଗ୍ ଚାଚା ଘରକୁ । ବାଡ଼ିର ପିଜୁଳି ତୋଳି କେତେ ସରାଗରେ ତା' ହାତକୁ ବଢ଼ାଇ ଦେଇଛନ୍ତି ଏଇ ଗନୀ ମିଆଁ । ହେତୁ ହେଲା ଦିନଠୁଁ ଏମାନଙ୍କ ସହ ତା'ର ଖୁବ୍ ଆତ୍ମୀୟ ସମ୍ପର୍କ । ହେଲେ ଏଇ କିଛି ବର୍ଷ ଭିତରେ କେତେ ବୁଢ଼ା ହୋଇଯାଇଛନ୍ତି ଇୟେ ! ଦାଢ଼ି ବାଳ ସବୁ ପାଚି ଝୋଟ ହୋଇଯାଇଥିବା ବେଳେ ଦାନ୍ତ ଗୋଟେ ବି ନାହିଁ ପାଟିରେ । ଦୁଇ ଗାଲରେ ଦୁଇପୋଷ ଚାଉଳ ଧରିବା ଭଳି ଗାତ ! ହେ ଭଗବାନ !

ମନୋରୀ, ଗନୀମିଆଁର ହାତ ଧରି ତା' ଘର ଦେଖେଇବାକୁ ଗଳି ଭିତରକୁ ନେଇଯାଉଥିବା ବେଳେ ରାମଦାସୀର ପୁଅକୁ ମୁସଲମାନ ଉଠାଇ ନେଉଥିଲା ବୋଲି ଖବର ପ୍ରଚାର ହୋଇ ସାରିଥାଏ । କେହି କେହି ଝରକା ଦେଇ ଉଣ୍ଡି ଚିହ୍ନି ପାରିଥାନ୍ତି ମହମ୍ମଦ ଗନୀକୁ । ଭଙ୍ଗା ଇଟା ଓ ମାଟିର ଧ୍ୱଂସସ୍ତୁପଟିଏ ଦେଖାଇ ଦିଏ ମନୋରୀ । ସମଗ୍ର ପରିବାରର ହତ୍ୟାକୁ ବହୁଦିନ ହେଲା ଗ୍ରହଣ କରିନେଇଥିଲେ ସୁଦ୍ଧା ଘରଟିର ଏଭଳି ସ୍ଥିତି ଦେଖି ଗୋଟାପଣେ ଭାଙ୍ଗିପଡ଼େ ଗନୀ । ମାଟି ଗଦାର ଏଠି ସେଠି ପୋଡ଼ା ଇଟା ଖଣ୍ଡେ ଖଣ୍ଡେ ଦେଖା ଯାଉଥାଏ । କାଠ ଓ ଲୁହା ଜିନିଷସବୁ କେବେଠୁ କାଢ଼ି ଲୋକେ ନେଇ ସାରିଥାନ୍ତି । ଦରପୋଡ଼ା ଦ୍ୱାରବନ୍ଧଟା ଯାହା ବଞ୍ଚିଯାଇଥାଏ । ବୋଧହୁଏ ଗନୀକୁ ଦେଖିବା ତଥା ତା'ର ଆପବିତି କହିବା ପାଇଁ ମୁଣ୍ଡ ଟେକି ଠିଆ ହୋଇଥାଏ ସିଏ । "ଏଇଟା ରହିଯାଇଛି .... ଏଇଟା..." କହି ଗନୀ ସେଇ ଦ୍ୱାରବନ୍ଧଟାକୁ କୁଣ୍ଢେଇ କାନ୍ଦି ପକାଏ । ଝରକା ବାଟେ ଉଣ୍ଡୁଥିବା ଲୋକଙ୍କ ସଂଖ୍ୟା ବୃଦ୍ଧି ପାଉଥାଏ କ୍ରମଶଃ । ସେମାନେ ପରସ୍ପର ଭିତରେ କଥା ହେଉଥାନ୍ତି – ଆଜି କିଛି ନା କିଛି ନିଶ୍ଚିତ ହେବ । ଚିରାଗର ବାପ ଗନୀ ଆସିଛି ପାକିସ୍ଥାନରୁ । ଅତୀତର ସବୁ ଘଟଣା ଆଜି ଖୋଲିବ । ସେମାନଙ୍କୁ ଲାଗୁଥାଏ ଯେମିତି ଏଇ ଧ୍ୱଂସ ସ୍ତୁପହିଁ ସବୁକଥା ଶୁଣେଇ ଦେବ ବୁଢ଼ାକୁ । ସନ୍ଧ୍ୟା ସମୟରେ ଚିରାଗ୍ ଉପର ମହଲାରେ ବସି ଖାଉଥିବା ବେଳେ ରକ୍‌ଖା ତାକୁ କିଛି ଜରୁରୀ କଥା ଅଛି ବୋଲି ତଳକୁ ଡାକେ । ରକ୍‌ଖା ପହଲବାନ୍ ସେତେବେଳେ ସେଇ ଗଳିର ରାଜା । ସମସ୍ତେ ତାକୁ ବାଘ ଭଳି ଡରୁଥାନ୍ତି । ପାଟିକୁ ନେଉଥିବା ଗୁଣ୍ଡା ଥାଳିରେ ରଖିଦେଇ ଚିରାଗ୍ ତଳକୁ ଓହ୍ଲେଇ ଆସେ । ବିବି ଜୁବେଦା, ଝିଅ କିଶ୍ୱର ଓ ସୁଲ୍‌ତାନା ଝରକା ବାଟେ ଚାହିଁ ରହିଥାନ୍ତି ତଳକୁ । ଦ୍ୱାରବନ୍ଧ ନ ଡେଉଁଣୁ ରକ୍‌ଖା କଲର ଧରି ଘୋଷାଡ଼ି ନେଇ ଗଳି ଉପରେ କଚିଦେଇ ତା' ଛାତି ଉପରେ ଚଢ଼ିଯାଏ । ଛୁରୀ ଧରିଥିବା ଡାହାଣ ହାତକୁ ଚିରାଗ୍ ଧରି ପକାଇ ବଡ଼ ବିକଳ ଭାବେ ନେହୁରା ହୁଏ ଛାଡ଼ିଦେବାକୁ । ସହାୟତା ପାଇଁ କେତେବେଳେ ସ୍ତ୍ରୀକୁ ତ କେତେବେଳେ ପାଖ ପଡ଼ୋଶୀଙ୍କୁ ଡାକୁଥାଏ ଗଳା ଫଟାଇ । ବାଘ ଭଳି ମାଡ଼ିବସି ରକ୍‌ଖା କୁହେ, "ଚିଲ୍ଲାଉଛୁ କାହିଁକି ବେ ବୈନ୍.... । ତୋତେ ପାକିସ୍ତାନ୍ ଦେଉଛି, ନେ ।" ଜୁବେଦା ଓ ତା' ଦୁଇଝିଅ ଧାଇଁ ଧାଇଁ ତଳକୁ ଆସିବା ପୂର୍ବରୁ ହିଁ ରକ୍‌ଖା, ଚିରାଗକୁ ପାକିସ୍ଥାନ ଦେଇଦିଏ । ରାସ୍ତା ଉପରେ କେତେଧାର ତାଜା ରକ୍ତ ବୋହିଗଲା ବେଳେ ପାଖ ପଡ଼ୋଶୀଙ୍କ ଝରକା ବନ୍ଦ ହୋଇଯିବା ସହ ସେମାନେ ଏଇ ଘଟଣାର ଉତ୍ତର-ଦାୟିତ୍ୱରୁ ମୁକ୍ତି ପାଇଯାଆନ୍ତି । ବନ୍ଦ କବାଟ ମଧ୍ୟ ଦେଇ ରହି ରହି ତାଙ୍କୁ ଶୁଭୁଥାଏ ଜୁବେଦା ଓ ତା' ଦୁଇଝିଅଙ୍କ ଗଳାଫଟା କରୁଣ ଚିତ୍କାର । ରକ୍‌ଖା ଓ ତା' ସାଥୀମାନେ ସେମାନଙ୍କୁ ମଧ୍ୟ ପାକିସ୍ଥାନ ଦେଇ ସେଦିନ ରାତିରେ ବିଦା କରି ଦିଅନ୍ତି । କିନ୍ତୁ ଟିକିଏ ଭିନ୍ନ ବାଗରେ । ତିନି ମା'ଝିଅଙ୍କ ନଗ୍ନ ଲାସ୍ କେନାଲ ପାଣିରେ ଭାସୁଥିବାର ଲୋକେ ଦେଖିବାକୁ ପାଆନ୍ତି ତା' ପରଦିନ ସକାଳୁ । ସବୁ ଦାମୀ ଜିନିଷ ଲୁଟିନେବା ପରେ କେହି ଜଣେ ସେଇ ଘରେ ନିଆଁ ଲଗାଇ ଦିଏ । ରକ୍‌ଖାର ସେଇ ଅଜଣା ଲୋକଟି ଉପରେ ଭାରି ରାଗ । କେବଳ ଘରଟିକୁ ଅକ୍ତିଆର କରିବାର ଲୋଭ ଯୋଗୁଁ ସେ ଏଇ ହତ୍ୟାକାଣ୍ଡ କରିଥିଲା ପରା । ଏତେବର୍ଷ ହେଲା ରକ୍‌ଖା ସେଇ ଧ୍ୱଂସ ସ୍ତୁପ ଉପରେ ନିଜର ଅଧିକାର ଜାହିର କରି ଆସିଛି । କାହାକୁ ସେଠି ଗାଈ ବଳଦ ବାନ୍ଧିବା ପାଇଁ ଖୁଣ୍ଟିଟିଏ ପୋତିବାକୁ ବି ଦେଉନି । ମନେ ମନେ ମାଲିକ ବନିଛି ଧ୍ୱଂସ ସ୍ତୁପର । ଆଜି ଆସିଛି ଗନୀ । ମନୋରୀ ତାକୁ ନିଶ୍ଚିତ କହିଥିବ ସବୁକଥା । ଏବେ ସେ ଜାଗା ଉପରେ ଗନୀର ବି ଅଧିକାର ନାହିଁ । ତାହାତ ସରକାରଙ୍କର ହେବ । ଦେଖାଯାଉ କ'ଣ ହେଉଛି ସବୁ ଆଗକୁ । ଲୋକେ ଜାଣିବାକୁ ଉତ୍ସୁକ ଥାଆନ୍ତି ।

ଏପଟେ ଗନୀମିଆଁ ଆସିବାର ଖବର ପାଇ ରକ୍‌ଖା ଖୁବ୍ ଅସ୍ଥିର ହୋଇ ଉଠୁଛି । ଦମ୍ ପରେ ଦମ୍ ଶୋଷି ଚାଲିଛି ଚିଲମ । ତଥାପି ପାଟିଓଠ ଅଠା ଅଠା । ଗୋଡ଼ହାତ ବସି ଯାଉଛି । ମୁଣ୍ଡ ଉପରେ ଯେମିତି ଏକ ଓଜନିଆଁ ବୋଝ । ମେରୁଦଣ୍ଡ ସଳଖିବା ପାଇଁ ତାକୁ ସାହାରାର ଆବଶ୍ୟକତା ଅନୁଭୂତ ହେଉଛି । ସିଏ ଗୋଡ଼ ଲମ୍ବେଇ ବସିରହିଛି ପିପ୍ପଳ ଗଛତଳେ ଥିବା କୁଅର ଚାନ୍ଦିନୀ ଉପରେ । ଏଣେ ମନୋରୀ, ଗନୀର ହାତଧରି ତାକୁ ଆସ୍ତେ ଆସ୍ତେ ଆଣୁଛି । ବୋଧହୁଏ ସେ ଚାହୁଁଛି ଯେମିତି ଗନୀର ଆଖି ରକ୍‌ଖା ଉପରେ ନପଡୁ । କିନ୍ତୁ ମାନସିକରୂପେ ଅସ୍ଥିର ରକ୍‌ଖା ଏମିତି ବସିଥିଲା ଯେ ମୂଳରୁ ହିଁ ଗନୀର ନଜର ତା' ଉପରେ ପଡ଼ିସାରିଥାଏ । କୁଅ ପାଖରେ ପହଞ୍ଚିବାରୁ ଗନୀ ଦୁଇହାତ ତା' ଆଡ଼କୁ ବଢ଼ାଇଦେଇ କୁହେ, "ରକ୍‌ଖା, ମୋତେ ଚିହ୍ନି ପାରିଲୁନି ? ମୁଁ, ଗନୀ... ଅବଦୁଲ୍ ଗନୀ, ଚିରାଗ୍‌ର ବାପା !" ରକ୍‌ଖା ସାମ୍ନାରେ ଠିଆହୋଇଥିବା ବୁଢ଼ା ଲୋକଟିକୁ ଉପରୁ ତଳକୁ ଦେଖିଯାଏ । ଗନୀ ଆଖିରେ ତାକୁ ଦେଖି ଚମକ୍ ଖେଳୁଥାଏ । ପୁଣିଥରେ ଗନୀ ତା' ଆଡ଼କୁ ଦୁଇହାତ ବଢ଼ାଏ । ହେଲେ କୌଣସି ପ୍ରତିକ୍ରିୟା ନଦେଖି ସେ ଚୁପ୍‌ଚାପ୍ ଭାରିମନରେ ସେଇ କୁଅ ଚାନ୍ଦିନୀ ଉପରେ ବସିପଡ଼ି କହେ – "ଦେଖ୍ ତ, କ'ଣ ଛାଡ଼ିକରି ଯାଇଥିଲି ଆଉ ଆଜି ଆସି କ'ଣ ଦେଖୁଛି । କେବଳ ମାଟି ମୁଣ୍ଡିଆଟିଏ ଯାହା ରହିଯାଇଛି ସ୍ମୃତି ସନ୍ତକ ହୋଇ ! ସତ କହିବାକୁ ଗଲେ ଏଇ ମାଟି ବି ଛାଡ଼ି ଯିବାକୁ ମୋର ଇଚ୍ଛା ନାହିଁ ।" ରକ୍‌ଖା ପୁଣି ଚିଲମ୍‌ରେ ଓଠ ଲଗାଇ ଧୂଆଁ ଶୋଷିଲା ବେଳେ ଗନୀ କହି ଚାଲିଥାଏ – "ଆଚ୍ଛା ରକ୍‌ଖା, ଏସବୁ କେମିତି ହେଲାରେ... ? ତୁମେମାନେ ସମସ୍ତେ ତ ତା' ପାଖରେ ଥିଲ । ସଭିଙ୍କ ଭିତରେ ଥିଲା ଭାଇଭାଇ ଭଳି ସ୍ନେହ ଶରଧା । ସେ ଚାହିଁଥିଲେ କ'ଣ ତୁମମାନଙ୍କ ଘରେ ଆଶ୍ରା ନେଇ ପାରି ନଥାନ୍ତା ? ଛୁଆଟାର ଏତିକି ବି ବୁଦ୍ଧି ହେଲାନି ! ତାକୁ କେତେ ବୁଝାଇଥିଲି ମୋ ସହ ଚାଲିଯିବା ପାଇଁ । ସେ କିନ୍ତୁ ନୂଆ ଘର ଛାଡ଼ି ଯିବାକୁ ରାଜି ହେଲାନି । ତା'ର ତୋ ଉପରେ ବଡ଼ ଭରସା । ସବୁବେଳେ କହେ, ରକ୍‌ଖା ଭୈୟା ଥିଲେ ମୋର କିଏ କ'ଣ ବିଗାଡ଼ିବାକୁ ସାହସ କରିବ ଯେ । କିନ୍ତୁ ଯେତେବେଳେ ବିପଦ ଆସିଲା, ତାକୁ ରକ୍‌ଖା ବି ରକ୍ଷା କରି ପାରିଲାନି ! ମନ ଊଣା କରନି ରକ୍‌ଖିଆ । ଯାହା ହେବାର ଥିଲା ତ ହୋଇଗଲା । ତାକୁ କିଏ କ'ଣ ଫେରେଇ ଆଣି ପାରିବ । ଖୁଦା ନେକ୍ କୀ ନେକୀ ରଖେ ଔର ବଦ୍ କୀ ବଦୀ ମାଫ୍ କରେ । ମୋ ଲାଗି ଚିରାଗ୍ ନହେଲେ ନାହିଁ ତୁମେମାନେ ତ ଅଛ । ଏଇ ବୁଢ଼ା ବୟସରେ ଆସି ତୁମମାନଙ୍କୁ ଦେଖିଗଲି ସେତିକି ଢେର । ଆଲ୍ଲା ତୁମମାନଙ୍କୁ ସୁସ୍ଥ ରଖିଥାନ୍ତୁ । ହଉ, ଯାଉଛି ରକ୍‌ଖା । ମନେ ରଖିଥିବୁ ଏଇ ଗନୀମିଆଁକୁ ।"

ସ୍ୱୀକୃତିର ହାଲ୍‌କା ସ୍ୱର ବାହାରେ ରକ୍‌ଖା ତୁଣ୍ଡରୁ । ଗାମୁଛା ଧରିଥିବା ଅବସ୍ଥାରେ ହାତ ଦୁଇଟି ଯୋଡ଼ି ହୋଇଯାଏ ମଧ୍ୟ । ଭକ୍ଷକ ଠାରୁ ରକ୍ଷକର ଅପେକ୍ଷା !!! କଥାକାରଙ୍କ ସବୁଠାରୁ ଗଭୀର ଚୋଟ, ପାଠକର ହୃଦୟକୁ ଲକ୍ଷ୍ୟକରି । ଗନୀମିଆଁ ଆସ୍ତେ ଆସ୍ତେ ଗଳି ବାହାରକୁ ଚାଲି ଯାଉଥିବା ବେଳେ ପାଠକ ଆଖିରେ ଲୁହର ବନ୍ୟା । ଭାରତ ତଥା ପାକିସ୍ଥାନ ସବୁଠି ତାକୁ ଦୃଶ୍ୟମାନ ହେଉଛି ଏଇମିତି ଅସଂଖ୍ୟ ଧ୍ୱଂସସ୍ତୁପ । ସବୁକିଛି ଉଜାଡ଼ି ଦେଇ କ'ଣ ମିଳୁଛି କେଜାଣି ଏଇ ରକ୍‌ଖା ପହଲବାନ୍‌ମାନଙ୍କୁ ? (ସମାପ୍ତ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com

## ଆଉଜା କବାଟ (୪୬)



# ଭାଷାର ଅସ୍ମିତା : ଆମ ପରିଚୟ(୧)

ଡ. ରାଧାରଂଜନ ପଟ୍ଟନାୟକ

ମଣିଷ ନିଜ ବିଚାରର ଅଭିବ୍ୟକ୍ତି କୌଣସି ନା କୌଣସି ଭାଷା ମାଧ୍ୟମରେ ହିଁ ବ୍ୟକ୍ତ କରିଥାଏ। ଭାଷାର ଅଭାବରେ କୌଣସି ରାଷ୍ଟ୍ରର ପ୍ରଗତି ତଥା ସାଂସ୍କୃତିକ ଉ ।ନର କଳ୍ପନା କରାଯାଇନପାରେ। ସାହିତ୍ୟ, ସଂଗୀତ, କଳା, ବିଜ୍ଞାନ ଓ ଇତିହାସର ମୂଳ ଆଧାର ହିଁ ଭାଷା। ଭାଷା କେବଳ ବୋଧଶକ୍ତିର ପରିଚୟ ନୁହେଁ: ବରଂ ସାମାଜିକ, ନୈତିକ, ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ମୂଲ୍ୟବୋଧର ଆତ୍ମିକ ସ୍ପନ୍ଦନ।

ଲର୍ଡ ମେକେଲ ଭାଷାର ମହତ୍ୱ ସମ୍ପର୍କରେ ଖୁବ୍ ଭଲ ଭାବରେ ହୃଦୟଙ୍ଗମ କରିଥିଲେ। ୨ ଫେବୃୟାରୀ ୧୮୩୫ ମସିହାରେ ବ୍ରିଟିଶ୍ ସଂସଦରେ ପ୍ରଦତ୍ତ ଭାଷାଭିତ୍ତିକ ବିଶ୍ଳେଷଣ ସମ୍ପର୍କରେ ନିଜର ମତ ରଖିଥିଲେ କହିଥିଲେ, ' ମୁଁ ଭାରତର ପ୍ରତିଟିସ୍ଥାନ ଭ୍ରମଣ କରିଛି। ଏହି ଦେଶରେ ମୁଁ ଏମିତି ସମୃଦ୍ଧି ଓ ପ୍ରତିଭା ଦେଖିଛି, ଯାହାକି ବିଶ୍ୱରେ ବିରଳ। ଏପରିକି, ଏଇ ଦେଶରେ ଗୋଟିଏ ବି ତସ୍କରି ବୃତ୍ତି କରୁଥିବା ବ୍ୟକ୍ତି ବିଶେଷଙ୍କୁ ଦେଖି ପାରିଲି ନାହିଁ। ସୁତରାଂ, ମୁଁ ବୁଝିପାରୁନାହିଁ ଯେ, ଏପରିକି ଦେଶକୁ ଦୀର୍ଘ ଦିନ ଧରି ଆମ ହାତମୁଠାରେ ରଖି ହେବ। ଯେତେଦିନ ପର୍ଯ୍ୟନ୍ତ ଏହାର ସଂସ୍କୃତି ଏବଂ ନୈତିକ ମେରୁଦଣ୍ଡକୁ ଭାଙ୍ଗି ଦିଆନଯାଇଛି, ସେତେ ଦିନ ପର୍ଯ୍ୟନ୍ତ ଏହା ଉପରେ ଆମ ଶାସନ ଦୀର୍ଘସ୍ଥାୟୀ ହେବ ନାହିଁ।' ସମ୍ଭବତଃ ସେ ଏଥିପାଇଁ ବ୍ରିଟିଶ ସଂସଦରେ ନିଜସ୍ୱ ପ୍ରସ୍ତାବ ରଖି କହିଥିଲେ ସର୍ବ ପ୍ରଥମେ ଭାରତର ପ୍ରାଚୀନ ଶିକ୍ଷା ପଦ୍ଧତି ଓ ସଂସ୍କୃତିକୁ ବଦଳାଇବା ଦରକାର। ନ ହେଲେ ଆମେ ଭାରତକୁ ହାତ ଛଡ଼ା କରିଦେବା। ଲର୍ଡ ମେକେଲଙ୍କ ଶିକ୍ଷା ନୀତି ଭାରତୀୟମାନଙ୍କୁ ସେମାନଙ୍କର ଭାଷାଠାରୁ ଭିନ୍ନ କରି ଚିର ଦିନ ପାଇଁ ପଙ୍ଗୁ କରିଦେବାର ପ୍ରଚ୍ଛିନ୍ନ ପ୍ରୟାସ ଥିଲା। ଫଳରେ ଏମତି ହେଲା ଯେ, ଭାରତ ବର୍ଷରୁ ଇଂରେଜମାନେ ଛାଡ଼ିବାର ଅନେକ ଦଶନ୍ଧି ହୋଇ ଯାଇଥିଲେ ମଧ୍ୟ ଆମେ ଏବେ ବି ଇଂରାଜୀ ଭାଷା ନିକଟରେ ବନ୍ଧା ପଡିଛୁ। ଇଂରାଜୀ ଶବ୍ଦପୁଞ୍ଜ ସତେ ଯେମିତି ଆମ ଉପରେ ସବାର ହୋଇଯାଇଛି। ଏଥିରୁ ମୁକୁଳିବା ପାଇଁ ନା କେହି ବାଟ ଖୋଜୁଛନ୍ତି, ନା କେହି ଉଚିତ୍ ମାର୍ଗ ଦେଖାଉଛନ୍ତି। ବିଡମ୍ବନାର ବିଷୟ ସାଧାରଣ ବର୍ଗଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଫିସର ଏବଂ ରାଜନେତା ଯାଏଁ ପ୍ରତ୍ୟେକ ଇଂରାଜୀ ଭାଷା ଓ ସଂସ୍କୃତିର ଜାପାମାଳି କରୁଛନ୍ତି। ନିଜ ଭାଷା ଏବଂ ସଂସ୍କୃତି ପ୍ରତି ଉଦାରତାର ଅଭାବ ଦୃଷ୍ଟିଗୋଚର ହେଉଛି।

ଇଂରେଜ ମାନେ ଭାରତ ମାଟିରୁ ବିଦାୟନେବା ପରେ ଗଣତନ୍ତ୍ରର ପ୍ରତିଷ୍ଠା ହେଲା ସତ ; ହେଲେ ଭାରତୀୟ ଭାଷା ପ୍ରତି ସେପରି କୌଣସି ଆନ୍ତରିକତାର ଭାବ ପ୍ରତିଷ୍ଠା କରାଯାଇପାରିଲା ନାହିଁ। ମାତ୍ର ଏକ୍ଷେତ୍ରରେ ସୋଭିଏତ୍ ଋଷ ଆମ୍ଭମାନଙ୍କୁ ଆମ ମାତୃଭାଷା ସମ୍ପର୍କରେ ବୁଝାଇବାକୁ ଭରପୂର ପ୍ରୟାସ କରିଥିଲେ। ଗୋଟିଏ ବିଦେଶୀ ରାଷ୍ଟ୍ର ଭାରତ ଭଳି ଦେଶକୁ ମାତୃଭାଷା ସମ୍ପର୍କରେ ଅବଗତ କରାଇବା ନିଶ୍ଚିତ ଭାବରେ ଭାଷାପ୍ରତି ଏକ ନିବିଡ଼ତାର ପ୍ରକାଶ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହାରେ ଉଲ୍ଲେଖ କରାଯାଇପାରେ, ଅନ୍ତଃରାଷ୍ଟ୍ରୀୟ ସମ୍ପର୍କକୁ ଦୃଢ଼ କରିବା ଉଦ୍ଦେଶ୍ୟରେ ଜଣେ ଭାରତୀୟ ରାଜନାୟିକ ସୋଭିଏତ୍ ଋଷକୁ ଭାରତ ପକ୍ଷରୁ ରାଜଦୂତ ଭାବେ ନିଯୁକ୍ତି କରି ପଠାଯାଇଥିଲା। ସେହି ସମ୍ମାନନୀୟ ବ୍ୟକ୍ତି ଜଣଙ୍କ ନେଇଥିବା ନିଯୁକ୍ତି ପତ୍ରଟି ଇଂରାଜୀ ଭାଷାରେ ଲେଖାଯାଇଥିବାରୁ ଋଷ ସରକାର ସେ ପତ୍ରକୁ ସ୍ୱୀକାର କରିବା ପାଇଁ ରୋକ୍‌ଠୋକ ମନା କରିଦେଇଥିଲେ। କେବଳ ସେତିକି ନୁହେଁ, ଇଂରାଜୀରେ ଲିଖିତ ପତ୍ର ଗୁଲାମିର ପ୍ରତୀକ ହୋଇଥିବାରୁ କୌଣସି ଗୁଲାମୀ ଦେଶ ସହ ସମ୍ପର୍କ ସ୍ଥାପନ କରିବା ଉଚିତ୍ ନୁହେଁ ବୋଲି ଘୋଷଣା କରିଥିଲେ। ଏହା ଥିଲା ଋଷ ସରକାରଙ୍କର ନୂଆ କରି ସ୍ୱାଧୀନତା ଚାଖିଥିବା ଭାରତ ସରକାରଙ୍କ ପ୍ରତି କଡ଼ା ଆଭିମୁଖ୍ୟ। ତତ୍କାଳୀନ ସମୟରେ ଭାଷାକୁ କେନ୍ଦ୍ର କରି ସୋଭିଏତ୍ ଋଷର ଆଭିମୁଖ୍ୟ ଆମର ଉଦାସୀନତା ଉପରେ କଡା ପ୍ରହାର ବ୍ୟତୀତ ଅନ୍ୟକିଛି ନୁହେଁ।

ଭାଷା ପ୍ରତି ଗଭୀର ଅନୁରାଗ ଫ୍ରାନ୍ସର ଏକ ଘଟଣାକ୍ରମରୁ ସ୍ପଷ୍ଟ ହୋଇଥାଏ। ପ୍ରଥମ ବିଶ୍ୱଯୁଦ୍ଧ ପରେ ଫ୍ରାନ୍ସର କିଛି ଭୂଭାଗ ଜର୍ମାନୀ ଅଧୀନକୁ ଚାଲିଗଲା। ଜର୍ମାନର ମହାରାଣୀ ସେହି ସ୍ଥାନରେ ସ୍ଥାପିତ ହୋଇଥିବା ଏକ ବିଦ୍ୟାଳୟକୁ ପରିଦର୍ଶନରେ ଯାଇଥିଲେ। ସେଠାରେ ସେ ପହଞ୍ଚି ଛାତ୍ରଛାତ୍ରୀମାନଙ୍କୁ ଜର୍ମାନୀ ଭାଷାରେ ରାଷ୍ଟ୍ରଗାନ ଶୁଣିବାକୁ କହିବାରୁ କେବଳ ଜଣେ ଛାତ୍ରୀ ରାଷ୍ଟ୍ରଗାନ କରିବାରେ ସଫଳ ହୋଇପାରିଥିଲା। ସେହି ଛାତ୍ରୀଟି ପ୍ରତି ମହାରାଣୀ ଏତେ ଖୁସି ହୋଇଯାଇଥିଲେ ଯେ, ତତ୍କ୍ଷଣାତ୍ ସେହି ଛାତ୍ରୀଟିକୁ କିଛି ମାଗିବା ପାଇଁ କହିଲେ। ରାଣୀଙ୍କର ଏଭଳି କଥା ଶୁଣି ଛାତ୍ରୀଙ୍କ ମୁହଁରୁ ଅଚାନକ ଏହି ବାକ୍ୟଟି ଉତ୍ତରି ଆସିଥିଲା- 'ହେ ମହାରାଣୀ, ଶିକ୍ଷାର ମାଧ୍ୟମ ଆମ ପାଇଁ ଫ୍ରେଞ୍ଚ ଭାଷା କରିଦିଅନ୍ତୁ।' ଛାତ୍ରୀଟିର ଏତାଦୃଶ କଥାରେ ମହାରାଣୀ ପ୍ରୀତ ହୋଇ ଉଦାରତାର ସହ ଫ୍ରେଞ୍ଚଭାଷା ପ୍ରଚଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ କୁହାଯାଏ ଭାଷା ପ୍ରତି ନିବିଡ଼ ଅନୁରାଗ।

ଭାଷାର ଅସ୍ମିତା ଉପରେ ଆଜିବି ଲାଗିଛି ପ୍ରଶ୍ନ ଚିହ୍ନ। ଇଂରାଜୀ ଭାଷାରେ ପିଲାଏ ଅଧ୍ୟୟନ କରିବେ ନା ନିଜ ମାତୃ ଭାଷାରେ ! ଏଭଳି ଏକ ଦ୍ୱନ୍ଦାତ୍ମକ ସମୟ ପରିଧିଭିତରେ ଆମ ଭାଷା ଓ ସାହିତ୍ୟ। ସେଇଥି ପାଇଁ ସମୁଦାୟ ବିଶ୍ୱ ସମ୍ମୁଖରେ ଆମେ ଲଜ୍ଜ୍ୟାଜନକସ୍ଥିତିରେ ରହିଛୁ। କାରଣ ଯେଉଁ ଦେଶ ଆପଣା ମା'ର ଭାଷା ସମ୍ପର୍କରେ ସଚେତନ ନୁହେଁ, ସେ ଦେଶର ନାଗରିକ କେବେବି ସ୍ୱାଧୀନ ଚିନ୍ତାଧାରାର ବ୍ୟକ୍ତି ହୋଇପାରିବ ନାହିଁ।

ଇଂରାଜୀ ଭାଷାର କାଳିସି ଏମିତି ଲାଗିଛି ଯେ, ଖାଇବା-ପିଇବା-ପଢ଼ିବା-ଶୋଇବା-ବିଚାରବିମର୍ଶ-ସମ୍ବୋଧନ ଏବଂ ଅଭିବାଦନର ଭାଷା ମଧ୍ୟ ଇଂରାଜୀ ହୋଇଯାଇଛି। ବଜାରବାଦୀ ଶକ୍ତି ବିଜ୍ଞାପନ ମାଧ୍ୟମରେ ଆମର ସଂସ୍କୃତି ଏବଂ ସଂସ୍କାରକୁ ଧ୍ୱଂସ କରିଦେବା ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି। ଏଠାରେ ପ୍ରଶ୍ନଉଠେ, ଗୋଟିଏ ଜାତିର ସଂସ୍କାର ଏବଂ ସଂସ୍କୃତିର ଅବକ୍ଷୟ ହୁଏ କେମିତି ? ଏହାର ଉତ୍ତରରେ ଏତିକି ମାତ୍ର କୁହାଯାଇପାରେ ଯଦି ଏକ ସମୂହ ଜନତାର କଥାବାର୍ତ୍ତା ଓ ବ୍ୟବହାର ଭାଷାକୁ କୌଣସି ଏକ ନିର୍ଦ୍ଦିଷ୍ଟ ଭାଷା ଉପରେ ଛାଡି ଦିଆଯାଏ, ତେବେ ମାତୃଭାଷାର ସୌଧ ଭୁଷୁଡ଼ି ପଡ଼େ। ସମ୍ପ୍ରତି ଛାତ୍ରଛାତ୍ରୀମାନେ ନିଜ ମାତୃଭାଷା ପ୍ରତି ଅନୁରାଗ ଭାବ ଜାଗ୍ରତ କରିବା ପରିବର୍ତ୍ତେ ଘୋର ଅନୁଦାର ଭାବ ଲକ୍ଷ୍ୟ କରାଯାଉଛି। ଏପରିକି ଅଧ୍ୟପକ ଏବଂ ଅଭିଭାବକ ମାନେ ନିଜ ମାତୃଭାଷା ପ୍ରତି ସେତେବେଶି ଗୁରୁତ୍ୱ ଦେଉନାହାଁନ୍ତି। ଆଜିର ଯୁବକ କ୍ୟାରିୟର ବିଲ୍ଡିଂ ନାମରେ ନିଜ ଭାଷାପ୍ରତି ବିମୁଖତା ପ୍ରକାଶ କରି ବୈମାତୃକ ଭାବ ପୋଷଣ କରୁଛନ୍ତି। ଏହାର ଏକମାତ୍ର କାରଣ ସମ୍ଭବତଃ ନିଜ ଅଞ୍ଚଳର ଭାଷା ରୋଜଗାରକ୍ଷମ ନୁହେଁ କିମ୍ବା ନିଜର ଷ୍ଟାର୍ଟସ୍ ବୃଦ୍ଧି କରାଇବାର ପ୍ରକୃତ ମାର୍ଗ ନୁହେଁ।

ଭାଷାର ପ୍ରସଙ୍ଗ ଉପରେ ଗୁରୁତ୍ୱ ଦେବା ସହ ଉଚ୍ଚତମ ନ୍ୟାୟାଳୟର ତତ୍କାଳୀନ ମୁଖ୍ୟ ନ୍ୟାୟଧୀଶ ଏମ.ଏନ.ଭେଙ୍କେଷ୍ଟ ଚେଲେୟା ଏବଂ ନ୍ୟାୟମୂର୍ତ୍ତି ଏସ. ମୋହନ ଖଣ୍ଡପୀଠ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଥିଲେ କି, ପ୍ରାରମ୍ଭିକ ସ୍ତର ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ କେବଳ ମାତୃଭାଷାରେ ଶିକ୍ଷା ଦେବା ଆବଶ୍ୟକ। ଏଥିପାଇଁ ମାତୃଭାଷା ମାଧ୍ୟମରେ ଦିଆଯାଉଥିବା ଶିକ୍ଷା ସଂସ୍କୃତି ଏବଂ ପରମ୍ପରା ଉପରେ ଛାତ୍ରଛାତ୍ରୀମାନେ ଶିକ୍ଷା ଅର୍ଜନ କରିପାରିବେ। ସମ୍ବିଧାନର ଅନୁଚ୍ଛେଦ ୩୫୦(ଏ) ଅନୁସାରେ ପ୍ରାଥମିକ ସ୍ତରରେ ମାତୃଭାଷା ଶିକ୍ଷା ପାଇଁ ପର୍ଯ୍ୟାପ୍ତ ସୁବିଧା ଯୋଗାଇଦେବା ରାଜ୍ୟସରକାରଙ୍କର ଏବଂ ସ୍ଥାନୀୟ ପ୍ରଶାସନର ଦାୟିତ୍ୱ ବୋଲି ଉଲ୍ଲେଖ ଅଛି। ଏ କ୍ଷେତ୍ରରେ କର୍ଣ୍ଣାଟକ ସରକାର ଉଚ୍ଚତମ ନ୍ୟାୟାଳୟର ଏହି ଆଦେଶକୁ ସର୍ବପ୍ରଥମେ ସ୍ୱୀକାର କରି ସାହସିକ ପଦକ୍ଷେପ ନେବା ସଙ୍ଗେ ସଙ୍ଗେ ପ୍ରଶଂସନୀୟ କାର୍ଯ୍ୟ ଆରମ୍ଭ କରିଥିଲେ ସୁଦ୍ଧା ଇଂରାଜୀ ମାନସିକତା ସମ୍ପନ୍ନ ଅଭିଭାବକ ଏହାକୁ ଜୋରଦାର ବିରୋଧ କରିଆସୁଛନ୍ତି। ତଥାପି ସରକାରଙ୍କ ଦୃଢ଼ ଇଚ୍ଛାଶକ୍ତି ସାମ୍ନାରେ ସେମାନଙ୍କର ସମସ୍ତ ପ୍ରକାର କଳାକୌଶଳି ତିଷ୍ଠିପାରିଲା ନାହିଁ। (କ୍ରମଶଃ)

କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨

## ସ୍ମୃତି ଶତଦଳ ୨୦୭



# ଆଖି ଦେଖିଲା ସେ ବିରଳ ନାଗାର୍ଜୁନ ବେଶ-୧

ଡା. ସରୋଜିନୀ ଷଡଙ୍ଗୀ
ଲିଙ୍କ୍‌ରୋଡ୍, କଟକ-୧୨
ଫୋନ୍-୯୪୩୭୦୫୫୦୦୭

**ପୌରାଣିକ ବର୍ଣ୍ଣନା ଅନୁଯାୟୀ କାର୍ତ୍ତିକ ମାସ ଶୁକ୍ଳପକ୍ଷ ଏକାଦଶୀ ତିଥିଠାରୁ ଅର୍ଜୁନଙ୍କ ପୁତ୍ର ନାଗାର୍ଜୁନ ଏବଂ ଅର୍ଜୁନଙ୍କ ମଧ୍ୟରେ ପ୍ରବଳ ଯୁଦ୍ଧ ହୋଇଥିଲା । ଏହି ଯୁଦ୍ଧରେ ଅର୍ଜୁନଙ୍କର ପୁନର୍ଜନ୍ମ ମଳ ତିଥିରେ ହୋଇଥିଲା । ଏଣୁ ଏହାର ସ୍ମୃତିରେ ଯେଉଁ ବର୍ଷ କାର୍ତ୍ତିକ ମାସ ଏକାଦଶୀଠାରୁ ପୂର୍ଣ୍ଣିମା ମଧ୍ୟରେ ଗୋଟିଏ ତିଥି ଦୁଇଦିନ ଭୋଗ ହୁଏ, ସେହି ବର୍ଷ ଶ୍ରୀଜଗନ୍ନାଥଙ୍କର ନାଗାର୍ଜୁନ ବେଶ ଅନୁଷ୍ଠିତ ହୋଇଥାଏ ।**

(ପୂର୍ବ ପ୍ରକାଶିତ ଉତ୍ତାରୁ)

ବହୁ ବର୍ଷପରେ ନାଗାର୍ଜୁନ ବେଶ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ହୋଇଥିଲା । କିନ୍ତୁ କରୋନାର ପ୍ରାବଲ୍ୟ ଯୋଗୁଁ ଭକ୍ତମାନେ ସେ ବିରଳବେଶ, ଦର୍ଶନ କରିବାରୁ ବଂଚିତ ହୋଇଥିଲେ । ଏହା ପୂର୍ବରୁ ନାଗାର୍ଜୁନ ବେଶ ଦର୍ଶନ କରିବା ପାଇଁ ପ୍ରଭୁ ମତେ ସୌଭାଗ୍ୟ ଦେଇଥିବାରୁ ମୁଁ ତାଙ୍କ ପାଖରେ ଚିରଋଣୀ । ତାହା ଦର୍ଶନ ପୂର୍ବରୁ ନାଗାର୍ଜୁନ ବେଶର ବର୍ଣ୍ଣନା ଓ ତା ଭିତରେ ଥିବା ନିହିତ ତତ୍ତ୍ୱ ତଥ୍ୟ ଉପରେ ସମ୍ୟକ୍ ଆଲୋକପାତ କରୁଛି ।

ଦେହରେ ତାଙ୍କର ବିଚିତ୍ରବର୍ଣ୍ଣର ଖଣ୍ଡୁଆ ପାଟ, ସେ ପାଟବସ୍ତ୍ରର ପ୍ରତିଟି ରେଶମ ସୂତାରେ ସଯତ୍ନରେ ଲେଖାହୋଇଥାଏ ଧାଡି ଧାଡି ଗୀତଗୋବିନ୍ଦର ଲଳିତ ପଦାବଳୀ। ସଂଗୀତକୁ ବସ୍ତ୍ର ରୂପରେ ଧାରଣ କରିବାର ନାନ୍ଦନିକତା ଅପୂର୍ବ। ଭାଷା, ଭାବ, ଭକ୍ତିର ସୁମଧୁର ରସରେ ରସାୟିତ ବଡଦେଉଳ, ସ୍ୱୟଂ ସଂପୂର୍ଣ୍ଣ ପୁଣି ଚତୁର୍ଦ୍ଧା ମୂର୍ତ୍ତି, ପରିପୂର୍ଣ୍ଣ ବଡଦାଣ୍ଡ ଏବଂ ଗୁଂଜରିତ ମହୋଦଧି । ସମସ୍ତେ ଭକ୍ତି ଓ ପ୍ରୀତିରେ ତଲ୍ଲୀନ ସମସ୍ତଙ୍କ ହୃଦୟରେ ସମର୍ପଣର ତନ୍ମୟ ଭାବ, ଭକ୍ତିର ଲହରୀରେ ତନ୍ମୟ ମହୋଦଧି, ତନ୍ମୟ ଭକ୍ତବୃନ୍ଦ, ତନ୍ମୟ ବି ପ୍ରଭୁ। ଏଠି ଭକ୍ତ ବିହ୍ୱଳ, ବିଭୋର ବି ଭଗବାନ, ଭକ୍ତର ବିଶ୍ୱାସରେ ଓ ପ୍ରତିଟି ନିଃଶ୍ୱାସରେ ଥାଆନ୍ତି ଶ୍ରୀ ଜଗନ୍ନାଥ।

ପ୍ରତିଦିନ ଶ୍ରୀ ମନ୍ଦିରରେ ବଡଠାକୁର ବିଭିନ୍ନ ବେଶରେ ସଜ୍ଜିତ ହୋଇଥାନ୍ତି। ଅତି ଅପରୂପ, ଅତି ମନଲୋଭା ସେ ଦୃଶ୍ୟ, ପ୍ରତ୍ୟେକ ରାତ୍ରିରେ ବିଭିନ୍ନ ଫୁଲରେ ପ୍ରଭୁ ହୁଅନ୍ତି ବଡସିଂହାର ବେଶ। ଗୀତଗୋବିନ୍ଦର ଖଣ୍ଡୁଆପାଟ ପିନ୍ଧି, ଗୀତଗୋବିନ୍ଦ ଶୁଣି ପହୁଡ ଯାଆନ୍ତି ପ୍ରଭୁ। ଏମିତି ଅନେକ ବେଶ ସେ ବିଭିନ୍ନ ପର୍ବ ପର୍ବାଣିରେ ହୁଅନ୍ତି, କିନ୍ତୁ ଅନେକ ବର୍ଷ ବ୍ୟବଧାନରେ, ତିଥିନକ୍ଷତ୍ରର ଅପୂର୍ବ ସଂଯୋଗରେ କେତୋଟି ବିରଳ ବେଶ ହୁଅନ୍ତି ପ୍ରଭୁମାନେ ଯେଉଁ ବେଶକୁ ଦର୍ଶନ କଲେ କୋଟି କୋଟି ଜନ୍ମରୁ ମୁକ୍ତି ମିଳିଥାଏ, ମୋକ୍ଷ ହୋଇଥାଏ ଭକ୍ତମାନଙ୍କର। ସେଭଳି ଗୋଟିଏ ବେଶ ହେଉଛି ପ୍ରଭୁଙ୍କର ନାଗାର୍ଜୁନ ବେଶ।

କାର୍ତ୍ତିକ ମାସର ଶେଷ ପାଂଚଦିନ ହେଉଛି ପଂଚୁକ। ଓଡ଼ିଆମାନଙ୍କର ଅତି ପବିତ୍ର ଏ ଦିନ। ପଂଚୁକ ପାଂଚ ଦିନ ଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରା ସୁନାବେଶରେ ସଜ୍ଜିତ ହୋଇଥାଆନ୍ତି। ତାକୁ "ରାଜରାଜେଶ୍ୱର ବେଶ" କୁହାଯାଏ। କିନ୍ତୁ ପାଂଚଦିନ ପରିବର୍ତ୍ତେ ପଂଚୁକ ଛଅଦିନ ପଡିଲେ ଷଷ୍ଠ ଦିନରେ ଶ୍ରୀଜିଉ ମାନଙ୍କର ନାଗାର୍ଜୁନ ବେଶ ହୋଇଥାଏ, ବହୁ ବର୍ଷ ବ୍ୟବଧାନରେ ଥରେ ସେ ବେଶ ଦେଖିବାର ସୌଭାଗ୍ୟ ଭକ୍ତମାନଙ୍କର ଭାଗ୍ୟରେ ଆସିଥାଏ।

ପୌରାଣିକ ବର୍ଣ୍ଣନା ଅନୁଯାୟୀ କାର୍ତ୍ତିକ ମାସ ଶୁକ୍ଳପକ୍ଷ ଏକାଦଶୀ ତିଥିଠାରୁ ଅର୍ଜୁନଙ୍କ ପୁତ୍ର ନାଗାର୍ଜୁନ ଏବଂ ଅର୍ଜୁନଙ୍କ ମଧ୍ୟରେ ପ୍ରବଳ ଯୁଦ୍ଧ ହୋଇଥିଲା । ଏହି ଯୁଦ୍ଧରେ ଅର୍ଜୁନଙ୍କର ପୁନର୍ଜନ୍ମ ମଳ ତିଥିରେ ହୋଇଥିଲା । ଏଣୁ ଏହାର ସ୍ମୃତିରେ ଯେଉଁ ବର୍ଷ କାର୍ତ୍ତିକ ମାସ ଏକାଦଶୀଠାରୁ ପୂର୍ଣ୍ଣିମା ମଧ୍ୟରେ ଗୋଟିଏ ତିଥି ଦୁଇଦିନ ଭୋଗ ହୁଏ, ସେହି ବର୍ଷ ଶ୍ରୀଜଗନ୍ନାଥଙ୍କର ନାଗାର୍ଜୁନ ବେଶ ଅନୁଷ୍ଠିତ ହୋଇଥାଏ ।

ପରଂବ୍ରହ୍ମରୂପୀ ଲୀଳାମୟ ଶ୍ରୀଜଗନ୍ନାଥ ଅବତାରୀ । ମହାବିଷ୍ଣୁ ସ୍ୱରୂପ ଶ୍ରୀଜଗନ୍ନାଥ ବିଭିନ୍ନ ଯୁଗରେ ନୃସିଂହ, ବାମନ, ପର୍ଶୁରାମ, ଶ୍ରୀକୃଷ୍ଣ, ଶ୍ରୀରାମ ଆଦି ଅବତାର ଗ୍ରହଣ କରିଥିଲେ । କଳିଯୁଗରେ ମର୍ତ୍ତ୍ୟବୈକୁଣ୍ଠ ନୀଳାଚଳ ଧାମରେ ମହାପ୍ରଭୁ ନାନାବତାର, ଲୀଳା ବେଶ ମାଧ୍ୟମରେ ପ୍ରଦର୍ଶନ କରିଥାନ୍ତି । ପରଂବ୍ରହ୍ମ ପରମାତ୍ମା ଅନେକ ରୂପରେ ପ୍ରକଟିତ ହୋଇଥାନ୍ତି । ସମସ୍ତ ପ୍ରାଣୀଙ୍କର ଅନ୍ତର୍ଯ୍ୟାମୀ, ଅଦ୍ୱିତୀୟ ପରମାତ୍ମା ନିଜର ଗୋଟିଏ ରୂପକୁ ବହୁତ ପ୍ରକାର କରିଦିଅନ୍ତି । ଯଥା - 'ଏକୋବଶୀ ସର୍ବଭୂତାନ୍ତରାତ୍ମା ଏବଂ ରୂପଂ ବହୁଧା ଯଃ କରୋତି' ।

ସ୍ୱୟଂ ମହାପ୍ରଭୁ ସର୍ବରୂପୀ ହୋଇଥିବାରୁ, ତାଙ୍କ ପାଇଁ ବିବିଧ ବେଶର ଆବଶ୍ୟକତା ଅନୁଯାୟୀ ବିଭିନ୍ନ ବେଶ ବ୍ୟବସ୍ଥା ପ୍ରଚଳିତ ହୋଇଛି । ବର୍ଷକରେ ପ୍ରାୟ ୨୪ରୁ ଊର୍ଦ୍ଧ୍ୱ ବେଶ ମଧ୍ୟରୁ କାର୍ତ୍ତିକ ମାସ ପଞ୍ଚୁକ ମଳତିଥିରେ ଅନୁଷ୍ଠିତ ନାଗାର୍ଜୁନ ବେଶ ଅନ୍ୟତମ । ଯୁଗ ଯୁଗାନ୍ତର ଲୀଳାକୁ ସ୍ୱୟଂ ମହାପ୍ରଭୁ ବିଭିନ୍ନ ବେଶ ମାଧ୍ୟମରେ ପ୍ରଦର୍ଶନ କରି ଭକ୍ତମାନଙ୍କ ତୃପ୍ତି ବିଧାନ କରନ୍ତି । ଉପାସକର ରୁଚି ଓ ତଜ୍ଜନିତ ଉପାସନାଗତ ପ୍ରୟୋଜନ ଅନୁସାରେ ସେ ସେହି ବେଶ ହୋଇଥାଆନ୍ତି ।

ସ୍କନ୍ଦପୁରାଣ ଓ ପଦ୍ମପୁରାଣର ଉତ୍ତରଖଣ୍ଡ ବର୍ଣ୍ଣନାନୁସାରେ କାର୍ତ୍ତିକ ମାସ ହିଁ ଭଗବତ୍ ଆରାଧାନା, ଉପାସନା ପ୍ରଭୃତି ଦୃଷ୍ଟିରୁ ସର୍ବଶ୍ରେଷ୍ଠ ମାସ ବୋଲି ପ୍ରତିପାଦନ କରାଯାଇଛି । ଶ୍ରୀମନ୍ଦିରରେ ମଧ କାର୍ତ୍ତିକ ମାସଟି ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ଏହି ମାସରେ ଦୀର୍ଘ ଏକ ମାସ ଧରି ଶ୍ରୀବିଗ୍ରହମାନଙ୍କର ପବିତ୍ର ରାଧାଦାମୋଦର ବେଶ, କାର୍ତ୍ତିକ ପଞ୍ଚୁକ ଅର୍ଥାତ୍ ଶୁକ୍ଳ ଏକାଦଶୀରେ ଲକ୍ଷ୍ମୀନାରାୟଣ ବେଶ, ଶୁକ୍ଳ ଦ୍ୱାଦଶୀରେ ବାଙ୍କଚୂଡ଼ା ବେଶ, ତ୍ରୟୋଦଶୀରେ ତ୍ରିବିକ୍ରମ ବେଶ, ଚତୁର୍ଦ୍ଦଶୀରେ ଲକ୍ଷ୍ମୀନୃସିଂହ ବେଶ ଓ ପୂର୍ଣ୍ଣିମାରେ ରାଜରାଜେଶ୍ୱର (ସୁନାବେଶ) ଅନୁଷ୍ଠିତ ହୋଇଥାଏ । କିନ୍ତୁ ବାସ୍ତବ ପକ୍ଷେ ଏହି ମାସରେ ସର୍ବାଧିକ ୮ ପ୍ରକାର ବେଶ କରାଯାଏ । ଅନ୍ୟ ଦୁଇଟି ବେଶ ସାମୟିକ ଯଥା ହରିହର ବେଶ ଏବଂ ଯେଉଁ ବର୍ଷ କାର୍ତ୍ତିକ ମାସରେ ପଞ୍ଚକ ପାଞ୍ଚଦିନ ନ ହୋଇ ଛଅ ଦିନ ପଡ଼ିଥାଏ ଅର୍ଥାତ୍ କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ପଞ୍ଚକର ଯେଉଁ ତିଥିମଳ ରହେ, ସେହି ମଳ ତିଥିରେ ଠାକୁରମାନଙ୍କ ନାଗାର୍ଜୁନ ବେଶ ଅନୁଷ୍ଠିତ ହୋଇଥାଏ । ସୁତରାଂ ଏହି ବେଶ ପ୍ରତିବର୍ଷ ହୋଇ ନ ଥାଏ । ନାଗାର୍ଜୁନ ବେଶ ମଧ ଏକ ଯଜମାନୀ ବେଶ ଅଟେ ।

ଭଗବାନ୍ ପର୍ଶୁରାମ କାର୍ତ୍ତବୀର୍ଯ୍ୟ ବା ସହସ୍ରାର୍ଜୁନ ନାମକ ଜଣେ ପ୍ରବଳ ପରାକ୍ରମୀ କ୍ଷତ୍ରିୟ ରାଜାଙ୍କୁ ଯୁଦ୍ଧରେ ପରାସ୍ତ କରି ହତ୍ୟା କରିଥିଲେ । ସମ୍ଭବତଃ ନାଗାବୀର ବେଶଧାରୀ ପର୍ଶୁରାମଙ୍କ ଦ୍ୱାରା ଅର୍ଜୁନାନ୍ତକ ହେବାରୁ ଏହାର ସ୍ମାରକୀ ସ୍ୱରୂପ ନାଗାର୍ଜୁନ ବେଶର ସୃଷ୍ଟି ହୋଇଛି । (କ୍ରମଶଃ)

## ତପସ୍ୟାର ତପୋବନ :

ପ୍ରଫେସର ଆଦିକନ୍ଦ ସାହୁ

# ମୋ ବହି ମୋ ଜୀବନ ୧



ଆମେ ଅବଶ୍ୟ ଜୀବନଟେ ବଂଚିବା ପାଇଁ ସଭିଏଁ ଏ ପୃଥିବୀକୁ ଆସିଛୁଁ । ହେଲେ ପଶୁ ପରି ଶରୀର ସର୍ବସ୍ୱ ଜୀବନଟିଏ ମଣିଷ ବଂଚେ ନାହିଁ । ସ୍ଥୁଳ ଶରୀର ଭତ୍ତିକ ଗୋଟେ ଜାନ୍ତବ ଜୀବନ ନବଂଚି ଦିବ୍ୟ ପ୍ରାଣୀ ଭାବେ ମଣିଷ ତା' ମନ ଓ ଚେତନାରେ ଗୋଟେ ସୂକ୍ଷ୍ମତର ଜୀବନ ବଂଚିବା ପାଇଁ ନାନାଦି କାରଣରୁ ସମର୍ଥ ହୁଅନ୍ତି ନାହିଁ ।

ଉଚ୍ଚତର ଚେତନାରେ ଜୀବନ ବଂଚିବା ଦେବତାର ବରଦାନ ସଦୃଶ । ଜଣେ ଦିଗ୍‌ବିଜୟୀ ବି ଅସଲରେ ସେମିତି ଜୀବନ ଭୋଗ କରିପାରେ ନାହିଁ । ପ୍ରକୃତି ପ୍ରାଣ ଜଣେ ସଜ୍ଜନ ନହେଲେ ତା' ପ୍ରାଣରେ ଶ୍ରଦ୍ଧା ଓ ସୃଜନଶୀଳତାକୁ ଉଜ୍ଜାଗ୍ରତ କରି ପାରିବନି ।

ସତ କହିଲେ ଶ୍ରଦ୍ଧାଶୀଳ ପ୍ରାଣ ଓ ସାଧୁ ଅନ୍ତର ହିଁ ଯାବତୀୟ ସୃଷ୍ଟିଶୀଳତାର କ୍ଷେତ୍ର । ଆତ୍ମାକୁ ପ୍ରକଟନ କରିବାରେ, ଜୀବନକୁ ଅଜାଡି କେବେ କୃପଣ ହୁଏନି ।

ଆତ୍ମାକୁ କପଟଶୂନ୍ୟ ନକଲେ ଜଣେ ପୁଣି ଋଷିତୁଲ୍ୟ ସାଧନ ମୁଖର ଜୀବନ ବଂଚି ପାରିବନି । ମିର୍ଜିତ ଇନ୍ଦ୍ରିୟ ସୁଖ ଭୋଗ କରିବାପାଇଁ ବିଭୋର ପଣିଆର ପ୍ରୟୋଜନୀୟତା ରହିଛି ।

ରଚନା କରିବା ସମସ୍ୟା ସଦୃଶ । ତା'ର କୌଳିନ୍ୟ ଅଲଗା ପ୍ରକାରର । ଯଦି ମୁଁ ଆଜି ମୋ କୁଳର ମାଣିକ ହୋଇଛି ବୋଲି ଭାବୁଛି ତାହା କେବଳ ହୁଏତ ମୋର ଏ ବହି ଲେଖିବା କାରଣରୁ ।

ମୋର ସକଳ ଆତ୍ମନିଷ୍ଠା ରଚନାକୁ ମୁଁ ବିବେଚନା କରେନାହିଁ, ବରଂ ପ୍ରାର୍ଥନା କରିବା, ତପସ୍ୟା କରିବାଠାରୁ ଅଧିକ ବୋଲି ମନେକରେ ।

ଅଧିକ ଉପାର୍ଜ୍ଜନକ୍ଷମ ହେବା, କିଛି ପ୍ରତିଷ୍ଠା ଓ ପ୍ରତିପତ୍ତିର ଅଧିକାର ହେବା, ରାଜଧାନୀରେ ଘର କରିବା ଅବଶ୍ୟ ମୋର ପ୍ରଫେସର ହେବାକୁ ମୁଁ ମୋର କୃତିତ୍ୱ ବୋଲି ମନେ କରୁନି; ବରଂ ଅସଲ କୃତିତ୍ୱ ବୋଲି ମନେ କରୁଛି ଆଜି ମୋର ଏ ବହି ଲେଖିବାକୁ ।

ବହି ଲେଖିବାକୁ ମୁଁ ମୋ ଜୀବନର ସାଧନା ବୋଲି ମନେକରିଛି । ମୋ ବହିସବୁ ଋଷି ଆଶ୍ରମ ଆଡକୁ ବାଟ କଢେଇ ନେଇଛି । ମୋ ବହି ସବୁ ମୋତେ ଦେବତାର ପ୍ରତିମା ଭଳି ଲାଗିଛି ।

ମୋ ବହିକୁ ମୁଁ ମୋ ଜୀବନରେ ଅସଲ ସଂପତ୍ତି ବୋଲି ମନେକରିଛି । ପରମ ଦ୍ରବ୍ୟ ପରି ମୁଁ ତାକୁ ବି ସେମିତି ସାଇତି ରଖିଛି । ଜୀବନର ଅଜସ୍ର ସ୍ପନ୍ଦନ ସବୁଯେପରି ମୋ ସେ ବହିମାନଙ୍କରେ ଭରି ରହିଛି ।

ଗୋଟେ ମନ୍ଦିର ତୋଳାଇବା ଠାରୁ, ଗୋଟେ ପଦ୍ମପୋଖରୀ ଖୋଳାଇବା ଠାରୁ ମୁଁ ମୋ ବହିକୁ ଅଧିକ ବୋଲି ମନେକରେ । ଯେଉଁଦିନ ମୋର ବହିଟିଏ ପ୍ରକାଶିତ ହୋଇ ଆସେ ସେ ଦିନର ଆନନ୍ଦ କହିବାକୁ ନସରେ ।

ଅତ୍ୟଧିକ ଆନନ୍ଦ ବିହ୍ୱଳ ହୋଇଯିବା କାରଣରୁ ମୁଁ କିଛି ସମୟ ପାଇଁ ମୁଁ ମୋ ଜୀବନର ସବୁ ଅବସାଦ, ସବୁ ଅବସୋସକୁ ଭୁଲିଯାଏଁ ।

ସତ କହିଲେ ଆନନ୍ଦରେ କୁରୁଳି ଉଠେ ।

ମୁଁ ବେଶ୍ ରୋଜଗାରକ୍ଷମ ହେବା ପରେ ବି ପୁରୁଣା ଚିରା ଜାମା ପଛେ ପିନ୍ଧିଛି ମୋ ଲେଖାପଢାରେ ମୁଁ ପଇସା ଖର୍ଚ୍ଚ କରିଛି ବେଶି ।

ଭଲ ଲେଖିବା ପାଇଁ ପଚୁର ପଢିବା ଦରକାର ।

ମୋ ଜୀବନର ପ୍ରତିଟି ଉଲ୍ଲାସ, ବ୍ୟଥାବେଦନା, ଜୟ ପରାଜୟ, ମୋ ସ୍ୱପ୍ନ, ମୋ ପ୍ରେମିକତାକୁ ମୁଁ ମୋ ବହିରେ ପ୍ରକଟିତ କରିଦେଇଛି ।

ମୋ ଲେଖାର ବୈଶିଷ୍ଟ୍ୟ ହେଉଛି ଆବିଷ୍ଟ କରି ଦେଲାଭଳି ଆତ୍ମନିଷ୍ଠତା । ସତ କହିଲେ ମୋ ଲେଖାଲେଖି କ୍ରମଶଃ ମୋତେ ଗୋଟେ ଗଭୀରରେ ଧାର୍ମିକ ଚେତନା ଆଡକୁ ନେଇଯାଇଛି ।

ମୁଁ ଲେଖିଛି ପ୍ରକାରେ ଆଉ ଜୀବନ ବଂଚିଛି ଆଉ ପ୍ରକାରେ ଏକଥା ମୁଁ କେବେ କରିନି । ଏମିତି କଥା ମୁଁ କପଟାଚାର ବୋଲି ମନେକରିଛି । ଅଧର୍ମ ହେବ ବୋଲି ଭାବିଛି । ମୁଁ ବରଂ ଯୁକ୍ତି କରିଛି ଯେ ଲେଖାଲେଖି ଜଣକ ଜୀବନର ଅଂଶ ହେଉ ।

ଯେଉଁ ଲେଖାରେ ଆପଣା ଆତ୍ମାର ଉଚ୍ଚାରଣ ନାହିଁ ସେ ତ ଚକ୍ଷୁକୁଟିବା ସହିତ ସମାନ । ବସ୍ତୁନିଷ୍ଠ ଜ୍ଞାନ ଆଉ ତୃତୀୟ ପୁରୁଷ ମାନଙ୍କୁ ନେଇ ଜଣେ ସତରେ ପର୍ବତ ପ୍ରମାଣେ ଗ୍ରନ୍ଥ ଲେଖିଲେ ବି ତାହା ନିରର୍ଥକ । ତାହା ସତରେ ଯେମିତି ଚେତନାହୀନ ସେମିତି ତେଜହୀନ ।

ମୁଁ ବହି ଲେଖିବା ପୂର୍ବରୁ ସବୁବେଳେ ଭାବିଛି, ଗୋଟେ ଉତ୍ତମ ବହି ସମସ୍ତଙ୍କ ପାଇଁ ସର୍ବୋତ୍ତମ ଭାବେ ପ୍ରେରଣା ଦାୟକ । ଯଦି ସେଥିରେ କିଛି ଉଚ୍ଛଳ ଜୀବନମୟତାର ବୋଳ ରହିଛି, ରହିଛି ଗଭୀରତର ଚିତ୍ତ ପୁଲକର ପ୍ରଶାନ୍ତି ଅବା ସେମିତି କିଛି ଭାବ ଭାବନାରେ ଆଧାତ୍ମିକ ତୁଙ୍ଗିମା ତା'ହେଲେ ତ ସେ ବହି ଚିରକାଳର ପାଠକଙ୍କ ଆଗରେ ଦେବଦୂତଙ୍କ ପରି ଉଭାହେବ ।

ସତରେ ମୁଁ ତ ଅନୁଭବ କରିଛି ଲେଖିଲାବେଳେ ମୋର ଅତୀତ ବର୍ତ୍ତମାନ ସବୁ ଯୋଡି ଯୋଇଯାଏ । ମୋ ପୂର୍ବପୁରୁଷ ମାନଙ୍କ ସହିତ ମୁଁ ସଂଯୋଜିତ ହୋଇଯାଏ । ସେମାନଙ୍କ ସହିତ ମୁଁ ସଂଯୋଜିତ ହୋଇଯାଏ । ସେମାନଙ୍କ ଘରକରଣା, ସେମାନଙ୍କ ଜୀବନ ଜୀଇଁବା ମୋତେ ଗୋଟେପଣେ ଦିଶିଯାଇଥାଏ ।

ମୋ ଜେଜେ ମାଆ ଜେଜେ ବାପା ଆଉ ଯେତେ ପ୍ରପିତାମହ, ପ୍ରପିତାମହୀ ସମସ୍ତଙ୍କ ପ୍ରାଣ ସହିତ ମୁଁ କେମିତି ଏକାତ୍ମ ହୋଇଯାଏ । ମୋ କଳ୍ପନା କହିଁ କେତେ ଦୂରକୁ ମେଲିଯାଏ । ମୁଁ ସତରେ ବିଶ୍ୱାସ କରିପାରେନି ନିରବଧି କାଳକୁ ମୁଁ କେମିତି ମୋ କଲମ ଅଗକୁ ଟାଣି ଆଣି ପାରୁଛି ।

କେବଳ ମୋ ବଂଶର ସାତପୁରୁଷଙ୍କୁ ନୁହେଁ କୋଟି ଯୁଗର ମାନବାତ୍ମାକୁ ଅଭିଲିପିତ କରିବାରେ ମୁଁ ଯେପରି ମୁଖର ହୋଇଯାଏଁ ।

ମୋ ଜୀବନରେ ଅନେକ ଅପ୍ରାପ୍ତି, ବଂଚନା ଓ ବୈରାଗ୍ୟ ରହିଛି । ମୋର ସ୍ମୃତିରେ ଅତି ଜୀବନ୍ତ ହୋଇ ରହିଛି ସେକଥା ଯେ ମୋ ଆଦ୍ୟ ଯୌବନରେ ଦାରିଦ୍ର୍ୟ କେତେ ମୋତେ ଉଚ୍ଛନ୍ନ କରିଥିଲା । କପର୍ଦ୍ଦକଶୂନ୍ୟ ହୋଇ ମୁଁ ସେମିତି କିଛି କାହାର ସକ୍ରିୟ ସହଯୋଗ ପାଇନଥିଲି । ମୋର ସେମିତି କିଛି ଖାସ୍ ପୈତୃକ ସଂପତ୍ତି ନଥିଲା, ଯାହାକୁ ମୁଁ ବିକିଭାଙ୍ଗି ଚଳିଥା'ନ୍ତି । ମୋ ଶ୍ୱଶୁର ଘର ସେମିତି ଧନହୀନ ଓ ଅବକ୍ଷୟଗ୍ରସ୍ତ ହୋଇଥିଲେ ।

ମୋର ସେତେବେଳକୁ ଚାକିରି ହୋଇ ନଥିଲା; ମୋ ପତ୍ନୀ ସହିତ ଅଥଚ କିଛି ବର୍ଷ ପୂର୍ବରାଗ ପ୍ରଣୟ ମୋର ଥିଲା । ସେହି କାରଣରୁ ମୁଖ୍ୟତଃ ଆମେ ଶୀଘ୍ର ବାହା ହୋଇ ପଡିଲୁ ଯଦିଓ ମୁଁ ମୋ ପୁତୁରା ଠାରୁ ମୋ ବାହାଘର ଖର୍ଚ୍ଚ ବାବଦ ମୁଁ କିଛି ଟଙ୍କା ଋଣ ଆଣିଥିଲି ।

ଭାରି କଷ୍ଟରେ ଦିନସବୁ ଯାଇଛି ସେତେବେଳେ ।

ବ୍ୟଥା ବେପଥୁର ସେ ପୂର୍ବରାଗ ଦିନସବୁ ମୁଁ ମୋ 'ଚନ୍ଦ୍ରାତପ' ଗପରେ ଲେଖିଛି, ଯାହା ମୋ 'କ୍ଷେତ ପାଚିବାର ବେଳ' ଗଳ୍ପ ସଂକଳନରେ ରହିଛି । ସେଦିନ ଗୋଟେ ପାହାଡମୂଳ ଗାଁର ନିର୍ଜନ ସ୍କୁଲ ହତାରେ ମୋ ଭାବି ପତ୍ନୀ ଚନ୍ଦ୍ରାବଳୀ ସହିତ ମୋର କିଛିଦିନ ବେଶ୍ କଟିଛି ।

ପାହାଡ ମୂଳରୁ କଳାହାଣ୍ଡିଆ ମେଘ ଆସେ । ମୁଁ ନିଜେ ଅଙ୍ଗେ ନିଭେଇଛି, ପାହାଡ ମୂଳରେ ଯେମିତି ସମୁଦ୍ର କୂଳରେ ବି ସେମିତି ମେଘ ପବନର ଭାରି ବିପ୍ଳାତ ।

ଆଉ ଟିକିଏକୁ ଯେମିତି ସେ ପାହାଡ ମୂଳ ଗାଁରେ ଘନଘୋର ବର୍ଷା ଆରମ୍ଭ ହୋଇଯିବ । ଆକାଶ ସାରା ମେଘ ଘୋଟିଯାଏ । କରବୀର ଗଛରେ ଫୁଲ ଫୁଟି ଛାଇ ହୋଇ ଯାଇଥାଏ । ବାହାରେ ଗୋଟେ ଖଟ ପଡିଥାଏ ଯେ ସେଇଠି ସେ ଈଷତ୍ ଗେଡି ଓ ଗୌରାଙ୍ଗୀ ଝିଅଟି ସୁଜିହାଲୁଆ, ପରଟା ଆଉ ଆଳୁଭଜା ବାଢି ଦେଇଯାଏ । (ଆରଥରକୁ)

## ବାଲିଆପାଳରେ ମାତିଛନ୍ତି ଲୁଟେରା ଗ୍ୟାଙ୍ଗ : ଯୁବତୀଙ୍କ ଠାରୁ ଝାମ୍ପିନେଲେ ଟଙ୍କା ବ୍ୟାଗ

ବାଲିଆପାଳ,୨୧/୦୮ (ନି.ପ୍ର): ବାଲିଆପାଳଥାନା ଅଂଚଳରେ ଦିନକୁ ଦିନ ଲୁଟେରା ଗ୍ୟାଙ୍ଗ ମାତିବାରେ ଲାଗିଛନ୍ତି । ଆଜି ମଧୁପୁରା ଗ୍ରାମର ସ୍ୱର୍ଗତଃ ଗାଣ୍ଡୁ ସାହୁ ଙ୍କ ଝିଅ ସବିତା ବ୍ଲକଛକସ୍ଥିତ ବ୍ୟାଙ୍କ ଅଫ ଇଣ୍ଡିଆ ଶାକା କୁ ଟଙ୍କା ଉଠାଇବାକୁ ଆସିଥିଲେ ।ବ୍ୟାଙ୍କରୁ ୧୨ ହଜାର ଟଙ୍କା ଉଠାଇ ଏକ ପଲଥିନ ବ୍ୟାଗରେ ଭର୍ତ୍ତୀ କରି ବ୍ୟାଗଟିକୁ ନିଜ ସାଇକେଲ ବା ସ୍କେଟରେ ରଖି ଘରକୁ ଫେରୁଥିଲେ ।ଖଗଡାପାଳ ଶିବ ମନ୍ଦିର ଠାରୁ କିଛି ଦୂରରେ ଦୁଇଟି ବାଇକରେ ଆପାଛି ଏବଂ ହେଲମେଣ୍ଟ ପିନ୍ଧି ସେବତୀଙ୍କ ସାଇକେଲ ଆଗ ଘେରିଥିଲେ ।ସେବତୀ କିଛି ବୁଝୀବା ପୂର୍ବରୁ ଜଣେ ବାଇକ ଅରୋହୀ ସେବତିଙ୍କ ବାସ୍କେଟ ଆଗରେ ଥିବା ଟଙ୍କା ପଲଥିନଟିକୁ ନେଇ ଦୃତ ଗତିରେ ପଳାଇଯାଇଥିଲେ ।ସେବତୀ ଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ଖୋଜା ଖୋଜି କରିଥିଲେ ମଧ ଲୁଟେରାଙ୍କ ପତା ମିଳିନଥିଲା ।ସେବତୀ ଜଣେ ଅତ୍ୟନ୍ତ ଗରିବ ପରିବାରରର ହୋଇଥିବା ବେଳେ ଘଟଣାସ୍ଥଳରେ କାନ୍ଦି କାନ୍ଦି ଚେତା ଶୂନ୍ୟ ହୋଇପଡୁଥିଲେ । ଏନେଇ ପରିବାର ଲୋକେ ବାଲିଆପାଳଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ବ୍ୟାଙ୍କ ଏବଂ ରାସ୍ତାରେ ଲାଗିଥିବା ସିସିଟିଭି ଫୁଟେଜ କୁ ଯାଞ୍ଚ କରି ଏହି ଦୁର୍ବୃତ୍ତମାନଙ୍କୁ ଧରିବାକୁ ଦାବି ହୋଇଛି ।

## ଡ଼ିଆସିଲ କାଠିରେ ନିର୍ମିତ ନିଆରା ରାକ୍ଷୀ

ପୁରୀ,୨୧/୦୮ (ନି.ପ୍ର): ଆସନ୍ତାକାଲି ରକ୍ଷୀପୂର୍ଣ୍ଣିମା । ଉଜ୍ୱଳ ଭବିଷ୍ୟତ କାମନା କରି ଭଉଣୀ ଭାଇ ହାତରେ ବାନ୍ଧିଥାଏ ରକ୍ଷୀ । ପ୍ରତିବଦଳରେ ଭଉଣୀର ସୁରକ୍ଷାର ଶପଥ ନେଇଥାଏ ଭାଇ । ଏଥିପାଇଁ ବଜାରରେ ଦେଖିବାକୁ ମିଳିଥାଏ ବିଭିନ୍ନ କିସମର ରକ୍ଷୀ । ତେବେ ରକ୍ଷୀପୂର୍ଣ୍ଣିମାର ଅବ୍ୟବହିତ ପୂର୍ବରୁ କୁମ୍ଭାରପଡ଼ାର ଶାଶ୍ୱତକୁମାର ସାହୁ ନାମକ ଜଣେ ଯୁକ୍ତ୩ ଦ୍ୱିତୀୟ ବର୍ଷ ଛାତ୍ର ନିର୍ମାଣ କରିଛନ୍ତି ଏକ ନିଆରା ଢଙ୍ଗର ରାକ୍ଷୀ । ୧୫୫୦ଟି ଡ଼ିଆସିଲ କାଠିରେ ଶାଶ୍ୱତ ନିର୍ମାଣ କରିଥିବା ରକ୍ଷୀର ମଧ୍ୟଭାଗରେ ରହିଛି ପ୍ରଭୁବଳଭଦ୍ରଙ୍କ ମୁଖମଣ୍ଡଳର ଚିତ୍ର । ଏହି ରାକ୍ଷୀ ପ୍ରସ୍ତୁତ କରିବାକୁ ତାଙ୍କୁ ୧୦ ଘଣ୍ଟା ସମୟ ଲାଗିଥିବା ଶାଶ୍ୱତକହିଛନ୍ତି ।

# ସହରାଞ୍ଚଳ ସଫେଇ କାର୍ଯ୍ୟରେ ଅନିୟମିତତା ଅଭିଯୋଗକୁ ଖଣ୍ଡନ

## ରାଜନୀତି ପାଇଁ ପୌର ଠିକା ସଂସ୍ଥାଙ୍କୁ 'ବଳିକା ବକରା' କରା ନ ଯାଉ

ବାଲେଶ୍ୱର,୨୧/୦୮ (ନି.ପ୍ର): ବାଲେଶ୍ୱର ସହରରେ ସଫେଇ କାର୍ଯ୍ୟରେ ଅବହେଳା ନେଇ ହେଉଥିବା ଅଭିଯୋଗ ସମ୍ପର୍କରେ ମୁହଁ ଖୋଲିଛନ୍ତି ଠିକା ସଂସ୍ଥା କଟକର 'ମଞ୍ଜୁ ସର୍ଭିସେସ'ର ପ୍ରତିନିଧି ଅନୀଲ କିଶୋର ମହାରଣା ଓ 'ସ୍ୱର୍ଣ୍ଣଦେବୀ ଏଜେନ୍ସି'ର ସୌମ୍ୟରଂଜନ ଜେନା । ସ୍ଥାନୀୟ ରାଜନୀତି ପାଇଁ ସେମାନଙ୍କ ସଂସ୍ଥାକୁ ବଳି କା ବକରା କରାଯଉଥିବା ସେମାନେ ଅଭିଯୋଗ ଉଠାଇଛନ୍ତି । ଏହି ଦୁଇ ସଂସ୍ଥା ୨୦୨୦ ମସିହା ଏପ୍ରିଲ ୨ ତାରିଖରୁ ସଫଳତାର ସହିତ ବାଲେଶ୍ୱର ପୌରପାଳିକାର ସମସ୍ତ ୩୧ଗୋଟି ୱାର୍ଡରେ ସଫେଇ କାର୍ଯ୍ୟ, ଟ୍ରାକ୍ଟର ଯୋଗେ ଓଳିଆ ଉଠାଇବା ଓ ଘରକୁ ଘର ଓଳିଆ ସଂଗ୍ରହ ଆଦି କାର୍ଯ୍ୟ କରି ସ୍ୱଚ୍ଛ ଭାରତ ମିଶନ ଦିଲ୍ଲୀ ସ୍ଥିତ ପର୍ଯ୍ୟବେକ୍ଷକଙ୍କ ଠାରୁ ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ତେବେ ୨୦୨୧ ମସିହା ଜାନୁଆରୀ ୩୧ ତାରିଖରେ ଚୁକ୍ତି ଅବଧି ଶେଷ ହୋଇଥିବା ବେଳେ କରୋନା ସଂକ୍ରମଣ କଟକଣା କାରଣରୁ ନୂତନ ଟେଣ୍ଡରହୋଇ ନ ପାରିବାରୁ ବାଲେଶ୍ୱର ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ପୂର୍ବ ଚୁକ୍ତି ଅନୁସାରେ ପ୍ରତିମାସରେ ଏହି ଦୁଇ ଠିକା ସଂସ୍ଥା ଦ୍ୱାରା ସଫେଇ କାର୍ଯ୍ୟ ଜାରି ଥିବା ଦୁଇ ସଂସ୍ଥାର ପ୍ରତିନିଧି କହିଛନ୍ତି । ସାମ୍ପ୍ରତିକ ସ୍ଥିତିରେ ଶ୍ରମିକଙ୍କ ମଜୁରୀ, ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି, ସହରର ଘର ଓ ଜନସଂଖ୍ୟା ବୃଦ୍ଧି ସତ୍ତ୍ୱେ ଦୁଇ ସଂସ୍ଥା ବାଲେଶ୍ୱର ସହରବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପୂର୍ବ ଚୁକ୍ତି ଅନୁସାରେ କ୍ଷତିରେ କାର୍ଯ୍ୟ କରୁଆସୁଥିବା ସେମାନେ କହିଛନ୍ତି । ମାତ୍ର ବିଜେପି ପକ୍ଷରୁ ସଫେଇରେ ଅବହେଳା ଓ ସଫେଇ କର୍ମଚାରୀଙ୍କ ନାମରେ ଅର୍ଥ ଉଠାଣ ଆଦି ବାରମ୍ବାର କରାଯାଉଥିବା ଆରୋପ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ଠିକା ସଂସ୍ଥା ପ୍ରତିନିଧି କହିଛନ୍ତି । ବ୍ୟବସାୟ ପାଇଁ କିଛି ବ୍ୟକ୍ତି ଏଜେନ୍ସି ସହ ହାତ ମିଳାଇଛନ୍ତି କିମ୍ବା ସେମାନଙ୍କ ଟ୍ରାକ୍ଟର କିମ୍ବା ଗାଡ଼ି ଭଡାରେ ଲଗାଇବା ଅଥବା ଏଜେନ୍ସିକୁ ଆର୍ଥିକ ସହାୟତା ପ୍ରଦାନ କରି ପୁଣି ଏଜେନ୍ସି ନିକଟରୁ ବ୍ୟାଙ୍କ ଆକାଉଂଟ ମାଧ୍ୟମରେ ମାସିକ ପ୍ରାପ୍ୟ ନେଉଛନ୍ତି ଯାହାକୁ ବିଜେପି ନେତାମାନେ ଇସ୍ୟୁ କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ସେମାନେ କହିଛନ୍ତି । ସହରରେ ପରିମଳ ବ୍ୟବସ୍ଥା ସୁଚାରୁ ରୂପେ ଚାଲିଥିବା ବେଳେ ଦୁଇ ସଂସ୍ଥା ବିରୋଧରେ ଏଭଳି ମିଥ୍ୟା ଆରୋପ ଉଠାଇବା ଆସୌସମୀଚୀନ ନୁହେଁ ବୋଲି ପ୍ରତିନିଧି ଦ୍ୱୟ କ୍ଷୋଭର ସହ ପ୍ରକାଶ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମଣ ବେହେରା, ସୁରଜ କୁମାର ଜେନା, ଜଗତ ଜୀବନ ଦାସ, ସେଖ ଆୟୁବ, ଦିଲୀପ କୁମାର ମହାନ୍ତି ଏବଂ ସଫେଇ କର୍ମଚାରୀ ସଂଘର କର୍ମକର୍ତ୍ତା ରାମ ବେହେରା, ପ୍ରମିଳା ନାୟକ, ଲକ୍ଷ୍ମୀ ନାୟକ, ଯମୁନା ଦେହେରା, ଭାରତୀ ବେହେରା, ଆଶା ବେହେରା ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

# ଆଇଓସିଏଲ ପକ୍ଷରୁ ଆପାତକାଳୀନ ନିରାପତ୍ତା ମକଡ୍ରିଲ



ବାଲେଶ୍ୱର,୨୧/୦୮ (ନି.ପ୍ର): ବାଲେଶ୍ୱର ସହର ଉପକଣ୍ଠ ହିଡିଗାଁସ୍ଥିତ ଆଇଓସିଏଲ (ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ)ର ପାରାଦ୍ୱୀପ-ହଳଦିଆ-ବାରୁଣୀ ପାଇପ ଲାଇନ କାରଖାନା ପ୍ରାଙ୍ଗଣରେ ଆପାତକାଳୀନ ନିରାପତ୍ତା ସମ୍ପର୍କିତ ମକଡ୍ରିଲ ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଆକସ୍ମିକ ଭାବେ ଯେତେବେଳେ ତେଲ ପାଇପ ଲାଇନରେ ଅଗ୍ନିକାଣ୍ଡ ଭଳି ଦୁର୍ଘଟଣା ଘଟିଲେ, ତତକ୍ଷଣାତ ଏହାକୁ ନିୟନ୍ତ୍ରଣ କରିବା ସମ୍ପର୍କରେ ଏହି ମକଡ୍ରିଲ ଆୟୋଜିତ ହୋଇଥିଲା । ଏଥିରେ ଏନଡିଆରଏଫ, ଅଗ୍ନିଶମ ଏବଂ ଆଇଓସିଏଲ ପ୍ଲାଣ୍ଟର ସୁରକ୍ଷା ଦାୟିତ୍ୱରେ ଥିବା କାର୍ଯ୍ୟକର୍ତ୍ତା ଓ ସମସ୍ତ ଶ୍ରମିକ ଅଂଶଗ୍ରହଣ କରିଥିଲେ । ଆଇଓସିଏଲ (ପିଏଚବିପିଏଲ)ର ଅପରେସନ ମୁଖ୍ୟ ମହେନ୍ଦ୍ର କୁମାର ସାହୁ ଅଗ୍ନିକାଣ୍ଡ ସମୟରେ ଧନଜୀବନ ସୁରକ୍ଷାର ବିଭିନ୍ନ ଦିଗ ଓ ରକ୍ଷା କରିବାର କୌଶଳ ସମ୍ପର୍କରେ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଗ୍ନିଶମ ଅଧିକାରୀ ଶାନ୍ତନୁ ଲେଙ୍କା, ଏନଡିଆରଏଫ ଇନସ୍ପେକ୍ଟର ମନୋରଞ୍ଜନ ମହାନ୍ତି ଏବଂ 'ପିଏଚବିପିଏଲ'ର କର୍ମକର୍ତ୍ତାମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜ ନିଜର ମତାମତ ରଖିଥିଲେ । ଜିଲା ପ୍ରଶାସନ ତରଫରୁ ଓସଡାମା ପ୍ରକଳ୍ପ ଅଧିକାରୀ ଅବନୀକାନ୍ତ ଭୂୟାଁ ଏହି କାର୍ଯ୍ୟକ୍ରମର ଯୋଗଦେଇ ଆପାତକାଳୀନ ନିରାପତ୍ତା ବ୍ୟବସ୍ଥା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ।

# ମହାପ୍ରଭୁ ଆଜି ପିନ୍ଧିବେ ପାଟରାକ୍ଷୀ

ପୁରୀ,୨୧/୦୮ (ନି.ପ୍ର): ଆସନ୍ତାକାଲି ଗହ୍ମାପୂର୍ଣ୍ଣିମା । ଶ୍ରୀମନ୍ଦିରରେ ପ୍ରଭୁ ବଳଭଦ୍ର ଓ ମହାପ୍ରଭୁଶ୍ରୀଜଗନ୍ନାଥ ପିନ୍ଧିବେ ପାଟରାକ୍ଷୀ । ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ବଳଭଦ୍ର ଦୁଇଭୁଜରେ ସୁନା ଲାଗିଥିବା ପାଟରାକ୍ଷୀ ଓ ଗୁଆରମାଳ ପିନ୍ଧିବେ । ନାଲି, ନେଳି, ବାଇଗଣୀ ଓ ହଳଦିଆ ରଙ୍ଗର ପାଟସୂତାକୁ ନରମ କରାଯାଇ ରାକ୍ଷୀ ପ୍ରସ୍ତୁତ କରାଯାଇଥାଏ । ପାଟରା ବିଶୋଇ ସେବକଙ୍କ ଘରେ ରାକ୍ଷୀ ପ୍ରସ୍ତୁତି ଚୁଡ଼ାନ୍ତ ପର୍ଯ୍ୟାୟରେ ପହଂଚିଛି । ପ୍ରଭୁ ବଳଭଦ୍ର ଓ ଶ୍ରୀଜଗନ୍ନାଥଙ୍କ ପାଇଁ ୪ଟି ଗୁଆରମାଳି ପ୍ରସ୍ତୁତ କରାଯାଉଛି । ୫୪ଟି ଗୁଆରେ ଗୋଟିଏ ମାଳ ପ୍ରସ୍ତୁତ କରାଯାଇଥାଏ । ଚାରିଗୋଟି ରଙ୍ଗରେ ଏହିମାଳ ପ୍ରସ୍ତୁତ ହୋଇଥାଏ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ହଳଦିଆ ଓ ନାଲି ଗୁଆରମାଳ ଲାଗି କରାଯାଇଥାଏ । ପ୍ରଭୁ ବଳଭଦ୍ରଙ୍କୁ ନେଳି ଓ ବାଇଗଣୀ ରଙ୍ଗର ଗୁଆରମାଳ ଲାଗି ହୋଇଥାଏ । ପାର୍ଶ୍ୱ ଦେବତାଙ୍କ ପାଇଁ ୧୦ଟି ଛୋଟ ପାଟଫୁଲୀ ତିଆରି କରାଯାଏ ଶ୍ରୀଜିଉଙ୍କ ରାକ୍ଷୀ ଓ ଗୁଆରମାଳ ପ୍ରସ୍ତୁତି ନିଷ୍ଠାର ସହିତ କରାଯାଏ ।

### କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘ : ୧୨ ଗିରଫ

ଭୁବନେଶ୍ୱର,୨୧/୦୮ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୨ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୮୦୨ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୨,୫୫,୦୫୦ଟଙ୍କା ଜୋରିମାନା ଆଦାୟ କରା ଯାଇଛି ।

# ଶ୍ରୀଜଗନ୍ନାଥ ଦର୍ଶନରେ ରହିଛି ବିଶ୍ୱସୃଷ୍ଟି ସଂରଚନାର ବାର୍ତ୍ତା

ପୁରୀ,୨୧/୦୮ (ନି.ପ୍ର): ଶ୍ରୀଜଗନ୍ନାଥ ଦର୍ଶନରେ ବିଶ୍ୱସୃଷ୍ଟି ସଂରଚନାର ସୁକ୍ଷ୍ମ ବୈଜ୍ଞାନିକ ବାର୍ତ୍ତା ରହିଛି । ଭାରତୀୟ ସଭ୍ୟତା, ସଂସ୍କୃତି ଓ ସଂସ୍କାର ଆଧାତ୍ମିକ ବିଦ୍ୟା ଆଧାରିତ ବୋଲି ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ଼କ୍ଟର ହରପ୍ରସାଦ ମିଶ୍ର ମତବ୍ୟକ୍ତ କରିଛନ୍ତି । ସ୍ଥାନୀୟ ରାଣୀସତୀଭବନଠାରେ ଶ୍ରୀଗୁଣ୍ଡିଚା ଆଧାତ୍ମିକ ଟ୍ରଷ୍ଟ ପକ୍ଷରୁ ପ୍ରକାଶିତ ସ୍ୱତନ୍ତ୍ରସଂଖ୍ୟା ଉନ୍ମୋଚନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଯୋଗଦେଇ ଡ଼କ୍ଟର ମିଶ୍ର ଉପରୋକ୍ତ ମତଦେଇଛନ୍ତି । ଟ୍ରଷ୍ଟର ଉପାଧକ୍ଷ ବିନୋଦ କୁମାର ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଦଇତାପତି ରଘୁନାଥ ଦାସ୍ ମହାପାତ୍ର, ବରିଷ୍ଠ ସୁପକାର ସେବକ ଭଗବାନ ସୁଆର, ପୁରୀ ବାରଆସୋସିଏସ୍‌ନର ପୂର୍ବତନ ସଭାପତି ପୁଷ୍କର ମହାପାତ୍ର ଓ ପୂର୍ବତନ ନଗରପାଳ ଶାନ୍ତିଲତା ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇ ସମାଜରେ ଶାନ୍ତି ପ୍ରତିଷ୍ଠା ଲାଗି ଆଧାତ୍ମିକ ଜାଗରଣ ଅପରିହାର୍ଯ୍ୟ ବୋଲି ମତ ଦେଇଥିଲେ । ପ୍ରାରମ୍ଭରେ ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ । ଅଧ୍ୟାପକ ସର୍ବେଶ୍ୱର ଷଡଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟସମ୍ପାଦକ ମଦନମୋହନ ମହାପାତ୍ର ପୁସ୍ତକ ସମ୍ପର୍କରେ ସୂଚନା ଦେଇଥିଲେ । ଅତିଥିମାନଙ୍କ ଦ୍ୱାରା ଟ୍ରଷ୍ଟର ସ୍ୱତନ୍ତ୍ର ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା । ଟ୍ରଷ୍ଟର ସଦସ୍ୟ ଭବାନୀ ପ୍ରସାଦ ବଳିଆରସିଂ ଓ ହେମାଙ୍ଗିନୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଡ଼ଃ ଅଭିମନ୍ୟୁ ଭୂୟାଁ, ଡ଼ଃ କାର୍ତ୍ତିକ କୁମାର ଦାସ,ଅବସରପ୍ରାପ୍ତ ଶିକ୍ଷାଅଧିକାରୀ ବିଜୟଲକ୍ଷ୍ମୀ ଦାଶ, ପ୍ରତିଭା ତ୍ରିପାଠୀ, ଡ଼ଃ ରମାକାନ୍ତ କର, ଡ଼ଃ ବଳରାମ ଦାସ, ଅଶୋକ କୁମାର ମହାପାତ୍ର, ଡ଼ଃ ପ୍ରମୋଦ କୁମାର ଦଳାଇ, ସତ୍ୟରଞ୍ଜନ ମିଶ୍ର ଓ ପ୍ରମୋଦାଦେବୀ ପ୍ରମୁଖ ଉପସ୍ଥିତଥିଲେ ।

# ଥାନାରେ ମିଳୁନି ନ୍ୟାୟ : ସେଙ୍ଗେଲ ଅଭିଯାନ କାର୍ଯ୍ୟକର୍ତ୍ତା ଏସପିଙ୍କୁ ଜଣାଇଲେ ଗୁହାରୀ



ବାରିପଦା,୨୧/୦୮ (ନି.ପ୍ର): ପାଞ୍ଚଟି ଆଦିବାସୀ ଅଧୁଷିତ ପ୍ରଦେଶ ଓଡିଶା, ଆସାମ, ଝାରଖଣ୍ଡ, ବିହାର ଓ ପଶ୍ଚିମବଙ୍ଗରେ ଆଦିବାସୀ ସେଙ୍ଗେଲ ଅଭିଯାନର କାର୍ଯ୍ୟକର୍ତ୍ତା ନେତାଙ୍କ ଦ୍ୱାରା ଆଦିବାସୀ ସମାଜକୁ ପୁନଃ ନିର୍ମାଣ କରିବା ପାଇଁ ଆଦିବାସୀ ସମାଜକୁ ନିଶା ମୁକ୍ତ, ଅନ୍ଧବିଶ୍ୱାସ ମୁକ୍ତ, ଡାହାଣୀ ପ୍ରଥା ମୁକ୍ତ, ଈର୍ଷା ଦ୍ୱେଷ ମୁକ୍ତ, ମନ ଇଚ୍ଛା କଙ୍ଗାରୁ କୋର୍ଟ ବସାଇ ଜୋରିମାନା ମୁକ୍ତ, କୁ-ପୋଷଣ ମୁକ୍ତ ଏବଂ ଆଦିବାସୀ ମହିଳା ବିରୋଧି ମାନସିକତାରୁ ମୁକ୍ତ କରି ଏକ ସୁଦୃଢ଼ ଜାଗ୍ରତ ଆଦିବାସୀ ସମାଜ ଗଠନ କରିବା ଦିଗରେ ଅନୁଷ୍ଠାନ ସଫଳତାର ସହିତ କାର୍ଯ୍ୟ କରି ଅସୁଛି । ଆଦିବାସୀ ସମାଜର ପରଂପରା ଅନୁଯାୟୀ ବିବାହତ୍ସୋବରେ ହାଣ୍ଡିଆର ପ୍ରଚଳନ ରହିଛି । ତେବେ ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ଜାମଗଣ୍ଡିଆ ଗ୍ରାମର ସେଙ୍ଗେଲ ମାଝୀବାବା ମିର୍ଜା ମୁର୍ମୁଙ୍କ ତତ୍ତ୍ୱାବଧାନରେ ଗତ ତା୨୨/୦୬/୨୦୨୧ ରିଖରେ ସ୍ଥାନୀୟ ପୋଲିସ ପ୍ରଶାସନର ସହଯୋଗରେ ଜାମଗଣ୍ଡିଆ ଗ୍ରାମର ଅଶୋକ ମୁର୍ମୁଙ୍କ ବିବାହ କାର୍ଯ୍ ?ଯ ହାଣ୍ଡିଆ ପରିବର୍ତ୍ତେ ପାଣି ବ୍ୟବହାର କରି ବିବାହ କାର୍ଯ୍ୟ ସମ୍ପାଦନ କରାଯାଇଥିଲା । ଏହି କାର୍ଯ୍ୟକୁ ସ୍ଥାନୀୟ ଆଦିବାସୀ ସମାଜ ମୁଖ୍ୟ ହାରାଚାନ୍ଦ ମୁର୍ମୁଙ୍କ ନେତୃତ୍ୱରେ ଗତ ତା ୧୩/୦୮/୨୦୨୧ ରିଖ ଦିନ ଅନୁଷ୍ଠିତ ମାଝୀ ପାର୍ଗାନା ମହଲ ଓ ଆସେକାର ଅନେକ ଗ୍ରାମବାସୀ ତଥା ସଦଶ୍ୟ ମାନଙ୍କର ଜାମଗଣ୍ଡିଆ ଗ୍ରାମରେ ଆୟୋଜିତ ଏକ ବିଶାଳ ଜନସଭାରେ ଆଦିବାସୀ ପରଂପରା ମୁତାବକ ବିବାହତ୍ସୋବରେ ହାଣ୍ଡିଆ ସେବନ ବିଧିକୁ ଉଲଂଘନ କରାଯାଇଥିବା ଅଭିଯୋଗରେ ବିବାହ କରିଥିବା ଅଶୋକ ମୁର୍ମୁଙ୍କ ପରିବାର ବର୍ଗକୁ ଗାଁରୁ ବାସନ୍ଦ କରିବା ସହ ଆଦିବାସୀ ସେଙ୍ଗେଲ ଅଭିଯାନର କର୍ମକର୍ତ୍ତାଙ୍କ ସାହସରେ ଅଶୋକଙ୍କ ପରିବାର ଏଭଳି କରିଥିବାର ଅଭିଯୋଗ କରି ସେମାନଙ୍କୁ ମଧ ଗାଁରେ ପୁରାଇନଦେବା ଏବଂ ମାରପିଟ କରିବା ପାଇଁ ସାଧାରଣ ସଭାରେ ଉପସ୍ଥିତ ଆଦିବାସୀ ସଂପ୍ରଦାୟର ଲୋକଙ୍କୁ ପ୍ରବର୍ତାଇଥିବା ଏବଂ ସେମାନଙ୍କ ଜୀବନ ପ୍ରତି ବିପଦ ଥିବାର ଗତ ତା ୧୬/୮/୨୧ ରିଖରେ ଝାରପୋଖରୀଆ ଥାନାରେ ସେଙ୍ଗେଲ ଅଭିଯାନ ପକ୍ଷରୁ କିଛି ଲୋକଙ୍କ ନାମରେ ଅଭିଯୋଗ କରାଯାଇଥିଲା । ତେବେ ଥାନା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆ ଯାଇ ନଥିବାର ଅଭିଯୋଗ କରି ସେଙ୍ଗେଲ ଅଭିଯାନ ପକ୍ଷରୁ ୧୮ ତାରିଖ ଦିନ ମୟୂରଭଞ୍ଜ ଏସପିଙ୍କ ନିକଟରେ ଅଭିଯୋଗ କରିଥିବାର ଜଣା ଯାଇଛି । ଏବଂ ଆଦିବାସୀ ସେଙ୍ଗେଲ ଅଭିଯାନର କାର୍ଯ୍ୟକର୍ତ୍ତା ମାନଙ୍କର ଜୀବନ ପ୍ରତି ବିପଦ ଥିବାରୁ ଭବିଷ୍ୟତରେ କିଛି ଅଘଟଣ ଘଟିଲେ ମାଝୀ ପାର୍ଗାନା ମହଲ ଓ ଆସେକାର କାର୍ଯ୍ୟକର୍ତ୍ତା ମାନେ ଦାୟୀ ରହିବେ ବୋଲି କୁହାଯାଇଛି । ତେବେ ଗ୍ରାମସଭା ବା କଙ୍ଗାରୁ କୋର୍ଟରେ କାହାକୁ ଜୋରିମାନା କରିବା, ସାମାଜିକ, ଧାର୍ମିକ ବହିଷ୍କାର କରିବା ଆଦି ଆଇନତଃ ଦଣ୍ଡନୀୟ ଅପରାଧ ହୋଇ ଥିବା ବେଳେ, ସ୍ଥାନୀୟ ପୋଲିସ ଘଟଣାକୁ ଗୁରୁତର ସହିତ ନନେବା କାରଣରୁ ବହୁ ସମୟରେ ଆଦିବାସୀ ଅଧୁଷିତ ଜିଲ୍ଲାରେ ଜାତି ପରଂପରା ଓ ଅନ୍ଧବିଶ୍ୱାସ ର ଶୀକାର ହୋଇ ବହୁ ଗରୀବ ନିରିହ ଆଦିବାସୀ ଲୋକେ ବଳଶାଳୀ ମାନଙ୍କ ଦ୍ୱାରା ଷୋଶିତ ହେଉଥିବା ଏପରିକି ଆନେକ ସମୟରେ କୁସଂସ୍କାର କାରଣରୁ ବହୁ ନିରିହ ଜୀବନ ଯାଉଥିବା ବେଶ ଦୁଃଖର ବିଷୟ ବୋଲି ଆଦିବାସୀ ସେଙ୍ଗେଲ ଅଭିଯାନ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି । ଏସପିଙ୍କୁ ଅଭିଯୋଗ କରିବା ଅବସରରେ ସଂଗଠନର କାର୍ଯ୍ୟକର୍ତ୍ତା ନାରାନ ମୁର୍ମୁ, ମାଧବ ଚନ୍ଦ୍ର ମୁର୍ମୁ, ବାବୁଲୁ ମୁର୍ମୁ, ଉଦୟ ନାଥ ହେମ୍ରମ, ବାହାଦୁର ମୁର୍ମୁ, କାଶିରାୟ ଟୁଡୁ, ସୁଦର୍ଶନ ମାର୍ଣ୍ଡି, ବଳରାମ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଉଚ୍ଚଶିକ୍ଷା ଓ ଗଣଶିକ୍ଷା ବିଭାଗର ....

ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି । କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ଦାୟିତ୍ୱ ନେବା ପରେ ଓଡିଶାରେ ପ୍ରଥମ ଥର ପାଇଁ ଉଚ୍ଚଶିକ୍ଷା ବିଭାଗର ଅଧିକାରୀଙ୍କୁ ନେଇ ଆୟୋଜିତ ବୈଠକରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଓଡ଼ିଶାର ଉଚ୍ଚ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଶିକ୍ଷା ଭିତିଭୂମିର ବିକାଶ ପାଇଁ ରୁସାର କାର୍ଯ୍ୟକାରିତା ଉପରେ ସମୀକ୍ଷା କରିବା ସହ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ବୁଝିଥିଲେ । ଏହାସହ ଓଡ଼ିଶାରେ ଅନଲାଇନ ଶିକ୍ଷାକୁ ମଜବୁତ୍ କରିବା, ଗବେଷଣା ପରିସଂସ୍ଥାନର ବିକାଶ ଏବଂ ଜାତୀୟ ଶିକ୍ଷା ନୀତି -୨୦୨୦ ଉପରେ ବିସ୍ତୃତ ଭାବେ କେନ୍ଦ୍ରମନ୍ତ୍ରୀ ଆଲୋଚନା କରିଥିଲେ । ସେହିପରି ଶିକ୍ଷକ ଶିକ୍ଷୟିତ୍ରୀ, ୧୮ ବର୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏବଂ ବିଦ୍ୟାଳୟ ଓ କଲେଜର କର୍ମଚାରୀଙ୍କ ଟିକାକରଣକୁ ଶତପ୍ରତିଶତ ସୁନିଶ୍ଚିତ କରିବା ପାଇଁ ଆସନ୍ତା ସେପ୍ଟେମ୍ବରରେ ଏକ ଅଭିଯାନ ଆରମ୍ଭ କରିବା ପାଇଁ ଉଚ୍ଚ ଶିକ୍ଷା ବିଭାଗର ଅଧିକାରୀଙ୍କୁ କେନ୍ଦ୍ରମନ୍ତ୍ରୀ ପରାମର୍ଶ ଦେଇଥିଲେ । ଓଡ଼ିଶାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅଧିକାରୀଙ୍କ ସହ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ରାଜ୍ୟରେ ଶିକ୍ଷାର ଅଭିବୃଦ୍ଧି ପାଇଁ ସମଗ୍ର ଶିକ୍ଷା ଅଧୀନରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଓଡ଼ିଶାର ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର ଅଧିକାରୀଙ୍କ ସହ ବିସ୍ତୃତ ଭାବରେ ଆଲୋଚନା କରାଯିବା ସହ ରାଜ୍ୟରେ ଜାତୀୟ ଶିକ୍ଷା ନୀତି-୨୦୨୦ର କାର୍ଯ୍ୟକାରିତା ଉପରେ ସମୀକ୍ଷା କରାଯାଇଥିଲା । ବିଦ୍ୟାଳୟ ସ୍ତରରେ ଶିକ୍ଷା ସହ ଧନ୍ଦାମୂଳକ ଶିକ୍ଷା ଏବଂ ଦକ୍ଷତା ବିକାଶକୁ ଏକାଠି କରି ପ୍ରଥମ ପର୍ଯ୍ୟାୟରେ ୧୫୦ ସ୍କୁଲକୁ ନେଇ ପାଇଲଟ୍ ପ୍ରୋଜେକ୍ଟ ଭାବରେ ଆରମ୍ଭ କରିବା ଉପରେ ଆଲୋଚନା କରାଯାଇଛି । ଆଗାମୀ ୨ ବର୍ଷ ମଧ୍ୟରେ ୫୦ ହଜାର ସରକାରୀ ବିଦ୍ୟାଳୟରେ ମୋଦି ସରକାରଙ୍କର ସ୍ୱଜଳଧାରା ଯୋଜନାରେ ପାନୀୟ ଜଳ, ସୌଭାଗ୍ୟ ଯୋଜନାରେ ବିଜୁଳି, ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ, ଭାରତ ନେଟ୍ ଯୋଜନାରେ ଇଂଟରନେଟ୍ ସଂଯୋଗ ଓ ଆନୁଷଙ୍ଗିକ ସୁବିଧା ଉପରେ ଗୁରୁତ୍ୱ ଦିଆଯିବ । ଶିକ୍ଷାର ବିକାଶ କରିବା ଉଭୟ ଭାରତ ଓ ରାଜ୍ୟ ସରକାରଙ୍କର ମିଳିତ ଦାୟିତ୍ୱ । କେନ୍ଦ୍ର ଓ ରାଜ୍ୟ ସମନ୍ୱୟରେ ନୂଆ ଶିକ୍ଷା ନୀତିରେ ବିଶେଷ ଭାବରେ ଗରିବ ଘରର ପିଲା ତଥା ସ୍କୁଲ ମାଡ୍ଡୁ ନଥିବା ପିଲାଙ୍କ ଦକ୍ଷତା ବୃଦ୍ଧି କରି ସେମାନଙ୍କୁ ସ୍ୱରୋଜଗାରର ବାଟ ଦେଖାଇବା ଆମର ଲକ୍ଷ୍ୟ ଏବଂ ଦାୟିତ୍ୱ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ଶିକ୍ଷା କ୍ଷେତ୍ରର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ତାଲିବାନ ବିରୋଧରେ....

ତିନୋଟି ଜିଲ୍ଲାକୁ ଛଡାଇ ନେଇଛନ୍ତି । ସ୍ଥାନୀୟ ଗଣମାଧ୍ୟମକୁ ଏନେଇ ସୂଚନା ଦେଇଛନ୍ତି ଆଫଗାନିସ୍ତାନର ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ବିସମିଲ୍ହା ମୁହମ୍ମଦି । ସେ କହିଛନ୍ତି – "ବିଦ୍ରୋହୀ ସେନା ତାଲାବାନୀ ସେନାଙ୍କ ଉପରେ ଆକ୍ରମଣ କରି ସେମାନଙ୍କ ଠାରୁ ପୁଲ-ଇ-ହେସାର, ଦେହ ସଲାହ ଏବଂ ବାନୁ ଜିଲ୍ଲାକୁ ତାଲିବାନ କବଳରୁ ମୁକ୍ତ କରିଛନ୍ତି । ଦେଶରେ ପ୍ରତିରୋଧର ଶକ୍ତି ଏବେ ବି ବଂଚିଛି" । ପଂଜଶିରରେ ଥିବା ବିସମିଲ୍ହା ମୁହମ୍ମଦି ଆଫଗାନ୍ ସେନାକୁ ଏକଜୁଟ୍ କରୁଛନ୍ତି । ଆଉ ତାଙ୍କ ବିଦ୍ରୋହୀ ସେନା ଖୁବଶୀଘ୍ର ତାଲିବାନ କବଳରୁ ଆଫଗାନିସ୍ତାନକୁ ସ୍ୱାଧିନ କରିବ ବୋଲି ସେ କହିଛନ୍ତି ।

## ତାଲିବାନକୁ ବାଇଡେନଙ୍କ....

ବ୍ରିଟେନ୍ ଓ ତୁର୍କି ସରକାର । ତାଲିବାନ୍ ଆଫଗାନିସ୍ତାନ ଦଖଲ କରିବା ପରେ ସାରା ବିଶ୍ୱ ରାଜନୀତିରେ ଏବେ ଅସ୍ଥିରତା ଦେଖାଦେଇଛି । ଏହା ମଧ୍ୟରେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ୍ ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇଛନ୍ତି । ଆଫଗାନିସ୍ତାନରେ ସ୍ଥାୟୀ ସମାଧାନ ତଥା ସ୍ଥିରତା ଆଣିବାକୁ ବ୍ରିଟେନ୍ ସବୁବେଳେ ଚେଷ୍ଟା କରିଆସିଛି । ଆଫଗାନିସ୍ତାନରେ ଲୋକଙ୍କ ସ୍ୱାର୍ଥ ପାଇଁ ତାଲିବାନ୍ ସହ କାମ କରିବାକୁ ବ୍ରିଟେନ ପ୍ରସ୍ତୁତ ବୋଲି ବୋରିସ୍ ଘୋଷଣା କରିଛନ୍ତି ।ତେଣୁ ଆଗାମୀ ଦିନରେ ତାଲିବାନକୁ ବ୍ରିଟେନ୍ ମାନ୍ୟତା ଦେବ ବୋଲି ଚର୍ଚ୍ଚା ହେଉଛି । ଏହି ଧାଡିରେ ତୁର୍କି ମଧ ରହିଛି । ଆଫଗାନିସ୍ତାନରେ ତୁର୍କି ନାଗରିକଙ୍କ ହିତ ଓ ସୁରକ୍ଷା ପାଇଁ ସେଠାକୁ ନିଜ ସେନା ପଠାଇବ ଯିଏ ତାଲିବାନ୍ ସହ ମିଶି କାର୍ଯ୍ୟ କରିବା ବୋଲି ତୁର୍କି ରାଷ୍ଟ୍ରପତି ରେଚେପ ତୟପ୍ ଏର୍ଦୋଗନ୍ କହିଛନ୍ତି ।

## ପିଲାଙ୍କୁ ଜାଇଡସ୍ ଟିକା ଦେବା ନେଇ ....

ଆବଶ୍ୟକତା ପଡ଼େ, କେନ୍ଦ୍ର ସରକାର ଗାଇଡଲାଇନ ପ୍ରକାଶ କରନ୍ତି ତେବେ ଦିଆଯିବ ବୋଲି ଡିଏମଇଟି ଡାକ୍ତର ସିବିକେ ମହାନ୍ତି । ଆମ ରାଜ୍ୟରେ ବର୍ତ୍ତମାନ ସଂକ୍ରମିତ ଚିହ୍ନଟ ହେଉଛନ୍ତି ସେମାନଙ୍କ ମଧ୍ୟରୁ ପ୍ରାୟ ୧୨ ପ୍ରତିଶତ ଶିଶୁ ରହୁଛନ୍ତି । ଭୁବନେଶ୍ୱର ଓ କଟକରେ ଲୋକମାନେ କୋଭିଡ ନିୟମ ମାନୁ ନଥିବାରୁ ସଂକ୍ରମଣ ବଢୁଛି ।

# ଆଜାଦି କା ଅମୃତ ମହୋତ୍ସବ : ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ ନେହେରୁ ଯୁବକେନ୍ଦ୍ର ଦ୍ୱାରା ଫ୍ରିଡମ୍ ରନ୍



ଭଦ୍ରକ,୨୧/୦୮ (ନି.ପ୍ର): ୭୫ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଭାରତ ସରକାରଙ୍କ ଯୁବ ଓ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଦେଶ ତମାମ୍ ଆଜାଦି କା ଅମୃତ ମହୋତ୍ସବ ପାଳନ କରାଯାଉଛି । ୧୩ ଅଗଷ୍ଟ ରୁ ୨ ଅକ୍ଟୋବର ମଧ୍ୟରେ ପାଳନ କରାଯାଉଥିବା ଏହି ମହୋତ୍ସବରେ ଫିଟ୍ ଇଣ୍ଡିଆ ଏକ ପ୍ରମୁଖ କାର୍ଯ୍ୟକ୍ରମ । ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲ୍ଲା ନେହେରୁ ଯୁବ କେନ୍ଦ୍ର ଦ୍ୱାରା ଜିଲ୍ଲାକ୍ରୀଡ଼ା ବିଭାଗର ସହଯୋଗରେ ଆଜି ସକାଳେ ଫିଟ୍ ଇଣ୍ଡିଆ ଫ୍ରିଡ଼ମ୍ ରନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ମଧୁସୂଦନ ଦାସ ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସବୁଜ ପତାକା ହଲାଇ ଏହି ଦୌଡ଼ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । କୋଭିଡ୍ ନୀତି ପରିପାଳନ ଆଧାରରେ ଅନୁଷ୍ଠିତ ଏହି ଦୌଡ଼ରେ ଭଦ୍ରକ କଲେଜର ଯୁବ ଛାତ୍ରଛାତ୍ରୀ ଓ ନେହେରୁ ଷ୍ଟାଡ଼ିୟମ୍ ଫିଟ୍‌ନେସ୍ ର ଅଭ୍ୟାସକାରୀ ଯୁବ ବର୍ଗ ଅଂଶ ଗ୍ରହଣ କରିଥିଲେ । ଗାନ୍ଧୀ ପଡ଼ିଆ ପର୍ଯ୍ୟନ୍ତ ଏହି ଦୌଡ଼ ଅନୁଷ୍ଠିତ ହୋଇଥିଲା । ଦୌଡ଼ ଶେଷରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଖେଳକୁଦ, ଫିଟ୍ ରେ ଉଜ୍ୱଳ ପ୍ରତିଭାଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ କପିଳେନ୍ଦ୍ର ମିଶ୍ର ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ଜିଲ୍ଲା କ୍ରୀଡ଼ା ଅଧିକାରୀ ମନୋଜ ଦାସ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମର ସଂଯୋଜକ, ଆବାହକ ନେହେରୁ ଯୁବ କେନ୍ଦ୍ରର ଜିଲ୍ଲା ଯୁବ ଅଧିକାରୀ ବିଘ୍ନେଶ୍ ଏମ୍ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ନେଇ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଯୁବପିଢ଼ୀ ହିଁ ଦେଶର ମେରୁଦଣ୍ଡ । ସେମାନେ ହିଁ ଆଗାମୀ କାଲିର ଭବିଷ୍ୟତ । ସେମାନେ ଫିଟ୍ ରହିଲେ ବହୁ କଷ୍ଟଲବ୍ଧ ସ୍ୱାଧୀନ ଭାରତର ଅଖଣ୍ଡତା ବଜାୟ ରହିପାରିବ ବୋଲି ଅତିଥିମାନେ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଜୁନିୟର ଜାତୀୟ ସାଇକ୍ଲିଷ୍ଟ ସ୍ମିତପ୍ରଜ୍ଞ ସୌମିକ୍ ପୋହି, ସାଇକ୍ଲିଂ କୋଚ୍ ଏବଂ ସ୍ପୋର୍ଟ ମୋଟିଭେଟର ମନୋରଞ୍ଜନ ବାରିକ, ଫିଜିକାଲ ଟ୍ରେନର ଜନ୍ମେଞ୍ଜୟ ବାରିକ୍, ଫୁଟବଲ ସ୍ପୋର୍ଟସ ଟ୍ରେନର ରବିନାରାୟଣ ଓଝା ଜାତୀୟ ଫୁଟବଲ ଖେଳାଳୀ ସୁଶାନ୍ତ କୁମାର ମହାପାତ୍ର, ଜାତୀୟ ଟିକଓଣ୍ଡୋ ଖେଳାଳୀ ଚିନ୍ମୟ ବେହେରା ଏବଂ ସତ୍ୟ ପ୍ରକାଶ ମହାନ୍ତି, ଜାତୀୟ ସାଇକ୍ଲିଷ୍ଟ ବର୍ଷାରାଣୀ ବାରିକ୍ ଏନ୍.ଏସ୍.ଏସ୍. ଅଧିକାରୀ ସୁଦର୍ଶନ ଦାସ ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା ।

# ମଧୁର ମାଛ ଚାଷୀଙ୍କୁ ସରକାରୀ ସହଯୋଗ ପ୍ରଦାନ ଶୁଭାରମ୍ଭ

ବାଲେଶ୍ୱର,୨୧/୦୮ (ନି.ପ୍ର): ଅନୁସୂଚିତ ବର୍ଗଙ୍କ ଆର୍ଥିକ ସ୍ଥିତିର ସୁଧାର ପାଇଁ ମନୋନୀତ ଚାଷୀଙ୍କୁ ମତ୍ସ୍ୟଚାଷ ନିମନ୍ତେ ସମସ୍ତ ପ୍ରକାର ସରକାରୀ ପ୍ରୋତ୍ସାହନ ପ୍ରଦାନ ଆରମ୍ଭ ହୋଇଛି । ସ୍ଥାନୀୟ କୁଇନ କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏହି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଅନୁସୂଚିତ ବର୍ଗର ଚାଷୀଙ୍କୁ ସାଂସଦ ଶ୍ରୀ ଷଡ଼ଙ୍ଗୀ ମଧୁର ମାଛ ଜାଆଁଳ ଓ ମାଛଖାଦ୍ୟ ପ୍ରଦାନ କରିଥିଲେ । ବାଲେଶ୍ୱର ଜିଲାର ନୀଳଗିରି ଓ ସଦର ବ୍ଲକର ଅନୁସୂଚିତ ବର୍ଗର ମନୋନୀତ ଚାଷୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି । ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ ଚାଷୀଙ୍କୁ ବି ଏହି ଯୋଜନାରେ ସାମିଲ କରାଯିବା ନେଇ ସାଂସଦ ସେ ସୂଚନା ଦେଇଛନ୍ତି । ସବୁବର୍ଗର ଚାଷୀଙ୍କ ପାଇଁ ସରକାରୀ ରିହାତି ବ୍ୟବସ୍ଥା ଥିବା ବେଳେ ଅନୁସୂଚିତ ବର୍ଗ ଓ ମହିଳା ଚାଷୀଙ୍କ ପାଇଁ ୬୦ ପ୍ରତିଶତରୁ ଅଧିକ ଅର୍ଥ ସରକାର ବହନ କରୁଥିବା ସେ କହିଉଛନ୍ତି । ତେବେ ସାଧାରଣ ବର୍ଗଙ୍କ ପାଇଁ ୪୦ ପ୍ରତିଶତ ରିହାତି ବ୍ୟବସ୍ଥା ଥିବା ସେ କହିଛନ୍ତି । ସରକାରଙ୍କ ପକ୍ଷରୁ ମାଛ ଜାଆଁଳ, ମାଛଖାଦ୍ୟ ସାଙ୍ଗକୁ ଅନ୍ୟାନ୍ୟ ଆନୁସଙ୍ଗିକ ତଥା ବୈଷୟିକ ସହାୟକ ଯୋଗାଇ ଦିଆଯାଉଥିବା ସେ ପ୍ରକାଶ କରିଛନ୍ତି । ଅଧିକରୁ ଅଧିକ ଚାଷୀ ଏହି ଯୋଜନାରେ ସାମିଲ ହେବା ପାଇଁ ଶ୍ରୀ ଷଡ଼ଙ୍ଗୀ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି । ଆଜିର ଏହି ଯୋଜନା ଶୁଭାରମ୍ଭ କାର୍ଯ୍ୟକ୍ରମରେ ଏନଏଫଡିବିର ବରିଷ୍ଠ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏମ କେ ସିହ୍ନା, ମତ୍ସ୍ୟ ବୈଜ୍ଞାନିକ ଡକ୍ଟର ହିମାଂଶୁ କୁମାର ଦେ, ଆଇସିଏଆର ଓ ସିଫାର ମୁଖ୍ୟ ଡକ୍ଟର ସତ୍ୟନାରାୟଣ ସେଠୀ, ଚନ୍ଦ୍ରକାନ୍ତ ମିଶ୍ର, ମୁକୁନ୍ଦଦେବ ଦାସ, ବ୍ୟକ୍ତିଗତ ସଚିବ ଡିପି ରଥ, ଶିଶିର କୁମାର ମହାନ୍ତି ପ୍ରମୁଖ ଏହି ଉପସ୍ଥିତ ଥିଲେ ।

# ଗୋଟିଏ ଦିନରେ ୯୧୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୧/୦୮ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୯୧୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୯୯୧୭୩ ବୃଦ୍ଧି ପାଇଛି। ୧୮ ବର୍ଷରୁ କମ ୧୧୬ ଜଣ ସଂକ୍ରମିତ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୮୩୨୪୫ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ସଂଖ୍ୟା ୯୪୯୭ ରହିଛି । ଆଜି ଚିହ୍ନଟ ହୋଇଥିବା ୯୧୧ ଜଣଙ୍କ ମଧ୍ୟରୁ ୫୩୧ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୮୦ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୭ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୩୫୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିଭଳି ଅନୁଗୋଳ ଜିଲ୍ଲାରୁ ୨୩, ବାଲେଶ୍ୱରରୁ ୫୧, ବରଗଡ଼ରୁ ୭, ଭଦ୍ରକ୍ ରୁ ୧୨, ବଲାଙ୍ଗୀରରୁ ୫ ଜଣ ସଂକ୍ରମିତ ହୋଇଥିବା ବେଳେ , ବୌଦ୍ଧରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସେହିପରି କଟକରୁ ୮୮, ଦେବଗଡରୁ ୧୦ ଢେଙ୍କାନାଳରୁ ୧୬, ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗଜପତିଜିଲ୍ଲାରୁ ୬, ଗଞ୍ଜାମରୁ ୪ ଜଗତସିଂହପୁରରୁ ୨୪, ଯାଜପୁରରୁ ୪୯, ଝାରସୁଗୁଡାରୁ ୨, କଳାହାଣ୍ଡିରୁ ୭, କନ୍ଧମାଳରୁ ୪, କେନ୍ଦ୍ରାପଡ଼ାରୁ ୩୧, କେନ୍ଦୁଝରରୁ ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଖୋର୍ଧା ଜିଲ୍ଲାରୁ ୩୫୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ ୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମାଲକାନାଗିରିରୁ ୭, ମୟୁରଭଞ୍ଜରୁ ୩୮ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

# ବାଲେଶ୍ୱରର ମୌଳିକ ସମସ୍ୟା ସାମାଧାନରେ ଅବହେଳା

## ସିଭିଲ ସୋସାଇଟିର ଆନ୍ଦୋଳନ ଚେତାବନୀ



ବାଲେଶ୍ୱର,୨୧/୦୮ (ନି.ପ୍ର): ବାଲେଶ୍ୱର ଫ୍ଲାଏ ଓଭର ବ୍ରିଜ ମରାମତିର ମନ୍ଥର ତଥା ନିମ୍ନମାନର କାର୍ଯ୍ୟଧାରା ସମେତ ଦୈନନ୍ଦିନ ଜୀବନରେ ସହରବାସୀ ସାମ୍ନା କରୁଥିବା ବିଭିନ୍ନ ସମସ୍ୟାର ଆଶୁ ନିରାକରଣ ଦାବିରେ 'ବଲେଶ୍ୱର ସିଭିଲ ସୋସାଇଟି'ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସହରର ପଦ୍ମୁଆଁପଦା ଉଠା ଜଳସେଚନ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ଉପ-ସଭାପତି ବସନ୍ତ ସ, ସମ୍ପାଦକ ମନୋଜ କୁମାର ନାୟକ, ଉପଦେଷ୍ଟା ଲକ୍ଷ୍ମୀଧର ବେହେରା, ଗୌରାଙ୍ଗ ପାଣିଗ୍ରାହୀ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ସାହୁ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ସ୍ଥିତିରେ ବାଲେଶ୍ୱର ସହରବାସୀ ସାମ୍ନା କରିଚାଲିଥିବା ବିଭିନ୍ନ ସମସ୍ୟା ଓ ଏହାର ସମାଧାନରେ ପ୍ରଶାସନର ଉଦାସୀନତା ସମ୍ପର୍କରେ ସୂଚନା ଦେଇଥିଲେ। ବିଶେଷ କରି ଓଡ଼ିଶାର ପ୍ରଥମ ଫ୍ଲାଏ ଓଭର ବ୍ରଜ ଶୋଚନୀୟ ସ୍ଥିତିକୁ ଦୃଷ୍ଟିରେ ରଖି ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହେବା ସାଙ୍ଗକୁ ସୋସାଇଟି କର୍ମକର୍ତ୍ତାମାନେ ଗଣଧାରଣା, ସ୍ମାରକପତ୍ର ପ୍ରଦାନ ଆଦି କାର୍ଯ୍ୟକ୍ରମ କରିବା ପରେ ଏହାର ମରାମତି ପାଇଁ ୪ କୋଟି, ୯୩ ଲକ୍ଷ ୨୫ ହଜାର ୭୪୨ ଟଙ୍କାର ଅନୁଦାନ ସରକାର ମଞ୍ଜୁର କରିଥିଲେ। ଟେଣ୍ଡର ମାଧ୍ୟମରେ ଦିଲୀର ହାରକ୍ୟୁଲେସ ଷ୍ଟ୍ରକଚରାଲ ସିଷ୍ଟମ ପ୍ରାଇଭେଟ ଲିମିଟେଡ ନାମକ ନିର୍ମାଣ ସଂସ୍ଥା ଏହାର କାର୍ଯ୍ୟାଦେଶ ନେବା ସହ ୯ମାସ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ନେଇ ଚୁକ୍ତି କରିଥିଲା। ମରାମତି ପାଇଁ ବ୍ରିଜ ତଳେ ଥିବା ଦୋକାନ ଉଚ୍ଛେଦ ଏକାନ୍ତ ଆବଶ୍ୟକ ହୋଇଥିବା ବେଳେ କାର୍ଯ୍ୟ ଦାୟିତ୍ୱ ନେଇଥିବା ପୂର୍ତ୍ତ ବିଭାଗ ପକ୍ଷରୁ ଏନେଇ ପ୍ରଶାସନକୁ ଅବଗତ କରାଯାଇଥିଲା। ମାତ୍ର କାର୍ଯ୍ୟ ଆରମ୍ଭକୁ ଦୀର୍ଘଦିନ ବିତି ଯାଇଥିଲେ ବି ପ୍ରଶାସନ ଉଚ୍ଛେଦ ବାବଦରେ କୌଣସି ପଦକ୍ଷେପ ନ ନେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ସୋସାଇଟିର କର୍ମକର୍ତ୍ତାମାନେ ଆରୋପ କରିଛନ୍ତି। ଏନେଇ ସୋସାଇଟି ପକ୍ଷରୁ ରାଜ୍ୟ ଉଚ୍ଚନ୍ୟାୟାଳୟରେ ୨ ଗୋଟି ମାମଲା ଏବେ ବିଚାରାଧୀନ ଅଛି। ଦୋକାନ ଉଚ୍ଛେଦ ନହେବା କାରଣରୁ ନିର୍ମାଣ ସଂସ୍ଥା ବ୍ରିଜର ଉପରଭାଗ ଠିକ ଭାବେ ମରାମତି କରିପାରୁ ନାହିଁ। ଫଳରେ ପୋଲର ଉପରିଭାଗରେ ସୃଷ୍ଟି ହୋଇଥିବା ବଡ଼ବଡ଼ ଖାଲପଡ଼ି ଲୋକେ ବିଭିନ୍ନ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ପ୍ରଶାସନିକ ଅବହେଳା ପାଇଁ ପୋଲ ମରାମତି ବାବଦରେ ମଞ୍ଜୁର ୫ କୋଟି ଟଙ୍କା ପାଣିକୁ ଯିବା ଭଳି ସ୍ଥିତି ସୃଷ୍ଟି ହୋଇଛି ବୋଲି କର୍ମକର୍ତ୍ତାମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ସେହିଭଳି ଭୁଶୁଡ଼ି ପଡ଼ିଥିବା ନିଷ୍କାସନ ବ୍ୟବସ୍ଥା ସହରବାସୀଙ୍କ ପାଇଁ ଆଉଏକ ଦୁଃଖ ବୋଲି ସେମାନେ କହିଛନ୍ତି। ସହରର ନାଳ ଓ ମହାନାଳ ପୁନରୁଦ୍ଧାର ପାଇଁ କୋଟି କୋଟି ଟଙ୍କା ଆସୁଥିଲେ ବି ତା'ର ସୁବିନିଯୋଗ ଅଭାବ ଓ ଜବରଦଖଲ ଉଚ୍ଛେଦ କରିବାର ପ୍ରଶାସନିକ ଅବହେଳା ଆଗାମୀ ଦିନରେ ସହରବାସୀଙ୍କ ପାଇଁ ମହା ବିପଦ ହେବ ବୋଲି ସୋସାଇଟିର କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଅମୃତ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟରେ ମାଟିତଳେ ପାଇପ ବିଛା ହୋଇଥିଲେ ବି ଅଦ୍ୟାବଧି ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ସୁଧାର ଆସିଲା ନାହିଁ। ଅନୁରୂପ ଭାବେ ସମସ୍ତ ଭିତ୍ତିଭୂମି ଥାଇ ମଧ୍ୟ ବାଲେଶ୍ୱରରେ ରେଳ ଡିଭିଜନ ପ୍ରତିଷ୍ଠା ନହେବା ଓ ଷ୍ଟେସନ ସଂପ୍ରସାରଣ ପ୍ରକଳ୍ପ ଅଦ୍ୟାବଧି କାର୍ଯ୍ୟକାରୀ ହୋଇ ପାରିଲା ନାହିଁ। ଏହିସବୁ ମୌଳିକ ସମସ୍ୟାର ସାମାଧାନ ପାଇଁ ଆସନ୍ତା ଅକ୍ଟୋବର ମାସରୁ ଲଗାତର ଆନ୍ଦୋଳନ ଜାରି ରହିବ ବୋଲି ସିଭିଲ ସୋସାଇଟିର କର୍ମକର୍ତ୍ତାମାନେ ଏହି ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଛନ୍ତି।

# ନିରାଡମ୍ବର ଭାବେ ପାଳିତ ହେଲା ମହରମ ପର୍ବ

ଭଦ୍ରକ,୨୧/୦୮ (ନି.ପ୍ର): ତ୍ୟାଗ ବଳିଦାନର ପର୍ବ ତଥା ଇସଲାମ ଧର୍ମର ପ୍ରଥମ ମାସ ମହରମ ପର୍ବ ଆଜି ଭଦ୍ରକ ସହରରେ କୋଭିଡ କଟକଣା ମଧ୍ୟରେ ପାଳିତ ହୋଇଛି। ଗତବର୍ଷ ଠାରୁ କ୍ରମାଗତ ଦ୍ୱିତୀୟ ବର୍ଷରେ ଏହି ପବିତ୍ର ମହରମ ପର୍ବ କରୋନା ସଂକ୍ରମଣ ପାଇଁ ସମ୍ପୂର୍ଣ୍ଣ ଫିକା ପଡ଼ିଛି। ଏହି ପର୍ବ ଇସଲାମ ଧର୍ମରେ ଚନ୍ଦ୍ର ଗଣନାକୁ ଆଧାର କରି ପାଳନ କରାଯାଇଥାଏ। ଗତ ମଙ୍ଗଳବାର ସଂଧ୍ୟାରେ ଚନ୍ଦ୍ରକୁ ଦେଖି ବୁଧବାର ଇସଲାମ ଧର୍ମର ନବବର୍ଷ ତଥା ମହରମ ପର୍ବ ପାଳନ କରାଯାଇଥିଲା। ଏବଂ ଚନ୍ଦ୍ରର ଆଜି ୧୦ ଦିନ ତଥା(ୟମେ-ଅସୁରା) ୟାଦେଁ ଏମାମ ହେସେନ ଶୁକ୍ରବାରରେ ପର୍ବ ପାଳନ କରାଯାଇଥିଲା। ଏହାକୁ ମହରମ ପର୍ବ କୁହାଯାଏ। ମହାପୁରୁଷ ପ୍ରଫେଟ ମହମ୍ମଦଙ୍କ ନାତି ହଜରତ ଏମାମ୍ ହୋସେନ କରବଲା ମଇଦାନରେ ସହିଦ ହୋଇଥିଲେ। ଏହି ମହରମ ପର୍ବରେ ପ୍ରତ୍ୟେକ ଛକ ସହିତ ଟ୍ରେନିଂ ସ୍କୁଲ ପଡ଼ିଆ, ମଦିନା ମଇଦାନରେ ଧର୍ମସଭାର ଆୟୋଜନ ହେଉଥିଲା। କିନ୍ତୁ କରୋନା କଟକଣା ପାଇଁ ଆଜି କୌଣସି ସ୍ଥାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ନାହିଁ। ଏହି ପର୍ବରେ ଏମାମ ହୋସେନଙ୍କ ସ୍ମୃତିରେ ପ୍ରତ୍ୟେକ ଘରେ ଉପବାସ ରଖନ୍ତି ଓ କୋରାନ ପଢ଼ନ୍ତି। ତେବେ ପ୍ରଶାସନର କଟକଣାକୁ ମାନି ଚଳିତ ବର୍ଷ ଶ୍ରଦ୍ଧାଳୁ ଘରେ ରହି ଏହି ପର୍ବ ପାଳନ କରିଛନ୍ତି।

# ପ୍ରେମ : ମନ୍ଦିରରେ ବିବାହ, ପତ୍ନୀକୁ ଛାଡ଼ି ପତି ଫେରାର

## ନ୍ୟାୟ ପାଇଁ ସ୍ୱେଚ୍ଛାସେବୀ ସଂଗଠନ ସହ ପୀଡ଼ିତା ଏସପିଙ୍କ ଦ୍ୱାରସ୍ଥ



ଭଦ୍ରକ,୨୧/୦୮ (ନି.ପ୍ର): ପ୍ରଥମେ ପ୍ରେମ, ପ୍ରେମରୁ ମନ୍ଦିରରେ ବିବାହ, ହନିମୁନ ପରେ ପତ୍ନୀଙ୍କୁ ଛାଡ଼ି ପତି ଫେରାର। ଏବେ ପୀଡ଼ିତା ଉପାୟ ନପାଇ ସ୍ୱେଚ୍ଛାସେବୀ ସଂଗଠନର ସହାୟତା ନେଇ ଏସ୍‌ପିଙ୍କ ପାଖରେ ନ୍ୟାୟ ପାଇଁ ଗୁହାରୀ କରିଛନ୍ତି। ଫେରାର ପତିଙ୍କୁ ଗିରଫ କରି ତାଙ୍କୁ ନ୍ୟାୟ ଦେବାକୁ ଦାବି କରିଛନ୍ତି। ଭଦ୍ରକ ଜିଲ୍ଲା ଧୂଷୁରୀ ବୟାଙ୍ଗଡିହ ପଞ୍ଚାୟତର ଭଉଁରିଆବାଙ୍କ ଗ୍ରାମର ଜଣେ ଯୁବତୀଙ୍କୁ ସେହି ଗ୍ରାମର ସୌମ୍ୟ ରଂଜନ ନାୟକ ପ୍ରେମ କରି ସ୍ଥାନୀୟ ଲକ୍ଷ୍ମୀ ମନ୍ଦିରରେ ବିବାହ କରିଥିଲେ। ଚୁଡାକୁଟି ଗ୍ରାମର ଜଣେ ବନ୍ଧୁଙ୍କ ଘରେ ଓ ପରେ ତାଙ୍କୁ ହାଇଦ୍ରାବାଦ ନେଇଯାଇ ସେଠାରେ ତାଙ୍କ ସହ ଶାରିରୀକ ସମ୍ପର୍କ ସ୍ଥାପନ କରିଥିଲେ। ପରିବାର ଲୋକେ ଯୁବତୀଙ୍କୁ ବୋହୂ ଭାବେ ସ୍ୱୀକାର କରିନେବାର ପ୍ରତିଶ୍ରୁତି ଦେଇ ଉଭୟଙ୍କୁ ହାଇଦ୍ରାବାଦରୁ ଫେରାଇ ଆଣିଥିଲେ ମଧ ପରବର୍ତ୍ତୀ ସମୟରେ ଯୁବତୀଙ୍କୁ ତାଙ୍କ ଶାଶୁଘରକୁ ପ୍ରବେଶ କରାଇ ଦେଇ ନଥିଲେ। ପରନ୍ତୁ ଯୁବତୀଙ୍କୁ ମୋଟର ସାଇକେଲରେ ଆଣି ରାତିରେ ତାଙ୍କ ବାପଘର ଆଗରେ ଛାଡି ସୌମ୍ୟରଂଜନ ପଳାଇଯାଇଛନ୍ତି। ଏ ସଂକ୍ରାନ୍ତରେ ଯୁବତୀ ଜଣଙ୍କ ନାରୀ ସୁରକ୍ଷା ସଂଗଠନ 'ଆଶୀର୍ବାଦ'ର ସହଯୋଗ ନେଇ ତା'ର ସମ୍ପାଦିକ ମଞ୍ଜୁଲତା ସ୍ୱାଇଁଙ୍କ ସହ ଧୂଷୁରୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ଚୂପ୍ ରହିବାରୁ ବାଧ ହୋଇ ସଂଗଠନ ସହ ଧାମନଗର ଏସଡ଼ିପିଓଙ୍କୁ ଜଣାଇଥିଲେ। ମାତ୍ର ସେ ମଧ କୌଣସି ପଦକ୍ଷେପ ନନେବାରୁ ଆଜି ପୀଡ଼ିତା , ଆଶୀର୍ବାଦ ସଂଗଂନର କର୍ମକର୍ତ୍ତା ଏସପିଙ୍କୁ ଭେଟିବାକୁ ଆସି ଅତିରିକ୍ତ ଏସପି ବିଜୟ ରଂଜନ କେରକେଟାଙ୍କୁ ଭେଟି ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ତେବେ ପୁଲିସ ତରନ୍ତ ପଦକ୍ଷେପ ନେବ ବୋଲି ପ୍ରତିଶୃତି ଦେଇଛି।

## ନିର୍ମାଣାଧିନ ମନ୍ଦିର ବାଡରୁ ଝୁଲନ୍ତା ଅଚିହ୍ନା ଶବ ଉଦ୍ଧାର

ଜଳେଶ୍ୱର,୨୧/୮(ନିପ୍ର) : ଆଜି ସକାଳେ ଜଳେଶ୍ୱର ଥାନା ଅନ୍ତର୍ଗତ ରାଜପୁର ଗ୍ରାମରେ ନିର୍ମାଣାଧିନ ଏକ ଶିବମନ୍ଦିରର ବାଡରୁ ଜଣେ ଅଚିହ୍ନା ଲୋକର ଶବ ଉଦ୍ଧାର କରିଛି ପୁଲିସ୍ । ଲୋକଟି କଳାରଂଗର ପେଣ୍ଟ ପିନ୍ଧିଥିବା ବେଳେ କଳା ରଂଗର ବେନିଅନ ପିନ୍ଧିଥିବା ଦେଖିବାକୁ ମିଳିଛି । ତାର ପରିଚୟ ମିଳିପାରିନଥିବା ବେଳେ ତା ପକେଟରୁ ଏକ ବସ୍ ଟିକ୍ଟ ଏକ ଛୋଟ ବେକ୍‌ରୁ ପାଣି ବୋତଲ ମିଳିଥିବା ପୁଲିସ୍ ସୂତ୍ରରୁ ପ୍ରକାଶ। କିନ୍ତୁ ଏପରି ବ୍ୟକ୍ତି ଜଳେଶ୍ୱରକୁ କାହିଁକି ଆସିଥିଲା ଓ ତାର ପ୍ରକୃତ ପରିଚୟ କଣ ଏ ସମ୍ପର୍କରେ ପୁଲିସ୍ ତଦନ୍ତ ଜାରି ରଖିଥିବା ବେଳେ ଶବକୁ ପୋଷ୍ଟମୋଟମ କରାଯାଇଛି ।

# ଅଙ୍ଗନବାଡ଼ି କର୍ମୀ-ସହାୟିକା ସଂଘ ବୈଠକ

## ଅକ୍ଟୋବର ଦ୍ୱିତୀୟ ସପ୍ତାହରେ ଜିଲ୍ଲାବ୍ୟାପୀ ଆନ୍ଦୋଳନ ନିଷ୍ପତ୍ତି



ବାଲେଶ୍ୱର,୨୧/୦୮ (ନି.ପ୍ର): ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ସଂଘର ଏକ ବୈଠକ ଏଆଇଟିୟୁସିର ଜିଲା ସଭାପତି ଭାଗବତ ପ୍ରତିହାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପଦ୍ମୁଆଁପଦାସ୍ଥିତ ଉଠାଜଳସେଚନ କର୍ମଚାରୀ ଭବନ ସଭାଗୃହରେ ଆୟୋଜିତ ବୈଠକରେ ସମ୍ପାଦିକା ଗୌରୀ ଦାସ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ସୂଚନା ଦେଇଥିଲେ। ସବିତା ମଲିକ, କବିତା ମହାନ୍ତି, ରାଧାରାଣୀ ପଣ୍ଡା, ଆରତୀ ଦାସମହାପାତ୍ର, ସୁକାନ୍ତି ବିଶ୍ୱାଳ, ସୁନନ୍ଦା ତାଲଦି, ନମିତା ସାହୁ, ସୁକାନ୍ତି ପ୍ରଧାନ, ରାଜଲକ୍ଷ୍ମୀ ପଣ୍ଡା, ବସୁମତୀ ପ୍ରଧାନ ପ୍ରମୁଖ ବ୍ଲକ କମିଟି କର୍ମକର୍ତ୍ତା ଏଥିରେ ଉପସ୍ଥିତ ରହି ସାମ୍ପ୍ରତିକ ସ୍ଥିତିରେ କର୍ମୀ ଓ ସହାୟିକାମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ କହିଥିଲେ। ବିଶେଷ କରି ଦରଦାମ ବୃଦ୍ଧି ଯୋଗୁଁ ଧାର୍ଯ୍ୟ ଗରମ ରନ୍ଧା ଖାଦ୍ୟ ପ୍ରଦାନ ଜନିତ ସମସ୍ୟା, କରୋନା ବେଳେ ଜୀବନକୁ ବିପଦରେ ପକାଇ ସରକାରୀ ନିର୍ଦ୍ଦେଶରେ କରିଥିବା କାର୍ଯ୍ୟର ପାଉଣା ନ ମିଳିବା, ଏକାଧିକ ବିଭାଗର କାର୍ଯ୍ୟ କରି ମଧ୍ୟ ଉଚିତ ପ୍ରାପ୍ୟ ନ ପାଇବା, ଦୁର୍ନୀତିରେ ଲିପ୍ତ କେତେକ ସିଡିପିଓ ଏବଂ ସୁପରଭାଇଜରଙ୍କ ଯୋଗୁଁ କର୍ମୀମାନେ ବଦନାମ ହେବା, ରାଜନୈତିକ ଆକ୍ରୋଶରେ ଅଙ୍ଗନବାଡ଼ି କର୍ମୀମାନଙ୍କ ବିରୋଧରେ ହେଉଥିବା କାର୍ଯ୍ୟାନୁଷ୍ଠାନ ଆଦି ସମସ୍ୟା ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା। ଏନେଇ ଜିଲାପାଳ ଓ ଜିଲା ସମାଜ ମଙ୍ଗଳ ଅଧିକାରିଣୀଙ୍କଠାରେ ଦାବି ଉପସ୍ଥାପନ ପାଇଁ ନିଷ୍ପତ୍ତି ନିଆଯାଇଛି। ଦାବି ସମାଧାନ ଦିଗରେ ଯଦି ବ୍ଲକ ସ୍ତରରେ ଉଚିତ ପଦକ୍ଷେପ ଗ୍ରହଣ କରା ନଯାଏ ତାହାଲେ ଆସନ୍ତା ଅକ୍ଟୋବର ମାସ ୨ୟ ସପ୍ତାହରେ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନେ ଜିଲାବ୍ୟାପୀ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଏହି ବୈଠକରେ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଏଆଇଟିୟୁସିର ରାଜ୍ୟ ଉପ-ସଭାପତି ଗୌରାଙ୍ଗ ପାଣିଗ୍ରାହୀ, ରାଜ୍ୟ ସମ୍ପାଦକ ମାୟାଧର ନାୟକ, ଜିଲା ସମ୍ପାଦକ ଶ୍ୟାମସୁନ୍ଦର ଜେନା ପ୍ରମୁଖ ଏହି ବୈଠକରେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ବିରୋଧରେ ମେହନତି ଜନଗଣ ଐକ୍ୟବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ। ମୋନାଲିସା ଭୋଇ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# କର୍ମଚାରୀ ମରୁଡ଼ି : ୩ କର୍ମଚାରୀରେ ଚାଲିଛି ଜଳେଶ୍ୱର କୋଷାଗାର

ଜଳେଶ୍ୱର,୨୧/୦୮ (ନି.ପ୍ର): ଦିନଥିଲା ଉତ୍ତର ବାଲେଶ୍ୱରର ଜଳେଶ୍ୱର, ବାଲିଆପାଳ, ଭୋଗରାଇକୁ ନେଇ ଜଳେଶ୍ୱରଠାରେ ଏକ କୋଷାଗାର ରହିଥିଲା । ଏବେ ପ୍ରତିବ୍ଲକରେ କୋଷାଗାରର ବ୍ୟବସ୍ଥା ହୋଇଥିଲେ ମଧ୍ୟ ଜଳେଶ୍ୱର ଅଂଚଳର ୨୨ଟି ବିଭାଗର କର୍ମଚାରୀମାନଙ୍କ ଦରମା ଏହି କୋଷାକାରରୁ ଯାଇଥାଏ । ପ୍ରତିମାସରେ ଭାରପ୍ରାପ୍ତ ଅଧିକାରୀ ତାଙ୍କ ବିଭାଗର ସମସ୍ତ କର୍ମଚାରୀଙ୍କ ଦରମା ଟଙ୍କା ଉଠାଇ ପ୍ରଦାନ କରିଥିଲେ । ଏବେ ପାଞ୍ଚଶହ ଜଣ ଅବସରପ୍ରାପ୍ତ କର୍ମଚାରୀ ଏହି କୋଷାଗାରରୁ ପେନ୍‌ସନ ନେଇ ଆସୁଛନ୍ତି । ଏଠାରେ ଜଣେ ଅଫିସର ରହିବାକୁ ଥିବା ବେଳେ ଜଣେ ହିସବରକ୍ଷକ, ୨ଜଣ ବରିଷ୍ଠା କିରାଣୀ, ୨ଜଣ କନିଷ୍ଠ କିରାଣୀ, ଜଣେ ପିଅନ୍ ଓ ୨ଜଣ ୱାଚ୍‌ମ୍ୟାନ୍ ପଦବି ଥିବା ବେଳେ ବରିଷ୍ଠ କିରାଣୀ ୨ଜଣ , କନିଷ୍ଠ କିରାଣୀ ଜଣେ ଓ ପିନ୍ ଓ ୨ ରାତ୍ରୀଜଗୁଆଳି ପଦବିରେ କେହି ନାହାନ୍ତି । ଅଫିସରଭାବେ ସତ୍ୟନାରାୟଣ ପଣ୍ଡା ଓ ହିସବା ରକ୍ଷକଭାବେ ଦିଲ୍‌ଇପ କୁମାର ଦାସ କାମ ଚଳାଇ ଆସୁଛନ୍ତି । ଫଳରେ ଲୋକଙ୍କୁ ନିର୍ଦ୍ଦିଷ୍ଟ ସମୟରେ ଦରମା, ପେନ୍‌ସନ ଇତ୍ୟାଦି ମିଳିପାରୁନଥିବା ଅଭିଯୋଗ ହୋଇ ଆସୁଛି ।

# କବି ପ୍ରସନ୍ନ ମିଶ୍ରଙ୍କ ପ୍ରଥମ ବାର୍ଷିକ ଶ୍ରଦ୍ଧାଞ୍ଜଳିସଭା

ପୁରୀ,୨୧/୦୮ (ନି.ପ୍ର): ବିଶିଷ୍ଟ ସାରସ୍ୱତ ସାଧକ, କବି ଓ ସମବାୟବିତ୍ ପ୍ରସନ୍ନ କୁମାରମିଶ୍ରଙ୍କ ପ୍ରଥମ ବାର୍ଷିକ ଶ୍ରଦ୍ଧାଞ୍ଜଳିସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ମିଶ୍ରଙ୍କ ନବକଳେବରରୋଡ଼ସ୍ଥିତ ବାସଭବନରେ ମହେନ୍ଦ୍ର ବିଶୋଇଙ୍କ ସଂଯୋଜନାରେ ଏକ ସ୍ମୃତି ଚାରଣସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କବି ମାନସ ରଞ୍ଜନ ମହାପାତ୍ର, ଶୈଳବାଳା ମହାପାତ୍ର, ବଦ୍ରୀ ମିଶ୍ର,ବିରେନ୍ଦ୍ର ମହାନ୍ତି, ଶ୍ୟାମପ୍ରକାଶ ସେନାପତି, କୃଷ୍ଣା ମହାପାତ୍ର,ବିପିନ୍ ବିହାରୀ ଦଳାଇ,ପ୍ରକାଶ କୁମାର ରଥ ଓ ଦେବାଶିଷ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାପାତ୍ରଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସ୍ମୃତି ସଂସଦ ପକ୍ଷରୁ ପ୍ରକାଶିତ 'ପ୍ରସନ୍ନ ସୌରଭ' ଲୋକାର୍ପିତ ହୋଇଥିଲା। ସ୍ମୃତି ସଂସଦର ସମ୍ପାଦକ ବିନାୟକ ମିଶ୍ର,ପ୍ରଭାତ କୁମାର ମିଶ୍ର ଓ ପ୍ରଦୀପ କୁମାର ମିଶ୍ର ପ୍ରମୁଖ ଉପସ୍ଥିତଥିଲେ।

## ବିପଦଶଂକୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫରମର



ଜଳେଶ୍ୱର,୨୧/୦୮ (ନି.ପ୍ର): ବିଦ୍ୟୁତ୍ ବିତରଣ ଓ ରକ୍ଷଣାବେକ୍ଷଣ ଲାଗି ସରକାର ବିଭିନ୍ନ ଯୋଜନା କରି ଘରୋଇ ବିଭାଗକୁ ଦାୟିତ୍ୱ ଦେଇଥିବା ବେଳେ ଏଣିକି ବାଲେଶ୍ୱର ଜିଲାରେ ଟାଟା କମ୍ପାନୀ ଏହାର ଦାୟିତ୍ୱ ନେଇଛି। ଜଳେଶ୍ୱର ବ୍ଲକର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ସବ୍‌ଷ୍ଟେସନ ଗୁଡିକ ବିପଦଶଂକୁଳ ଅବସ୍ଥାରେ ରହିଥିବାର ଦେଖିବାକୁ ମିଳୁଛି। ବହୁ ସ୍ଥାନରେ ଖୋଲା ତାର ଓହଳି ରହିଛି କେଉଁଠି ହାଇ ଭୋଲଟେଜ ଟ୍ରାନ୍ସଫରମରର ତାର ହାତପାଆନ୍ତାରେ ଝୁଲୁଛି। ସମସ୍ତ ଟ୍ରାନ୍ସଫରମରର କୁ ତାରବାଡ ଦେଇ ବନ୍ଦ କରିବା ନିୟମ ଥିବା ବେଳେ ବହୁ ସ୍ଥାନରେ ଏହାର ବ୍ୟତିକ୍ରମ ଦେଖା ଦେଇଛି। ଏପରି ଘଟଣା ଦେଖିବାକୁ ମିଳିଛି ଜଳେଶ୍ୱର ବ୍ଲକର ଆମ୍ବଳିଅଠା ଗ୍ରାମ ମଧ୍ୟ ସ୍କୁଲରେ ଥିବା ଏକ ଟ୍ରାନ୍ସଫରମର । ଏହାର ନିକଟରେ ସ୍କୁଲ, ଅଂଗନଓ୍ୱାଡି କେନ୍ଦ୍ର, ଗ୍ରାମବିକାଶ କେନ୍ଦ୍ର, କ୍ଲବ, ପାଣିପମ୍ପ, ସମବାୟ ସମିତି କାର୍ଯ୍ୟାଳୟ, ଶିବ ମନ୍ଦିର ଓ ଏକ ଖେଳ ପଡିଆ ଥିବା ବେଳେ ଶହ ଶହ ଛୋଟ ଛୋଟ ପିଲାମାନେ ପ୍ରତିଦିନ ଖେଳିଥାନ୍ତି । ଉକ୍ତ ସ୍ଥାନଟି ସବୁବେଳେ ଗହଳି ଲାଗିଥିବା ବେଳେ ଟ୍ରାନ୍ସଫରମରଟି ବିପଦଶଂକୁଳ ଅବସ୍ଥାରେ ରହିଥିବାରୁ କେତେବେଳେ ବି ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି । ତେଣୁ ଯଥାଶୀଘ୍ର ଏହାର ଚାରିପଟେ ପାଚେରୀ କିମ୍ବା ବାଡ ଦେ ବାରର ବ୍ୟବସ୍ଥା କରିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି ।

# ଇନରହ୍ୱିଲ କ୍ଲବର ଚେୟାରମ୍ୟାନ ଭିଜିଟ କାର୍ଯ୍ୟକ୍ରମ



ଉଦଳା,୨୧/୦୮ (ନି.ପ୍ର): ଇନରହ୍ୱିଲ କ୍ଲବ ଉଦଳା ଶାଖା ତରଫରୁ ଚେୟାରମ୍ୟାନ ଭିଜିଟ କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇ ଯାଇଛି । କ୍ଲବର ସଭାପତି ଜୟନ୍ତି ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଏଡ଼ିଟର ପ୍ରମିଳା ପଣ୍ଡା ସଂଚାଳନ କରିଥିଲେ । ଶ୍ରୀଜଗନ୍ନାଥଙ୍କ ଫୋଟଚିତ୍ରରେ ପୁଷ୍ପ, ଧୂପ, ଦୀପ ପ୍ରଦାନ ପୂର୍ବକ କାର୍ଯ୍ୟକ୍ରମର ଉଦ୍‌ଘାଟନ କରାଯାଇଥିଲା । ପ୍ରାରମ୍ଭରେ କ୍ଲବର ସଦସ୍ୟା ମାନଙ୍କ ଦ୍ୱାରା ସାମୂହିକ ଇନରହ୍ୱିଲ ସଂଗୀତ ଗାନ କରାଯିବବା ସହିତ ନୃତ୍ୟ ଶିଳ୍ପୀ ଦେବାଂଶି, ଅନ୍ୟନ୍ୟା, ଅଭିନ୍ନାଙ୍କ ଦ୍ୱାରା ନୃତ୍ୟ ପରିବେଷିତ ହୋଇଥିଲା । ସ୍ୱାଧିନତା ଦିବସରେ ହୋଇଥିବା ନୃତ୍ୟ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ଚେୟାରମ୍ୟାନ ମନିଷା ଶ୍ରୀବାସ୍ତବ ପୁରସ୍କୃତ କରିଥିଲେ । ଏହା ସହିତ ଆର୍ଥିକ ଦୁର୍ବଳ ଥିବା ଛାତ୍ର ଛାତ୍ରୀ ମାନଙ୍କୁ ସ୍କୁଲ ବ୍ୟାଗ ପ୍ରଦାନ କରିଥିଲେ । ସଭାପତି ଚେୟାରମ୍ୟାନଙ୍କ ଉଦେଶ୍ୟରେ ସ୍ୱାଗତ ଭାଷଣ ରଖିବା ସହିତ ଇନରହ୍ୱିଲ କ୍ଲବ ଉଦଳା ଶାଖାର କାର୍ଯ୍ୟଧାରା ସମ୍ପର୍କରେ ଅବଗତ କରାଇଥିଲେ । ସଂପାଦିକା ମିନାକ୍ଷୀ ପଟ୍ଟନାୟକ କ୍ଲବ ଦ୍ୱାରା ସଂପାଦିତ ସମସ୍ତ ପ୍ରଜେକ୍ଟ ସମ୍ପର୍କରେ ତାଙ୍କର ଅଭିଭାଷଣ ରଖିଥିଲେ । ଏହାପରେ ଭିଡ଼ିଓ ପ୍ଲେ ପ୍ରଜେକ୍ଟର ମାଧ୍ୟମରେ ସମସ୍ତ କାର୍ଯ୍ୟକ୍ରମକୁ ଦେଖାଇଥିଲେ । ଚେୟାରମ୍ୟାନ ମନିଷା ଶ୍ରୀବାସ୍ତବ ତାଙ୍କ ବକ୍ତବ୍ୟରେ କହିଲେ ଆମେ ଆମ ସେବା ମାଧ୍ୟମରେ ସମାଜର ତଳ ଶ୍ରେଣୀରେ ଥିବା ବ୍ୟକ୍ତି ଏବଂ ବୃଦ୍ଧ ବୃଦ୍ଧା ମାନଙ୍କ ମୁହଁରେ ହସ ଫୁଟାଇବା ଉଚିତ ମହିଳା ମାନଙ୍କୁ ସସକ୍ତ କରିବା ପାଇଁ ସହଯୋଗର ହାତ ବଢ଼ାଇବାକୁ ସେ କହିଥିଲେ । ସମାଜକୁ ନିଶାମୁକ୍ତ କରିବା ପାଇଁ ସେ ସମସ୍ତେ ନିଜ ନିଜ ତରଫରୁ ଉଦ୍ୟମ କରିବାକୁ ସେ ଆହ୍ୱାନ ଦେଇଥିଲେ ଏହାପରେ ନୂତନ ସଦସ୍ୟଙ୍କୁ ସ୍ୱାଗତ କରାଯିବା ସହିତ ଚେୟାରମ୍ୟାନଙ୍କୁ ଏକ ସ୍ମାରକ ଫଳକ ପ୍ରଦାନ କରାଯାଇଥିଲା । ଶେଷରେ ପୂର୍ବତନ ସଭାପତି ରାଜଲକ୍ଷ୍ମୀ ମହାନ୍ତି ବନ୍ଧୁତ୍ୱ ଓ ସେବା ମାଧମରେ ଇନରହ୍ୱିଲ କିପରି ଆଗକୁ ଗତି କରୁଛି ସେ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ । ଏହାପରେ ସାମୂହିକ ଜାତୀୟ ସଂଗୀତ ଗାନ ପୂର୍ବକ କାର୍ଯ୍ୟକ୍ରମର ଯବନିକା ପଡ଼ିଥିଲା । କାର୍ଯ୍ୟକ୍ରମକୁ ସଫଳ କରିବାରେ ଉପସଭାପତି ମମତା ମହାନ୍ତି, ଆଇଏସ୍‌ଓ ଅରୁପମା ମହାପାତ୍ର, କୋଷାଧକ୍ଷ ଗୀତାଶ୍ରୀ ରାୟ, ସିସିସି ସୁଜାତା ବିଶ୍ୱାଳ, ଚୌଧୁରୀ, ପ୍ରମୁଖ ସହଯୋଗ କରିଥିଲେ ।

## ସ୍ମାର୍ଟ ହେଲଥ୍ କାର୍ଡ ବାଂଟିଲେ ଜଙ୍ଗଲ ମନ୍ତ୍ରୀ

ଭୁବନେଶ୍ୱର,୨୧/୦୮ (ନି.ପ୍ର): ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ସଂସଦୀୟ ବ୍ୟପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକ୍ ରେ ହିତାଧିକାରୀମାନଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ ହେଲଥ୍ କାର୍ଡ ବିତରଣ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ମିଶନ ଶକ୍ତି ଉପଦେଷ୍ଟା ନାରୀନେତ୍ରୀ ଲୋପାମୁଦ୍ରା ବକ୍ସିପାତ୍ର, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଓ ଅନ୍ୟ ଲୋକପ୍ରତିନିଧିମାନଙ୍କ ସମେତ ଉପଜିଲ୍ଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନର ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।




❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo